

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୯୪ ● ୨୨ ନଭେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-294 ● 22nd November 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟ କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ମଞ୍ଜୁରୀ

# ଗଠନ ହେବ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ

**ଭୁବନେଶ୍ୱର, ୨୧।୧୧**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ୩୦ ତମ ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୋଟ ୯ ଟି ବିଭାଗର ୧୨ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା ।ତନ୍ମଧ୍ୟରେ ଗୋଟିଏ ପ୍ରସ୍ତାବ ସପ୍ତଦଶ ବିଧାନ ସଭାର ଆଗାମୀ ୫ମ ଅଧିବେଶନ ଅନୁଷ୍ଠିତ ହେବା ସମ୍ପର୍କିତ ଥିଲା । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ମୁଖ୍ୟ ଶାସନ ସଚିବ କହିଥିଲେ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୟୁନିଫର୍ମ ସର୍ଭିସ୍ ପାଇଁ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ କରାଯିବ । ଏହି କମିଟିରେ ଜଣେ ଅଧ୍ୟକ୍ଷ ଓ ୨ ସଦସ୍ୟ ରହିବେ । ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ।



ଓଡ଼ିଶା ପୋଲିସ୍ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି, ବିଭିନ୍ନ ବୋର୍ଡ ମାଧ୍ୟମରେ ପରିଚାଳିତ ହେଉଛି । ଏଥି ଯୋଗୁ ନିଯୁକ୍ତି ପରୀକ୍ଷାରେ ଅସ୍ୱାଭାବିକ ବିଳମ୍ବ ଏବଂ ଅନିୟମିତତା ଦେଖାଦେଇଛି । ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନାମରେ ଏକ ସ୍ୱତନ୍ତ୍ର ନିଯୁକ୍ତିସଂସ୍ଥା ଗଠନ କରାଯିବା ପ୍ରସ୍ତାବିତ ହୋଇଛି । ଯାହା ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ । ଏହି ଆୟୋଗ ଗଠନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାର ସମସ୍ତ ୟୁନିଫର୍ମ ସେବାରେ ସମୟୋଚିତ, ଗଚ୍ଛ, ଦକ୍ଷ ଏବଂ ଯୋଗ୍ୟତା ଭିତ୍ତିକ *(ପୃଷ୍ଠା ୭ରେ)*

# ଅନୁପ୍ରବେଶକାରୀଙ୍କୁ ଦେଶରୁ ବହିଷ୍କାର କରାଯିବ

**ଭୁଜ, ୨୧।୧୧**

କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ଅନୁପ୍ରବେଶକାରୀଙ୍କୁ ରୋକିବା ଅତ୍ୟନ୍ତ ଜରୁରୀ । ଏହାକୁ ହାସଲ କରିବା ପାଇଁ, ନାଗରିକମାନେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବା ଉଚିତ ।



ଗୁଜରାଟର ଭୁଜରେ ସୀମା ସୁରକ୍ଷା ବାହିନୀର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ଗୃହମନ୍ତ୍ରୀ ଶାହ କହିଛନ୍ତି ଯେ ରାଜନୈତିକ ଲାଭ ପାଇଁ ଏସଆଇଆରକୁ ବିରୋଧ କରୁଥିବା ଦଳଗୁଡ଼ିକ ଦେଶର ଭୋଟର ତାଲିକା ଶୁଦ୍ଧିକରଣ ଅଭିଯାନକୁ ଦୁର୍ବଳ କରୁଛନ୍ତି, ଯେତେବେଳେ ଏହି ପ୍ରକ୍ରିୟା ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ।

ଶାହ କହିଛନ୍ତି ଯେ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ବାଛି ବାଛି ଦେଶରୁ ବାହାର କରାଯିବ । ବିହାରର ଲୋକଙ୍କ ସାମ୍ପ୍ରତିକ ଜନମତ ମଧ୍ୟ ଏକ ବାର୍ତ୍ତା ଦେଇଛି ଯେ ଦେଶ କୌଣସି ମୂଲ୍ୟରେ ଅନୁପ୍ରବେଶକାରୀଙ୍କୁ ଗ୍ରହଣ କରିବ ନାହିଁ । ସେ ଜୋର ଦେଇ କହିଛନ୍ତି ଯେ କେବଳ ଭାରତୀୟ ନାଗରିକମାନେ ଏହି ଦେଶର ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ବାଛିବେ । କୌଣସି ଅନୁପ୍ରବେଶକାରୀର ଗଣତାନ୍ତ୍ରିକ ବ୍ୟବସ୍ଥାକୁ କଳୁଷିତ କରିବାର ଅଧିକାର ନାହିଁ ।

ଗୃହମନ୍ତ୍ରୀ କହିଛନ୍ତି ଯେ ଏସ୍ଆଇଆର ପ୍ରକ୍ରିୟା ଗଣତନ୍ତ୍ରକୁ ଅନୁପ୍ରବେଶରୁ ମୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ତେଣୁ ଦେଶର ଜନସାଧାରଣ ସକ୍ରିୟ ଭାବରେ ସହଯୋଗ କରିବା ଉଚିତ । ସେ ଚେତାବନୀ ଦେଇଛନ୍ତି ଯେ ଏହି ପ୍ରକ୍ରିୟାକୁ ବିରୋଧ କରୁଥିବା ରାଜନୈତିକ ଦଳଗୁଡ଼ିକ ଜାତୀୟ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରୁଛନ୍ତି, କିନ୍ତୁ ସରକାର ତାଙ୍କ ସଂକଳ୍ପରୁ ପଛଘୁଞ୍ଚା ଦେବେ ନାହିଁ ।

# ନୂଆ ଲେବର କୋଡ ଲାଗୁ କଲେ କେନ୍ଦ୍ର ସରକାର : ଶ୍ରମିକ-କର୍ମଚାରୀଙ୍କୁ ମିଳିବ ଫାଇଦା

**ନୂଆଦିଲ୍ଲୀ, ୨୧।୧୧**

କେନ୍ଦ୍ର ସରକାର ୨୧ ନଭେମ୍ବରରୁ ସାରା ଦେଶରେ ଚାରୋଟି ନୂଆ ଲେବର୍ କୋଡ୍ ଲାଗୁ କରିଛନ୍ତି । ଏଥିରେ ସର୍ବନିମ୍ନ ଦରମା, ନିଯୁକ୍ତି ପତ୍ର, ସମାନ କାମକୁ ସମାନ ଦରମା,ସାମାଜିକ ସୁରକ୍ଷା , ଓଭଟାଇମ୍ କଲେ ଦୁଇ ଗୁଣା ଦରମା, ଫିକ୍ସ ଟର୍ମ ଗ୍ରାଚ୍ୟୁଟି ଏବଂ ଅସୁରକ୍ଷିତ ସ୍ଥାନରେ ଶତପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ।



ଏହା ଦେଶର ଶ୍ରମିକମାନଙ୍କ ସୁରକ୍ଷା ପାଇଁ ସବୁଠାରୁ ବଡ ପଦକ୍ଷେପ ବୋଲି କୁହାଯାଇଛି । ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ୪୦ ବର୍ଷରୁ ଅଧିକ ଶ୍ରମିକମାନଙ୍କ ପାଇଁ ପ୍ରତିବର୍ଷ ସ୍ୱାସ୍ଥ୍ୟ ଯାଞ୍ଚ ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଶୋଷଣ ହ୍ରାସପାଇବ ।

କର୍ମଚାରୀ ଏବଂ ଶ୍ରମିକଙ୍କୁ ଠିକ୍ ସମୟରେ ଦରମା ଦିଆଯିବ । କୌଣସି କମ୍ପାନୀ ବା ନିଯୁକ୍ତିଦାତା ଦରମା ରୋକିବା ସହଜ ହେବ ନାହିଁ । ସମସ୍ତ ଯୁବ ବର୍ଗଙ୍କୁ ନିଯୁକ୍ତି ପତ୍ର ଅନିବାର୍ଯ୍ୟ କରାଯାଇଛି । ଚାକିରିରେ ଯୋଗଦେବା ମାତ୍ରେ ନିଯୁକ୍ତିପତ୍ର ଦିଆଯିବ । ମହିଳାମାନଙ୍କୁ ସମାନ କାମକୁ ସମାନ ଦରମା ଦିଆଯିବ । ଲିଙ୍ଗଗତ ଅସମାନତାକୁ ସମାପ୍ତ କରାଯାଇଛି । ୪୦ କୋଟି ଶ୍ରମିକଙ୍କ ପାଇଁ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମାଓବାଦୀ ହତ୍ୟାକୁ ବିରୋଧ, ୨୩ରେ ଭାରତ ବନ୍ଦ ।
- ଭାରତ ପ୍ରଥମ ଥର ଯୁକ୍ତରାଷ୍ଟ୍ରରୁ ବହୁ ପରିମାଣର ଏଲ୍‌ପିଜି କ୍ରୟ ସମ୍ମତି କଲା ।
- ଚାଣକ୍ୟପୁରୀ ବିଦ୍ୟାଳୟରେ ବୋମା ଧମକ : ଯାଞ୍ଚ ବେଳେ କୌଣସି ବିସ୍ଫୋରକ ମିଳିଲା ନାହିଁ ।
- ଭୁବନେଶ୍ୱରର ରାତିର ତାପମାତ୍ରା ଦୁଇ ଦିନରେ ଛଅ ଦଶମିକ ଛଅ ଡିଗ୍ରୀ ବଢ଼ିଲା ।
- ଗଞ୍ଜାମ ଜିଲ୍ଲାର ଗାଁରେ ୨୮ ବର୍ଷ ପରେ ବିଦ୍ୟୁତ୍ ପହଞ୍ଚିଲା ।
- ଜଗତସିଂହପୁରରେ ସନ୍ଦେହଭାଜନ ବାଂଲାଦେଶୀ ଅବୈଧ ଘର ଉଚ୍ଛେଦ ।
- ନୟାଗଡ଼ର ମୃତକ ରାଜକିଶୋରଙ୍କ ପରିବାର ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।
- ୨୦ ବର୍ଷ ପରେ ବଦଳିଲେ ଗୃହବିଭାଗ ମନ୍ତ୍ରୀ -ନୀତିଶଙ୍କ ଠାରୁ ସମ୍ରାଟ ନେଲେ ଦାୟିତ୍ୱ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୯୮ (-୨୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୬୫ (-୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୨୯୯ (-୨୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୬୧ (-୧୨)

# ଅକ୍ଷୟ ତୃତୀୟା ପୂର୍ବରୁ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି

**ପୁରୀ, ୨୧।୧୧**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ନୀତି କମ୍ ଥିବା ସମୟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ହେବ । ଗଣତି ମଣତି ପୂର୍ବରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ପ୍ରତ୍ୟେକ ରତ୍ନର ଟିକିନିଖି ହିସାବ ସହ ଡିଜିଟାଇଜେସନ ହେବ । କିନ୍ତୁ କେବେ ହେବ ତାହା ନିଷ୍ପତ୍ତି ହୋଇ ନାହିଁ । ବରଂ ଅକ୍ଷୟ ତୃତୀୟା ପୂର୍ବରୁ ସାରିବା ପାଇଁ ପରିଚାଳନା କମିଟି ସଦସ୍ୟ ପ୍ରସ୍ତାବ ଦେଇଛନ୍ତି । ମହାପ୍ରଭୁଙ୍କ ସୁନାବେଶ ପାଇଁ ଆବଶ୍ୟକ ହେଉଥିବା ଅଳଙ୍କାରର ଆଉ ଗୋଟିଏ ସେଟ୍ ପ୍ରସ୍ତୁତ କରାଯିବ । ଗଜପତି ଦିବ୍ୟ ସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର



କାର୍ଯ୍ୟାଳୟରେ ବସିଥିବା ପରିଚାଳନା କମିଟି ବୈଠକରେ ଗୁରୁବାର ଏଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଅର୍ଥ ସବ୍ କମିଟି ପ୍ରସ୍ତୁତ କରିଥିବା ୧୦୪ କୋଟିର ବଳକା ବଜେଟ ମଧ୍ୟ ଏହି ପରିଚାଳନା କମିଟି ବୈଠକରେ ଅନୁମୋଦିତ ହୋଇଛି ।

ଶ୍ରୀମନ୍ଦିର ସେବାୟତ ଗୁରୁକୁଳ ପ୍ରତିଷ୍ଠା ପାଇଁ ଘରୋଇ ସଂସ୍ଥା ସହ ହୋଇଥିବା ବୁଝାମଣା ବାତିଲ୍ ହେବ । ଜମିରୁ ଜବରଦଖଲ ଉଚ୍ଛେଦ ହେବା ସହ ଖୁବ୍‌ଶୀଘ୍ର ପାଚେରୀ ହେବ । ସେବାୟତ ପେନସନ ରାଶି ବୃଦ୍ଧି କରାଯାଇଛି । ସେବକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଥିବା ବେଳେ ବିବାହ ପାଇଁ କନ୍ୟାମାନଙ୍କୁ ଦିଆଯାଉଥିବା ରାଶି ୫୦ ହଜାରରୁ ୧ ଲକ୍ଷ କରାଯାଇଛି । ବ୍ରତ ପାଇଁ ଦିଆଯାଉଥିବା ୩୦ ହଜାରରୁ ୪୦ ହଜାରକୁ ବୃଦ୍ଧି କରାଯାଇଛି । *(ପୃଷ୍ଠା ୭ରେ)*

# ଦୁବାଇ ଏୟାର ସୋ'ରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ, ପାଇଲଟ୍ ମୃତ

**ଦୁବାଇ, ୨୧।୧୧**

ଦୁବାଇ ବିମାନ ସୋ'ରେ ଏକ ତେଜସ ବିମାନ ଉଡାଣ ବେଳ ଦୁର୍ଘଟଣା ଗ୍ରସ୍ତ ହୋଇ ଜଳିଯାଇଛି । ଏହି ବିମାନଟି ଆକାଶରୁ ହଠାତ୍ ତଳ ଆଡକୁ ଖସି ପଡିଥିଲା । ତଳେ ପଡିବା ପରେ ଏଥିରେ ବିସ୍ଫୋରଣ ହୋଇଥିଲା । ସ୍ଥାନୀୟ ସମୟ ଦିନ ୨ଟା ୧୦ରେ ଏହି ଦୁର୍ଘଟଣା ଘଟିଛି ।

ଏହିଦୁର୍ଘଟଣାରେ ପାଇଲଟ୍‌ଙ୍କ ମୃତ୍ୟୁ ହୋଇଛି । ଭାରତୀୟ ବାୟୁସେନା ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି ।

ପୂର୍ବରୁ ରାଜସ୍ଥାନ ଜୈସଲମେରରେ ଏକ ଦୁର୍ଘଟଣା ଘଟିଥିଲା । ୨୦୨୪ ମସିହାରେ



ତେଜସ୍ ଉଡାଣ ଭରିବା ସମୟରେ ଦୁର୍ଘଟଣା ହୋଇଥିଲା । ଏହି ଯୁଦ୍ଧ ବିମାନଟି ହାଲକା ଏବଂ ବହୁ କ୍ଷୀପ୍ରଗତିରେ ଯାଇପାରେ । ହିନ୍ଦୁସ୍ତାନ ଏରୋନଟିକାଲ୍ ଲିମିଟେଡ୍ , ହାଲ୍ ଏହାକୁ ବିକଶିତ କରିଛି । ଦୁବାଇରେ ଏବେ ଅନ୍ତର୍ଜାତୀୟ ଏୟାର ସୋ' *(ପୃଷ୍ଠା ୭ରେ)*

# ଉତ୍କଳ ମହତାବଙ୍କ ଆଦର୍ଶ ହିଁ ବିକଶିତ ଓଡ଼ିଶା ଗଠନରେ ଆମ ସରକାରଙ୍କ ମୂଳମନ୍ତ୍ର

**ଭୁବନେଶ୍ୱର, ୨୧।୧୧**
**ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୬ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଉତ୍କଳ ହରେକୃଷ୍ଣ ମହତାବ ଓଡ଼ିଶାବାସୀଙ୍କ ପାଇଁ କେବଳ ଏକ ନାମ ନୁହେଁ, ଏହା ବିକାଶ ପାଇଁ ଏକ ଚିନ୍ତାଧାରା ଓ ପ୍ରେରଣା ।



ସୂଚନା ଯୋଗ୍ୟ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡ଼. ହରେକୃଷ୍ଣ ମହତାବଙ୍କ ଜୀବନୀକୁ ଆଧାର କରି ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ଏବଂ ଡଃ ହରେକୃଷ୍ଣ ମହତାବ ସ୍ମାରକୀ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ମହତାବ ଓ ପ୍ରଜାତନ୍ତ୍ର ସମ୍ପାଦକୀୟ', 'ମହତାବ ଜୟନ୍ତୀ ସ୍ମାରକୀ ୨୦୨୫', 'ହରେକୃଷ୍ଣ ମହତାବ', 'ମହତାବ ଜୟନ୍ତୀ ସ୍ମାରକୀ' ପୁସ୍ତକ ମଧ୍ୟ ଉନ୍ମୋଚନ କରିଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମେ ଆଧୁନିକ ଓଡ଼ିଶାରେ *(ପୃଷ୍ଠା ୭ରେ)*

# ବିଶ୍ୱ ସୁନ୍ଦରୀ ହେଲେ ମେକ୍ସିକୋର ଫାତିମା



**ବ୍ୟାଙ୍ଗକକ୍, ୨୧।୧୧**

ମେକ୍ସିକୋର ଫାତିମା ବୋଶ ୨୦୨୫ ବର୍ଷ ପାଇଁ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି । ସେ ହେଉଛନ୍ତି ଏହାର *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ବାଭୁମା ଭାଇନା ଅପରାଜିତ
ଜାଣନ୍ତିନି ଜମା ହାରି
ଟେଷ୍ଟ ମୁକୁଟ ପିନ୍ଧି ବୁଲୁଥାନ୍ତି
ପ୍ରଶଂସାବି ଭୁରି ଭୁରି
ଯିବ କିବା ଚକ ଘୁରି
ଆଫ୍ରିକାଠୁ ଜିତି ଟିମ୍‌ଇଣ୍ଡିଆ
ଦେବ ଚମତ୍କାର କରି ।

# ବିଷ ବଳୟରେ ଦିଲ୍ଲୀ : ସ୍କୁଲ ବାହାରେ ହେବନି କୌଣସି ବି କାର୍ଯ୍ୟକଳାପ



**ନୂଆଦିଲ୍ଲୀ, ୨୧।୧୧**

ବିଷ ବଳୟ ପାଲଟିଛି ଦିଲ୍ଲୀ । ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳ ପୁଣିଥରେ ପ୍ରଦୂଷଣର ଭୟଙ୍କର କବଳରେ ଛନ୍ଦି ହୋଇ ରହିଛି । ଗତ କିଛି ଦିନ ହେବ ରାଜଧାନୀରେ ବାୟୁ ଗୁଣବତ୍ତା ଅତି ଖରାପ ସ୍ତରରେ ପହଞ୍ଚିଛି, ଯାହାକି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ବିଷାକ୍ତ ଧୂଆଁର ମୋଟା ଚାଦର ତଳେ ସମଗ୍ର ଦିଲ୍ଲୀ ରହିଥିବା ବେଳେ ସ୍କୁଲ ପିଲାଙ୍କୁ ନେଇ ଦିଲ୍ଲୀ ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି । ସ୍କୁଲର ସମସ୍ତ ବାହ୍ୟ କାର୍ଯ୍ୟକଳାପ କିମ୍ବା କ୍ରୀଡା କାର୍ଯ୍ୟକ୍ରମକୁ ବ୍ୟାନ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ ସରକାର ।

ବାୟୁ ଗୁଣବତ୍ତା ଗମ୍ଭୀର ହେବାରୁ ଦିଲ୍ଲୀ ସରକାର ଏସବୁ ସ୍କୁଲଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୀତ ଋତୁ କ୍ରୀଡାର ଋତୁ । ଏହି ସମୟରେ ବିଭିନ୍ନ ପ୍ରକାର କ୍ରୀଡା ମହୋତ୍ସବ ଏବଂ ବାର୍ଷିକ ଉତ୍ସବ ହୁଏ । ମାତ୍ର ଏଥର ଦିଲ୍ଲୀର ବାୟୁରେ ବିଷ ଭରି ରହିଥିବାରୁ ଏସବୁ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ଏବଂ ଡିସେମ୍ବର ମାସରେ ଏସବୁ କାର୍ଯ୍ୟକ୍ରମ ବନ୍ଦ ରହିବ ।

ସେପଟେ ପୂର୍ବରୁ ସୁପ୍ରିମକୋର୍ଟ ନଭେମ୍ବର ଏବଂ *(ପୃଷ୍ଠା ୭ରେ)*

# ୨୪ ଘଣ୍ଟାରେ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର, ୨୧।୧୧**
**ନ୍ୟୁଜ୍ ବ୍ୟୁରୋ**

ମାଲାକ୍କା ସମୁଦ୍ର ମଧ୍ୟ ଅଂଶରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ସମୁଦ୍ର ପତ୍ତନଠାରୁ ବାୟୁମଣ୍ଡଳରେ ୫.୮କି.ମି. ଉଚ୍ଚତା ପର୍ଯ୍ୟନ୍ତ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ୨୪ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗର ମଧ୍ୟ ଭାଗରେ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି । ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଅଗ୍ରସର



ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଅବପାତ ପ୍ରଭାବ କେତେଦୂର ଓଡ଼ିଶା ଉପରେ ପଡ଼ିବ, କେଉଁଆଡକୁ ମୁହାଁଇବ, ଓଡ଼ିଶାର କେଉଁ ଜିଲ୍ଲାରେ ବର୍ଷା ହେବ ତାକୁ ନେଇ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

ସମ୍ଭାବ୍ୟ ଅବପାତ ସାମୁଦ୍ରିକ ଝଡ଼ ରୂପ ନେବାର ସମ୍ଭାବନା ଥିବା *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ନଭେମ୍ବର, ଶନିବାର ୨୦୨୫





# ଚାନ୍ଦା ଆଦାୟ କରି ନାଗାବଳୀରେ କାଠପୋଲ ନିର୍ମାଣ କଲେ ଗ୍ରାମବାସୀ

**କଲ୍ୟାଣସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜୀବନକୁ ବାଜି ଲଗାଇ ନିତି ଜୀବନ ଜୀବିକା ସହ ସଂଘର୍ଷ କରିବାକୁ ପଡୁଛି ଗ୍ରାମବାସୀଙ୍କୁ। ଖାଲି ସେତିକି ନୁହେଁ, ପିଲାଙ୍କୁ ପଢ଼ିବା ପାଇଁ ଭରା ନଦୀ ପାର ହେବାକୁ ବି ସଂଘର୍ଷ କରିବାକୁ ପଡୁଛି। ବର୍ଷ ବର୍ଷ ଧରି ଏଭଳି ସମସ୍ୟାରେ ସନ୍ତୁଳି ହେଉଛନ୍ତି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ବ୍ଲକ ଶିକରପାଇ ପଞ୍ଚାୟତ ତଳସଜା ଓ ଉପର ସଜା ଗ୍ରାମବାସୀ। ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନାଗାବଳୀ ନଦୀରେ କାଠ ପୋଲ ନିର୍ମାଣ କରୁଛନ୍ତି। ନାଗାବଳୀ ନଦୀ ଗ୍ରାମ ପାଇଁ ଦୁଃଖ ସାଜିଛି। ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ଏହି ଗ୍ରାମବାସୀ ବର୍ଷାଦିନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଜଳବନ୍ଦୀ ଜୀବନ ବିତାଉଛନ୍ତି। ଏହି ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଭତ୍ତା ପାଇବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି ବୋଲି ଗ୍ରାମର ସୁରି ମିଣିଆକା କହିଛନ୍ତି।

ଜଣେ ଛାତ୍ର କୃଷ୍ଣ ମିଣିଆକା କହିଛନ୍ତି, ନଦୀ ଆରପଟେ ଥିବା ଶିକରପାଇ ବିଦ୍ୟାଳୟକୁ ପାଠ ପଢିବାକୁ ନିୟମିତ ଏଭଳି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛୁ। କିଛିଦିନ ତଳେ ନାଗାବଳୀ ନଦୀରେ ବନ୍ୟା ଆସିଥିବାରୁ ବିଦ୍ୟାଳୟ ଯିବା ବନ୍ଦ ହୋଇ ଯାଇଥିଲା। ଶିକ୍ଷା ଆହରଣରେ ପଛୁଆ ରହି ଯାଇଥିଲୁ। ଏବେ ବନ୍ୟାଜଳ ହ୍ରାସ ପାଇବାରୁ ନିୟମିତ ବିଦ୍ୟାଳୟକୁ ନଦୀ ପାର ହୋଇ ଯିବାକୁ ପଡୁଛି।

ପୂର୍ବରୁ ପ୍ରତିବର୍ଷ ଗ୍ରାମବାସୀ ଚାନ୍ଦା କରି ଜଙ୍ଗଲରୁ କାଠ ଆଣି ପୋଲ ନିର୍ମାଣ କରି ବିପଦ ସଂକୁଳ ଅବସ୍ଥାରେ ଯାଇଥାନ୍ତି। ବର୍ଷା ଋତୁରେ ପାଣି ଆସିଲେ ସେହି କାଠପୋଲ ଭାସିଯାଏ। ଏବେ ପୁଣି କାଠପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଗତ ବର୍ଷ ଗ୍ରାମବାସୀ କାଠ ପୋଲ ନିର୍ମାଣ କରି ଯାତାୟାତ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ନୋଏଣ୍ଟ୍ରି ଜୋନ୍ ଘୋଷଣା କରି ପୋଲରେ ଯିବା ଆସିବା ନ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିବନ୍ଧକ ଲଗାଇଥିଲା। ସରକାର ପୋଲ କରିବା ପାଇଁ ପ୍ରତିବର୍ଷ ଓ ପ୍ରତି ନିର୍ବାଚନରେ କେବଳ ପ୍ରତିଶ୍ରୁତି ମିଳୁଛି, କିନ୍ତୁ ପୋଲ ନିର୍ମାଣ କରାଯାଉନି। ଏହି ପୋଲ ବଦଳରେ ପ୍ରଶାସନ ତଳ ସଜାଠାରୁ କୋଟଲ ପଦର ଦେଇ ମାଝୀଗୁଡ଼ା ଯିବା ପାଇଁ ପକ୍କା ରାସ୍ତା ନିର୍ମାଣ କରିଛନ୍ତି ସତ, କିନ୍ତୁ ପାଠୁଆ ପିଲା, ଭତ୍ତା ପାଉଥିବା ବୃଦ୍ଧା ଓ ରୋଗୀଙ୍କଠାରୁ ଆରମ୍ଭ କରି ଶିଶୁ ଓ ଗର୍ଭବତୀ ମହିଳା ପର୍ଯ୍ୟନ୍ତ ମେଡିକାଲ, ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟକୁ ଯିବାପାଇଁ ୫ କି.ମି ବଦଳରେ ୨୦ କି.ମି ବୁଲିକି ଯିବାକୁ ପଡୁଛି। ତେଣୁ ଦୀର୍ଘ ୨୦ ବର୍ଷ ଧରି ଗ୍ରାମବାସୀ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। କିନ୍ତୁ ସରକାର ଶୁଣିଲେ ନାହିଁ। ଯାହା ଫଳରେ ଛାତ୍ରଛାତ୍ରୀଙ୍କୁ କାଠ ପୋଲରେ କେବେ ରସି ଲଗାଇ ଭରା ନଈ ପାର ହେଉଛନ୍ତି ତ କେତେବେଳେ ଗର୍ଭବତୀଙ୍କୁ ଷ୍ଟ୍ରେଚର ସାହାଯ୍ୟରେ ବୋହୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ସରକାର କେବେ ପୋଲଟିଏ କରିବେ। ଏମାନଙ୍କ ଦୁଃଖ କେବେ ଶୁଣିବେ ନା ଭରା ନଈରେ ତାର ଲଗାଇ କିମ୍ବା କାଠ ପୋଲ ନିର୍ମାଣ କରି ଜୀବନକୁ ବାଜି ଲଗାଇ ସଂଘର୍ଷ କରିବେ ତାହା ସରକାର ନିର୍ଣ୍ଣୟ କରିବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରମେଶ ନାୟକଙ୍କୁ ପଚାରିବାରୁ ସେ କହିଲେ, ନାଗାବଳୀ ନଦୀରେ କରାଯାଉଥିବା କାଠ ପୋଲ ବିଷୟରେ ଆମେ ଅବଗତ ନାହୁଁ। ଆମକୁ କେହି ସୂଚନା ଦେଇନାହାନ୍ତି। ଗତ ଥର କରିଥିବା କାଠ ପୋଲକୁ ଆମେ ବନ୍ଦ କରିଥିଲୁ। ଉକ୍ତ ଗ୍ରାମକୁ ପୋଲ ନିର୍ମାଣ ପାଇଁ ମାପଚୁପ କରି ସରକାରଙ୍କ ନିକଟକୁ ପଠାଇଛୁ। ସେହି ଠାରୁ ନିର୍ଦ୍ଦେଶ ଆସିଲେ ଟେଣ୍ଡର ମାଧ୍ୟମରେ ପୋଲ ନିର୍ମାଣ କରିବାକୁ ଦିଆଯିବ ବୋଲି କହିଛନ୍ତି।

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଅସିଷ୍ଟାଣ୍ଟ ସସ୍ମିତା ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗର ଅଧିକାରୀମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। ସୋଲାର ୟୁନିଟ ଖରାପ ହୋଇଥିବାରୁ ପାନିୟ ଜଳର ସମସ୍ୟା ଦେଖାଯାଇଛି। ତାହାର ସମାଧାନ ଦାବି କରିବା ସହ ଅଙ୍ଗନୱାଡ଼ି କେନ୍ଦ୍ର ମରାମତି କରିବାକୁ ଦାବି କରାଯାଇଛି। ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ଦାବି କରାଯାଇଛି। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରୀମାନେ ଉପସ୍ଥିତ ରହି ସଚେତନ କରିଥିଲେ। ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା।

## ଷ୍ଟେସନରୁ ୮ ଶ୍ରମିକ ଓ ୫ ଶିଶୁ ଉଦ୍ଧାର : ସର୍ଦ୍ଦାର ଗିରଫ



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ରେଳ ଷ୍ଟେସନ ଅଞ୍ଚଳରୁ ୮ଜଣ ଦାଦନ ଶ୍ରମିକଙ୍କ ସହ ୫ଜଣ ଶିଶୁ ସମୁଦାୟ ୧୩ ଜଣଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଶ୍ରମିକମାନଙ୍କୁ ଇଟାଭାଟିରେ କାର୍ଯ୍ୟ କରିବାକୁ ଆନ୍ଧ୍ରପ୍ରଦେଶ ଚାଲାଣ କରାଯିବା ସମୟରେ ପୁଲିସ ଟାସ୍କ ଫୋର୍ସ ଉଦ୍ଧାର କରିଥିଲା। ଶ୍ରମିକମାନେ ସମତା ଏକ୍ସପ୍ରେସରେ ଯିବା ଲାଗି ଅପେକ୍ଷା କରିଥିଲେ। ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରୁଥିବା ଜଣେ ସର୍ଦ୍ଦାରକୁ ପୁଲିସ ଗିରଫ କରିଛି। ସେ ହେଲେ ମୁରିବାହାଲ ଥାନା ଅନ୍ତର୍ଗତ ଇଚ୍ଛାପଡ଼ା ପଞ୍ଚାୟତ ସରଗୁଲ ଗାଁର ସୁଶୀଲ ବେଣ୍ଟକାର। ତାଙ୍କୁ ଗିରଫ କରି ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ଉଦ୍ଧାର ଶ୍ରମିକମାନେ ହେଲେ ବେଲପଡ଼ା ଥାନା ଖଲିପଦର ଓ ମୁରିବାହାଲ ଥାନା ସରଗୁଲ ଗାଁର ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା (୪୧୨/୨୫) ରୁଜୁ ହୋଇଛି। ସ୍ୱତନ୍ତ୍ର ପୁଲିସ ଇନ୍ସପେକ୍ଟର ପଞ୍ଚାନନ ନେଗୀ, ସହକାରୀ ଶ୍ରମ ଅଧିକାରୀ ତୁରକେଲା ଅଜୟ ମହାକୁଡ଼ ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ।

# ମାଛ, ଅଣ୍ଡା ଉତ୍ପାଦନରେ ଓଡ଼ିଶା ପଛରେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ଆମିଷ ଚାହିଦା କ୍ରମାଗତ ବୃଦ୍ଧି ପାଇଚାଲିଛି କିନ୍ତୁ ସେହି ଅନୁପାତରେ ଉତ୍ପାଦନ ବଢୁ ନାହିଁ। ବିଶେଷକରି ମାଛ ଓ ଅଣ୍ଡା ଉପରେ ଓଡ଼ିଶା ଆନ୍ଧ୍ରପ୍ରଦେଶ ଉପରେ ଆଜି ବି ନିର୍ଭରଶୀଳ। ଦୈନିକ ପ୍ରାୟ ୧୧୦ ମେଟ୍ରିକ୍ ଟନ୍ ମାଛ ଓ ୧୫ଲକ୍ଷ ଅଣ୍ଡା ଆମଦାନୀ ହେଉଛି। ଏହାର ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଥିଲେ ହେଁ ତାହା ପୂରାମାତ୍ରାରେ ସଫଳ ହୋଇପାରୁନି।

କାର୍ତ୍ତିକ ମାସ ଶେଷ ହେବାପରେ ଏବେ ରାଜ୍ୟରେ ଆମିଷ ଚାହିଦା ବହୁ ପରିମାଣରେ ବୃଦ୍ଧି ପାଇଛି। ଚାହିଦା ମୁତାବକ ସ୍ଥାନୀୟ ଅଞ୍ଚଳରେ ମାଛ ଓ ଅଣ୍ଡା ଉତ୍ପାଦନ ଯଥେଷ୍ଟ ହେଉନଥିବାରୁ ବାହାର ରାଜ୍ୟରୁ ଏହା ଆମଦାନୀ କରାଯାଉଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓଡ଼ିଶାର ଆମିଷ ଉପଭୋକ୍ତାଙ୍କ ଚାହିଦା ମେଣ୍ଟାଉଛି। ତଥ୍ୟ ଅନୁସାରେ, ଦୈନିକ ୧୧୦ ମେଟ୍ରିକ ଟନ୍ ଓ ବାର୍ଷିକ ୪୦ହଜାର ମେଟ୍ରିକ ଟନ୍ ମାଛ ଆମଦାନୀ ହେଉଛି। ଜନସଂଖ୍ୟା ବୃଦ୍ଧି ସହିତ ମାଛର ଚାହିଦା ଦିନକୁ ଦିନ ଅଧିକ ହେବାରେ ଲାଗିଛି। ୨୦୧୪-୧୫ରେ ୩୮, ୧୧୮ମେଟ୍ରିକ ଟନ୍ ଆମଦାନୀ ହୋଇଥିବା ବେଳେ ୨୦୧୯-୨୦ରେ ୪୬, ୨୭୩ ମେଟ୍ରିକ ଟନ୍ ମାଛ ବାହାରୁ ଆସିଥିଲା।

ଏହି ସମୟ ମଧ୍ୟରେ ରାଜ୍ୟରେ ମିଶନ ମୋଡ଼ରେ ମାଛ ଓ ଅଣ୍ଡା ଉତ୍ପାଦନ ପାଇଁ ପଦକ୍ଷେପ ନିଆଯିବାରୁ ୨୦୧୯ରୁ ୨୦୨୪ ମଧ୍ୟରେ ପାଖାପାଖି ୨୮ପ୍ରତିଶତ ହ୍ରାସ ଘଟିଥିଲା। ଏହି ସମୟ ମଧ୍ୟରେ ସ୍ଥାନୀୟ ମାଛ ଉତ୍ପାଦନ ୮.୨ଲକ୍ଷ ଟନ୍ ଠାରୁ ବୃଦ୍ଧି ପାଇ ୧୧.୨ ଲକ୍ଷ ଟନ୍‌ରେ ପହଞ୍ଚିଥିଲା। ଉତ୍ପାଦନ ବୃଦ୍ଧି ପରେ ବି କେବଳ କଟକ ଜିଲ୍ଲାକୁ ପ୍ରତିଦିନ ଆନ୍ଧ୍ରରୁ ୨୦ ଟନ୍ ମାଛ ଆସୁଛି। ସେହିଭଳି ରାଜ୍ୟରେ ଅଣ୍ଡା ଉତ୍ପାଦନ ଓ ଚାହିଦା ମଧ୍ୟରେ ବଡ଼ ଫରକ ରହିଛି। ଏହି ଚାହିଦାକୁ ମେଣ୍ଟାଇବା ପାଇଁ ପ୍ରତିଦିନ ୧୫ ଲକ୍ଷ ଅଣ୍ଡା ବାହାର ରାଜ୍ୟରୁ ଆସୁଛି। ରାଜ୍ୟ ସରକାରଙ୍କ ଉଦ୍ୟମ ଓ ବିଭିନ୍ନ ଯୋଜନା ଯୋଗୁଁ ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ଆସିଥିଲେ ସୁଦ୍ଧା ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଉନି।

ମାଛ ଓ ଅଣ୍ଡା ଉତ୍ପାଦନରେ ବୃଦ୍ଧି ପାଇଁ ସରକାର ୨୦୧୫ରେ ଓଡ଼ିଶା ମତ୍ସ୍ୟନୀତି ପ୍ରଣୟନ କରିଥିଲା। ଏହା ମାଧ୍ୟମରେ ରାଜ୍ୟରେ ବାର୍ଷିକ ୩୦ କୋଟି ମାଛ ଯାଆଁଳ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେହିଭଳି ମତ୍ସ୍ୟଚାଷୀଙ୍କ ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଜନା କରାଯାଇଥିଲା। ୨୦୨୪-୨୫ରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ହାତକୁ ନିଆଯାଇଥିଲା। ଏହା ମାଧ୍ୟମରେ ରାଜ୍ୟର ୭ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨, ୨୩୯କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ସେହିଭଳି ମତ୍ସ୍ୟ ପୋଖରୀ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହ ପ୍ରଶିକ୍ଷଣ, ମାଛ ରୋଗ ନିରାକରଣ ଓ ବିକ୍ରି ପାଇଁ ସହଯୋଗ କରାଯାଉଛି। ପୋଖରୀ ସଂଖ୍ୟା ବୃଦ୍ଧି ପାଇବାରୁ ରାଜ୍ୟରେ ମାଛ ଉତ୍ପାଦନ ବଢ଼ିଛି।

ତୁଳନାତ୍ମକ ଭାବେ ଦେଖିଲେ, ୨୦୦୦ରୁ ୨୦୦୧ରେ ରାଜ୍ୟରେ ୨.୬ ଲକ୍ଷ ଟନ୍ ମାଛ ଉତ୍ପାଦନ ହୋଇଥିବା ବେଳେ ୨୦୨୪-୨୫ରେ ୧୧ ଲକ୍ଷ ଟନ୍‌ରେ ପହଞ୍ଚିଛି। ସେହିଭଳି ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଏସଏଚଜି ମହିଳାଙ୍କୁ ସ୍ୱତନ୍ତ୍ର ଭାବେ ସହାୟତା ପ୍ରଦାନ କରାଯାଉଛି। କୁକୁଡ଼ା ଚାଷ ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବେଳେ ଉନ୍ନତମାନର କୁକୁଡ଼ା ଛୁଆ, କୁକୁଡ଼ା ଖାଦ୍ୟ ଓ ରୋଗ ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ବେକାର ଯୁବକ ଯୁବତୀଙ୍କୁ ମାଛ ଓ ଅଣ୍ଡା ଉତ୍ପାଦନ ପାଇଁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଥିବାରୁ ସ୍ଥାନୀୟ ଉତ୍ପାଦନରେ ବହୁ ପରିମାଣରେ ବୃଦ୍ଧି ଘଟିଛି। ତଥାପି ଓଡ଼ିଶା ବାହାର ରାଜ୍ୟ ଉପରେ ଏବେବି ନିର୍ଭର କରୁଛି।

## ୩୦ରୁ ଜୟପୁର ବ୍ଲକ ସ୍ତରୀୟ ପରବ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବ୍ଲକ ସ୍ତରିୟ ପରବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦଙ୍କ ସହ ପରବ କମଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖରେ ବ୍ଲକ ସ୍ତରୀୟ ପରବ ଶୁଭ ଉଦ୍‌ଘାଟନ ହେବ। ଚଳିତ ବର୍ଷ ମା' ଜଗତଜନନି ମନ୍ଦିରରେ ଶୁଭଉଦ୍‌ଘାନ ହେବ। ମା'ଙ୍କ ନିକଟରେ ପୂଜା ପାଠ ପରେ ମଶାଲ ଶୋଭାଯାତ୍ରା ବାହାରିବ। ବ୍ଲକ ସ୍ତରୀୟ ପରବ ନେଇ ୧୨ ଟି ଗଠନ କରାଯାଇଛି। ଜୟପୁର ବ୍ଲକ ସ୍ତିରୟ ପରବ ଯେପରି ଧୂମ୍‌ଧାମ୍‌ରେ ହୋଇ ପାରିବ ସେ ନେଇ ନିଷ୍ପତ୍ତି ହୋଇଛି।

## ମୋବାଇଲ ଟାୱାର ପାଇଁ ରାସ୍ତା ଅବରୋଧ କଲେ ପଞ୍ଚାୟତବାସୀ

**ରାଇକିଆ, ନ୍ୟୁଜ୍ ବ୍ୟୁରୋ**



ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତବାସୀ ବିଏସ୍‌ଏନ୍‌ଏଲ୍ ସେବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ସେବା ମିଳି ପାରିନାହିଁ। ଇଣ୍ଟରନେଟ୍ ଯୁଗରେ ଲୋକେ ମୋବାଇଲ ଭଳି ସାଧାରଣ ସୁବିଧା ପାଇ ପାରିନାହାନ୍ତି। ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ମାଣିକେଶ୍ୱର ପଞ୍ଚାୟତବାସୀ ମୁଖ୍ୟ ରାସ୍ତାରୋକ କରିବା ସହ ଆନ୍ଦୋଳନ କରିଥିଲେ। ଖବରପାଇ ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ଏବଂ କନ୍ଧମାଳ ସାଂସଦ ପ୍ରତିନିଧି ତଥା ଟେଲିଫୋନ ଆଡ୍‌ଭାଇଜର କମିଟି ସଦସ୍ୟ ସନ୍ତୋଷ ଲେଙ୍କା ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ପଞ୍ଚାୟତବାସୀ ଆନ୍ଦୋଳନରୁ ଓହରିଥିଲେ। ମାଣିକେଶ୍ୱରଠାରେ ତୁରନ୍ତ ସେବା ଆରମ୍ଭ ହେଇଥିବା ବେଳେ ବରେପାଙ୍ଗାରେ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଲେଙ୍କା କହିଛନ୍ତି।

### ଭିକ ମାଗୁଥିବା ଜଣେ ସୁମତିଙ୍କ କାହାଣୀ

# ପୁଅର ଶୁଦ୍ଧି ପାଇଁ ୧ ଲକ୍ଷ ଟଙ୍କାରେ ବନ୍ଧା ପଡ଼ିଛି 'ଆବାସ'

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

'ବାବୁମାନେ କିଛି ଦିଅ। ପୁଅ ମରି ଯାଇଛି। ତା' ମଲା ପରେ ପାଖରେ ଟଙ୍କାଟିଏ ନାହିଁ। ଖାଇବାକୁ ବି ପାଖରେ କିଛି ନାହିଁ। ଆଗରୁ ଯାହା ଥିଲା ପୁଅର ଚିକିତ୍ସାରେ ଖର୍ଚ୍ଚ କରି ଦେଇଥିଲି। ତା'ର ଶୁଦ୍ଧିକ୍ରିୟା ପାଇଁ ଅଭାବ ପଡ଼ିଲା। ସରକାର ଦେଇଥିବା ଆବାସକୁ ୧ ଲକ୍ଷ ଟଙ୍କାରେ ବନ୍ଧା ପକାଇ ପୁଅର ଶେଷକୃତ୍ୟ ଓ ଶୁଦ୍ଧିକ୍ରିୟା କରିଛି। ପାଖରେ ଆଉ କିଛି ନାହିଁ...ଭିକ୍ଷା ମାଗି ଚଳୁଛି ବାବୁ...।'

ବଲାଙ୍ଗିର ସରକାରୀ ବସ୍‌ଷ୍ଟାଣ୍ଡର ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତା କଡ଼ ଖବରକାଗଜ ବିକ୍ରୟ କେନ୍ଦ୍ରରେ ଜମିଥିଲା ସାମ୍ବାଦିକଙ୍କ ସ୍ୱାଭାବିକ ଭିଡ଼। ହଠାତ୍ ଜଣେ ଜରାଜୀର୍ଣ୍ଣ ବୃଦ୍ଧା ପହଞ୍ଚି ଏକା ରାହାରେ କହିଗଲେ। ତାଙ୍କ ନାଁ ସୁମତି ବିଶି (୭୫), ଘର ବଲାଙ୍ଗିର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ତୁଳସୀନଗରରେ। ସ୍ୱର୍ଗତ ବିରଞ୍ଚି ବିଶିଙ୍କ ପତ୍ନୀ ସୁମତି ଏକମାତ୍ର ପୁଅ ସୁମନ୍ତ ବିଶି (୫୦) ଓ ବୋହୂ ସାବିତ୍ରୀ ସହ ରହୁଥିଲେ। ସୁମନ୍ତଙ୍କ ୨ ପୁଅ ଅଜୁ ଓ ବିଜୁ। ଶ୍ରମିକ ଭାବେ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ସୁମନ୍ତଙ୍କ ପତ୍ନୀ ସାବିତ୍ରୀ ପ୍ରାୟ ୧୦ ବର୍ଷ ତଳେ ପରିବାର ଛାଡ଼ି ଅନ୍ୟତ୍ର ଚାଲି ଯାଇଥିଲେ। ତାଙ୍କରେ କାଳେ ମୃତ୍ୟୁ ହୋଇ ସାରିଥିବା ସୁମତି କହୁଥିଲେ। ପୁଅ ବିରଞ୍ଚି ୪ ମାସ ତଳେ ଦୁର୍ଘଟଣାଗ୍ରସ୍ତ ହୋଇ ଦୀର୍ଘ ଦିନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତାଙ୍କର ଡାହାଣ ଗୋଡ଼ କାଟିବାକୁ ପଡ଼ିଥିଲା। ସୁସ୍ଥ ହେବାପରେ ତାଙ୍କୁ କୃତ୍ରିମ ଗୋଡ଼ ଓ ଆଶାବାଡ଼ି ଯୋଗାଇ ଦେବାକୁ ଡାକ୍ତରଖାନା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା; ତେବେ ଗତ ଅକ୍ଟୋବର ୧୭ରେ ପୁନର୍ବାର ଅସୁସ୍ଥତାରୁ ଚିକିତ୍ସାଧୀନ



ଅବସ୍ଥାରେ ସୁମନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଯେଉଁଠୁ ଯେମିତି ଯୋଗାଡ଼ କରି ପୁଅର ଚିକିତ୍ସା ଖର୍ଚ୍ଚ ତୁଲାଇଥିଲେ ସେ।

ମୃତଦେହ ଘରକୁ ଆଣିବା ପାଇଁ ବି ଅର୍ଥ ନଥିଲା; ତେବେ ବଡ଼ କଷ୍ଟରେ ଘରକୁ ଆଣି ଶେଷକୃତ୍ୟ କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ବାଧ୍ୟ ହୋଇ ରହୁଥିବା 'ଆବାସ' ଘରକୁ ୧ ଲକ୍ଷ ଟଙ୍କାରେ ବନ୍ଧା ପକାଇ ଦେଇଥିଲେ। ପୁଅର ମୃତ୍ୟୁ ପରେ ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ସାନପୁଅ ଘରେ ପହଞ୍ଚିଛି। ମିଳୁଥିବା ୧ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ୫ କେଜି ଚାଉଳରେ ମାସେ ଚଳିବା ଅସମ୍ଭବ ହେଉଛି। ବାଧ୍ୟ ହୋଇ ସେ ସହରରେ ବୁଲି ବୁଲି ଭିକ୍ଷା ମାଗୁଛନ୍ତି ବୋଲି ବୃଦ୍ଧା ସୁମତି କୋହଭରା କଣ୍ଠରେ କହିଥିଲେ।

ସ୍ୱାମୀ ଚାଲିଗଲେ, ବୋହୂ ବି ଗଲେ। ଆଶା ବାଡ଼ି ସାଜିଥିବା ପୁଅ ଯନ୍ତ୍ରଣା ଜର୍ଜରିତ ହୋଇ ଆଖି ବୁଜିଲା। ବିଚରା ସୁମତି ବେସାହାରା ହୋଇଗଲେ। ଯେଉଁ ଆବାସ ଘରଟିରେ ମୁଣ୍ଡ ଗୁଞ୍ଜୁଥିଲେ ତା'ର ଭବିଷ୍ୟତ ବି ଅନିଶ୍ଚିତ। ଏ ହେଉଛି ଭାତ ହାଣ୍ଡିରୁ ଗୋଟିଏ ପରଖିବା ପରି ସହରର ଗହଳି ମଧ୍ୟରେ ଅନେକ ସୁମତି ମଧ୍ୟରୁ ଜଣେ ସୁମତିଙ୍କ କାହାଣୀ।

# ଖାଉଟି ଓ ଚାଷୀମାନଙ୍କ ପାଇଁ ଖୋଲିଲା ପରିବା ବଜାର

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ଭୁବନ ଏନଏସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ରଗଡି ଛକ ଠାରେ ଗତ ମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ପରିବା ବଜାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ପରିବା ମାର୍କେଟକୁ ଉଦ୍‌ଘାଟନ କରିଥିଲେ। ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିବା ଭୁବନ ଏନ୍‌ଏସିରେ ଦୀର୍ଘ ୫୦ ବର୍ଷ ପରେ ସ୍ଥାୟୀ ପରିବା ବଜାର ନଥିବା ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ରଗଡ଼ି ଛକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପର୍ଯ୍ୟାପ୍ତ ସରକାରୀ ଜମିକୁ ନିୟନ୍ତ୍ରଣକୁ ଆଣି ବାଲି ଫିଲିଂ, ସାଇଡ ୱାଲ, ପେଭର ବିଛାଇ ପ୍ରଥମେ ୨୭ ଟି କ୍ୟାବିନ ପକାଇ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରିଥିଲେ। ପରିବା ବଜାର ପାଇଁ ପ୍ରାଥମିକ କାର୍ଯ୍ୟ ଶେଷ ହେବା ପରେ ଚାଷୀମାନଙ୍କ ପାଇଁ ୩ଟି ପିଣ୍ଡି ନିର୍ମାଣ କରିଥିଲେ। ଏହାବାଦ୍ ଗ୍ରାହକଙ୍କ ସୁବିଧା ପାଇଁ ଏକ ଆମିନିଟି ସେଣ୍ଟର ଏବଂ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖୀ କୋଠାଘର (ମଲ୍ଟି ପର୍ପୋଜ ହଲ) ନିର୍ମାଣ କରିଥିଲେ। ପ୍ରାୟ ବର୍ଷକ ପୂର୍ବେ ଏହି ପରିବା ବଜାର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସରକାର ପରିବର୍ତ୍ତନ ଯୋଗୁ ଉଦ୍‌ଘାଟନ ହୋଇପାରିନଥିଲା। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନେଇ ଭୁବନରେ ଏବେ ଏନଏସି ଅଫିସ ସମ୍ମୁଖରେ ଗୋଟିଏ ଏବଂ ରଗଡ଼ି ଛକରେ ଗୋଟିଏ ସମୁଦାୟ ଦୁଇଟି ପରିବା ମାର୍କେଟ ହୋଇଥିବାରୁ ଜନସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

## ପାଠପଢାରୁ ବଞ୍ଚିତ ୩ ଶିଶୁ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଧାର କାର୍ଡ ଏବଂ ଜନ୍ମ ପ୍ରମାଣ ପତ୍ର ନଥିବାରୁ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତ କେନ୍ଦୁଗୁଡାଗାଁର ୩ଶିଶୁ ପାଠପଢ଼ା ଏବଂ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। କେନ୍ଦୁଗୁଡ଼ା ଗାଁର ବୁଧୁବାରି ମାଝୀଙ୍କ ଝିଅ ଇଛା ମାଝୀ (୧୦) ଏବଂ ପୁଅ ଗଜିନ୍ଦ୍ର ମାଝୀ (୭), ତ୍ରିନାଥ ମାଝୀଙ୍କ ଝିଅ ଅଞ୍ଜନା ମାଝୀ (୬) ଆଧାରକାର୍ଡ ନଥିବାରୁ ସ୍କୁଲ ଶିକ୍ଷାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡ଼ିରୁ ରିପୋର୍ଟ ଯାଉଛି କିନ୍ତୁ ଜନ୍ମ ପ୍ରମାଣପତ୍ର ମିଳିପାରିଲା ନାହିଁ। ଜନ୍ମ ପ୍ରମାଣପତ୍ର ନଥିବାରୁ ତାଙ୍କର ଆଧାର କାର୍ଡ ହୋଇ ପାରିନାହିଁ। ଆଧାର କାର୍ଡ ନଥିବାରୁ ସେମାନଙ୍କୁ ଚାଉଳ ମଧ୍ୟ ମିଳୁ ନାହିଁ। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଏନେଇ ବିଡିଓ ତଥା ଅନେକ ଥର ସମିତି ମିଟିଂରେ କହିଛି କିନ୍ତୁ କିଛି ସମାଧାନ ହୋଇନାହିଁ ବୋଲି କହିଥିଲେ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଅସରନ୍ତି ଦୁଃଖର ଅନ୍ଧାରି ଉପତ୍ୟକା ତେଣ୍ଡା

**କପ୍ତିପଦା, ନ୍ୟୁଜ୍ ବ୍ୟୁରୋ**

ଆକାଶର ଆଉଟା କିରଣ ପଡ଼ିଲେ ତରତର ହୁଏ ତେଣ୍ଡା। ଅନ୍ଧାରର ଆଁ ଭିତରୁ ବାହାରି ଏଠାକାର ମଣିଷମାନେ ତଉଲନ୍ତି ଜୀବନକୁ। ଜୀବନ ଏଠି ଯାତନାମୟ। ଖରାଦିନରେ ଖଇରିଆ ଦିଶେ ଶୁଖୁଆପଟା ପାହାଡ଼ରେ ଥିବା ତେଣ୍ଡା ଗାଁ। ବର୍ଷା ହେଲେ ଚନ୍ଦନ ନାଳର ଉଜାଣି ଢ଼େଉ ଗାଁକୁ ଧମକାଏ। ମାଟି କାମୁଡ଼ି ପଡ଼ିରହିଥିବା ମଣିଷମାନଙ୍କର ମୁହଁକୁ ନିରୀକ୍ଷଣ କଲେ କେବଳ ଭୋକ ହିଁ ଭୋକ। ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ କଳମଗଡ଼ିଆ ପଞ୍ଚାୟତରେ ଏମିତି ଏକ ଗାଁ ହେଉଛି ତେଣ୍ଡା, ଯାହା ଭିନ୍ନ ଏକ ନଗଡ଼ା। ଦିନେ ନଗଡ଼ା ପାଇଁ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହେବାକୁ ପଡ଼ିଥିଲା। ଅପହଞ୍ଚ ଇଲାକା ଏବଂ ଅପପୁଷ୍ଟି ଜନିତ ମୃତ୍ୟୁ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଥିଲା। ଉକ୍ତ ଗ୍ରାମରେ ସାଧାରଣ ମୌଳିକ ସମସ୍ୟା ଦୂର କରିବା ପାଇଁ ନେତାଠାରୁ ପ୍ରଶାସନର ଆଖିରେ ନିଦ ହଜି ଯାଇଥିଲା। ସେହିଭଳି ତେଣ୍ଡା ଗାଁରେ ମୌଳିକ ସମସ୍ୟା ସମାଧାନ ଦିଗରେ ସରକାର ଏବେଠୁ ଯତ୍ନବାନ ନହେଲେ ନଗଡ଼ା ଭଳି ପରିସ୍ଥିତି ସୃଷ୍ଟି ନହେବ ତାହା କିଏ କହିବ?

ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଥିବା ଏ ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ। ଅନ୍ଧବିଶ୍ୱାସରେ ମଣିଷ ଏଠି ଅସହାୟ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି, ଡାହାଣୀ ଭଳି ଭୟଙ୍କର ଭାବନା ମଣିଷର ମନକୁ ଆଚ୍ଛନ୍ନ କରି ରଖିଛି। ସଞ୍ଜ ନଇଁ ଆସିଲେ ଅନ୍ଧାରର ଆଁ ଭିତରେ ଲୁଚି ଯାଏ ଏହି ଗାଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ କରଣ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ। ୨୦୧୯ ମସିହାରେ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷା ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇ ବିକାଶର ପ୍ରତିଶ୍ରୁତି ଦେଇଥିଲେ। ତାହା ମଧ୍ୟ କଥାରେ ରହିଯାଇଛି।

କପ୍ତିପଦା ବ୍ଲକର ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ କଳମଗଡ଼ିଆ ପଞ୍ଚାୟତ। ଏହି ପଞ୍ଚାୟତର ଶ୍ରୀପଦମଞ୍ଜରୀପୁରଠାରୁ ପାଦଚଲା ରାସ୍ତାରେ ୫କି.ମି. ଗଲେ ପଡ଼େ ଦୁର୍ଗମ ଅଞ୍ଚଳ ତେଣ୍ଡା ଗ୍ରାମ। କଳମଗଡ଼ିଆ ପଞ୍ଚାୟତର ୫ନଂ ୱାର୍ଡ଼ର ୩୦ଟି ପରିବାରର ୧୮୪, ସରଡ଼ିହା ପଞ୍ଚାୟତର ୧୫ଟି ପରିବାରର ୧୨୦ ଜଣ ଏଠାକାର ସ୍ଥାୟୀ ବାସିନ୍ଦା। ବିଶେଷ କରି କୋହ୍ଲ ସଂପ୍ରଦାୟର



ଜନସାଧାରଣ ଏଠାରେ ବସବାସ କରୁଥିବା ବେଳେ ଉକ୍ତ ଅଞ୍ଚଳକୁ ଲାଗି ରହିଛି କେନ୍ଦୁଝର ଜିଲ୍ଲାର ହାଟଡ଼ିହି ବ୍ଲକର ମଲ୍ଲୀପୋଷି, ସରମୁଣ୍ଡି, ପିତାନାଉ ଓ ବାଲିପାଳ ଗ୍ରାମ। ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଅଙ୍ଗନୱାଡ଼ିରୁ ପାଠ ପଢ଼ା ସରିଲେ ଶିକ୍ଷାର ଡୋରି ବନ୍ଧା ହୁଏ। ୨୦୧୨ ମସିହାରେ ଖୋଲାଯାଇଥିବା ଏକ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଘର ନଥିବାରୁ ଏକ ପରିତ୍ୟକ୍ତ ପଲାରେ ଚାଲେ ଅଙ୍ଗନୱାଡ଼ି କେନ୍ଦ୍ରଟି। ଚୁଆ, ବିଲ, ନାଳର ପାଣି ଏମାନଙ୍କର ପାନୀୟ। ଯଦିଓ କୂଅଟିଏ ରହିଛି ତାହାର ପାଣିକୁ ପାନୀୟ ଭାବେ ବ୍ୟବହାର କରିପାରନ୍ତି ନାହିଁ। ତେବେ ସବୁଠାରୁ ଦୁଃଖ ପାଲଟିଛି ପାହାଡ଼ତଳେ ଥିବା ଚନ୍ଦନ ନାଳ। ଏହି ଗାଁକୁ କୌଣସି ବିକଳ୍ପ ରାସ୍ତା ନଥିବାରୁ ନାଳରେ ପାଣି ଭର୍ତ୍ତି ହୋଇଗଲେ ଜଳବନ୍ଦୀ ଜୀବନ କାଟିବାକୁ ହୁଏ ଜନସାଧାରଣଙ୍କୁ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି, କୁକୁଡ଼ା ବଳି ଭଳି କୁତ୍ସିତ ମାନସିକତା ଏବେବି ବଳବତ୍ତର।

କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା। ଭାଗ୍ୟ ଥିଲେ ଜୀବନ ଧରି ଗାଁକୁ ଫେରେ ରୋଗୀ। ଯେଉଁଠି ସର୍ବନିମ୍ନ ମୌଳିକ ସୁବିଧା ସ୍ୱପ୍ନ, ସେଠି ବିଜୁଳି ଆଲୁଅ କଥା କେବେବି ଚିନ୍ତା କରିନାହାନ୍ତି ଜନସାଧାରଣ।

ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି। ଦିନେ ଜଙ୍ଗଲ ନଗଲେ ଘରେ ଚୁଲି ଜଳୁନଥିଲା। ମାତ୍ର ଜଙ୍ଗଲ ଜାତ ଦ୍ରବ୍ୟ ଉପରେ କଟକଣା ଲାଗୁପରେ ଚିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାର ଆହାର ଉପରେ ପାହାର ପଡ଼ିଛି। ଖଲି ତିଆରି କରି ୧୦ କି.ମି. ଆସି ବିକ୍ରି କଲେ ପରିବାର ମୁହଁକୁ ଦାନା ଯାଉଛି। ତେବେ ସବୁ ଗ୍ରାମକୁ ପକ୍କା ରାସ୍ତା, ସ୍ୱଚ୍ଛ ପାଣି, ବିଜୁଳି, ଆଲୋକ ସ୍ଲୋଗାନ ଦେଉଥିବା ସରକାର ତେଣ୍ଡା ଗ୍ରାମବାସୀଙ୍କୁ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ମୌଳିକ ସୁବିଧା ଯୋଗାଇ ନଦେବା ଆମ ସଫଳ ପ୍ରଶାସନ ଓ ପ୍ରଶାସକଙ୍କ ପାରିବା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବୁରୁ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଚନ୍ଦନ ନାଳରେ ସ୍ଥାୟୀ ପୋଲ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୋଲ ନିର୍ମାଣ ହେଲେ ଗ୍ରାମର ବିକାଶ ସୁନିଶ୍ଚିତ ହେବ। କପ୍ତିପଦା ବିଡିଓ ରେଶ୍ମା ଟେଟେ କହନ୍ତି ୨୭ ତାରିଖରେ ଶରତଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ତେଣ୍ଡା ଗ୍ରାମର ଜନସାଧାରଣ ଜିଲ୍ଲାପାଳଙ୍କୁ ସାକ୍ଷାତ ତାଙ୍କର ଦୁଃଖ ଜଣାଇଛନ୍ତି। ଖୁବ୍ ଶୀଘ୍ର ଉକ୍ତ ଗ୍ରାମକୁ ଗସ୍ତରେ ଯାଇ ସେମାନଙ୍କର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବି।

## ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ମେଳା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଷୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଷ୍ଟେମ ଫର୍ ବିକଶିତ ଆତ୍ମନିର୍ଭର ଭାରତ ବିଷୟ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଅଛି। ସେଥିମଧ୍ୟରୁ ୭ ଗୋଟି ଉପ ବିଷୟ ରହିଅଛି। ସେଗୁଡ଼ିକ ହେଲା କୃଷି ଆତ୍ମ ନିର୍ଭରଶୀଳ, ବର୍ଜ୍ୟବସ୍ତୁରୁ ବିକଳ୍ପ ପ୍ଲାଷ୍ଟିକ ସୁପରିଚାଳନା, ସବୁଜ ଶକ୍ତି, ଅଭିନବ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଗଣିତ ସଂଖ୍ୟାର ପୁନଃ ସୃଷ୍ଟି ବିଷୟରେ ଅନେକ ବିକଳ୍ପ ପଦ୍ଧତିରେ ନିଜ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକ ମନୋନୀତ ହୋଇ ଆଞ୍ଚଳିକ ସ୍ତରକୁ ଉନ୍ନୀତ ହେବା ସାଙ୍ଗକୁ ରାଜ୍ୟ ସ୍ତରରେ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି। ବିଜ୍ଞାନ ମେଳାରେ ନିରୀକ୍ଷକ କୋମଳ ଲାଲ ଦେବାଙ୍ଗନ, ସସାଙ୍କ କୁମାର, ଶେଫାଳୀ ବାବୁ, ମନୋରଞ୍ଜନ ଥାପା, ହରିପ୍ରିୟା ପ୍ରମୁଖ ଯୋଗ ଦେଇଥିଲେ।

31 YEARS
ସମ୍ବାଦ କଳିକା

# ଭାରତରେ ଘରୋଇ କମ୍ପାନୀ ଗୁଡିକର ନଗଦ ଭଣ୍ଡାର ହ୍ରାସ

ଭାରତର ଘରୋଇ ପୁଞ୍ଜି ବିନିଯୋଗ ବୃଦ୍ଧି ପାଉଥିବାର ସଙ୍କେତ ମିଳିଛି। ଦେଶର ବଡ଼ ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ଗତ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେମାନଙ୍କର ନଗଦ ଭଣ୍ଡାରକୁ ଦ୍ରୁତ ଗତିରେ ବ୍ୟବହାର କରିବା ଆରମ୍ଭ କରିଛନ୍ତି ଏବଂ ଏଥିସହ ନୂତନ ଭାବରେ ରଣ ମଧ୍ୟ ନେଉଛନ୍ତି।

ଏକ ବିଶ୍ଳେଷଣ ଅନୁଯାୟୀ, ୩୩୯ଟି କମ୍ପାନୀ (BFSI ଏବଂ ତୈଳ ଓ ଗ୍ୟାସ୍ ବ୍ୟତୀତ)ଙ୍କ ନଗଦ ସଂରକ୍ଷଣ ମାର୍ଚ୍ଚ ୩୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ୪୩,୦୦୦ କୋଟି ଟଙ୍କାରୁ ଅଧିକ ହ୍ରାସ ପାଇ ୭.୮ ଟ୍ରିଲିୟନ ଟଙ୍କାରୁ ୭.୩୬ ଟ୍ରିଲିୟନ ଟଙ୍କାକୁ ଖସି ଆସିଛି। ଏହି ସମୟ ମଧ୍ୟରେ ମୋଟ ରଣ ପରିମାଣ ୨.୦୪ ଟ୍ରିଲିୟନ ଟଙ୍କା ବୃଦ୍ଧି ପାଇ ୨୯.୧୫ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି, ଯାହା ଗତ ତିନି ବର୍ଷରେ ସର୍ବାଧିକ ବୃଦ୍ଧି।

ନଗଦ ଭଣ୍ଡାରର ହ୍ରାସ ଏବଂ ରଣର ବୃଦ୍ଧି ଦର୍ଶାଉଛି ଯେ କମ୍ପାନୀଗୁଡ଼ିକ ଆଭ୍ୟନ୍ତରୀଣ ଲାଭ ଓ ରଣ ଉଭୟକୁ ସେମାନଙ୍କର ସମ୍ପ୍ରସାରଣ ପାଇଁ ଲଗାଉଛନ୍ତି। ଚାହିଦା ବୃଦ୍ଧି, ସରଳ ଯୋଗାଣ ଶୃଙ୍ଖଳା ଏବଂ ସହଜ ଆର୍ଥିକ ସ୍ଥିତି ଯୋଗୁଁ ଏହା ସମ୍ଭବ ହୋଇଛି।

ବିଶେଷଜ୍ଞଙ୍କ ମତରେ, ଏହା ଚାପର ସଙ୍କେତ ନୁହେଁ, ବରଂ ପୁଞ୍ଜିର ଉପଯୋଗ ହେଉଛି। କାରଣ ଦୀର୍ଘ ଦିନ ଧରି କମ୍ପାନୀଗୁଡ଼ିକ ରଣ ହ୍ରାସ କରିବାରେ ଏବଂ ନଗଦ ସଂରକ୍ଷଣ କରିବାରେ ଧ୍ୟାନ ଦେଇ ଆସୁଥିଲେ। ନରେନ୍ଦ୍ର ସୋଲାଙ୍କିଙ୍କ ଅନୁଯାୟୀ, ନିବେଶ ଆର୍ଥିକ ବର୍ଷ ୨୬ର ଦ୍ୱିତୀୟ ତ୍ରୈମାସିକରେ ୧୫ ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି, ଯାହା ୨୨.୪% ବୃଦ୍ଧିକୁ ସୂଚାଉଛି। ଉତ୍ପାଦନ, ଭାରୀ ଯନ୍ତ୍ରପାତି ଏବଂ ଭିତ୍ତିଭୂମି (ରାସ୍ତା, ଶକ୍ତି, ରେଳବାଇ) ଏହି ପୁଞ୍ଜି ବିନିଯୋଗ ଚକ୍ରର ମୁଖ୍ୟ କେନ୍ଦ୍ରରେ ରହିଛନ୍ତି।

## ଭାଷା କଥା

# ଓଡ଼ିଆ ବର୍ଣ୍ଣବିଚାର



ଡଃ. ଦେବାଶିଷ ମହାପାତ୍ର
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

ଯେକୌଣସି ଭାଷାରେ ଗୋଟିଏ ଅଭିଧାନ ଦେଖିଲେ ଆମେ ଦେଖୁ ଯେ ବର୍ଣ୍ଣ ଗୋଟିଏ ବିଶେଷ୍ୟ ପଦ। ଏହାର ଅର୍ଥ ଜାତି- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଇତ୍ୟାଦି। ଏହାର ଅର୍ଥ ମଧ୍ୟ ରଙ୍ଗ, ଅକ୍ଷର, ରାଶି ଆଦି ଭେଦରେ ଜାତକର ଶ୍ରେଣୀବିଭାଗ। ଖ୍ୟାତି, ସ୍ତବ ବା ପ୍ରଶଂସା, ଅଙ୍ଗରାଗ, ସୌନ୍ଦର୍ଯ୍ୟ। ତେବେ ଆମେ ଏଠି ବର୍ଣ୍ଣ ଅର୍ଥ ଅକ୍ଷର କଥା ବିଚାର କରିବା। ବର୍ଣ୍ଣ ଅର୍ଥ ଅକ୍ଷର, ବର୍ଣ୍ଣ ଜ୍ଞାନ ଅର୍ଥ ଅକ୍ଷର ପରିଚୟ। ବର୍ଣ୍ଣମାଳା ଅର୍ଥ ଭାଷାରେ ବ୍ୟବହାର ହେଉଥିବା ଅକ୍ଷର ସମୂହ। ବର୍ଣ୍ଣ ଗୋଟିଏ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧିର ସହାୟକ। ବର୍ଣ୍ଣ ଗୋଟିଏ ଭାଷାର ଆଧାର ଅଥବା ଭିତ୍ତିପ୍ରସ୍ତର। ଭାଷାକୁ ଯଦି ଆମେ ଶରୀର ଭାବେ ବିଚାର କରୁ ତେବେ ବର୍ଣ୍ଣ ତା' ଆବରଣ। ନବାକ୍ଷରୀ ଛନ୍ଦରେ 'ଓଡ଼ିଆ ଭାଗବତ' ଲେଖି ଆମ ଓଡ଼ିଆ ଭାଷାକୁ ଏକ ନୂଆ ରୂପ ଦେଇଥିବା ପ୍ରାତଃ ସ୍ମରଣୀୟ ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ବର୍ଣ୍ଣମାଳାର ନିର୍ଦ୍ଧାରଣ, ଏହାର ସଂଖ୍ୟା, ଏହାର ପ୍ରକରଣର କଥା ନବାକ୍ଷରୀ ଛନ୍ଦରେ, ଦ୍ୱାଦଶ ସ୍କନ୍ଧ, ଷଷ୍ଠ ଅଧ୍ୟାୟରେ ଖୁବ୍ ଚମତ୍କାର ଭାବେ କହିଛନ୍ତି-

ଏକାକ୍ଷର ବ୍ରହ୍ମ ପ୍ରଣବ। ଶବଦ ରୂପୀ ବୀଜ ସର୍ବ।।
ତାହାଙ୍କ ଠହୁଁ ଉତପନ୍ନ। ଚଉଦ ଅକାରଦି ବର୍ଣ୍ଣ ।।
ପଚିଶି ବର୍ଣ୍ଣେ ପଞ୍ଚପଞ୍ଚ। ପାଞ୍ଚ ବର୍ଣ୍ଣରେ ବର୍ଗ ସଞ୍ଚ।।
ଏ ଅନ୍ତେ ଅନ୍ତଃସ୍ଥ ଏ ଜାଣ। ଯ ର ଲ ବ ଏ ଚାରି ବର୍ଣ୍ଣ ।।
ଶ ଷ ସ ହ ଏ ଚାରିବର୍ଣ୍ଣ। ଉଷ୍ମବର୍ଣ୍ଣ ବୋଲିଣ ଜାଣ।।

ଓଡ଼ିଆ ଭାଗବତରେ ଛନ୍ଦରେ ବର୍ଣ୍ଣିତ ଆମ ବର୍ଣ୍ଣ କଥାରୁ ଆମେ ଅନୁଭବ କରୁ କିଭଳି ପାଞ୍ଚଟି ବର୍ଗ ଆମ ଭାଷାରେ ଅଛି। ଶ, ଷ, ସ, ହ, ଉ ବର୍ଣ୍ଣ। ଯ, ର, ଲ, ବ ଅନ୍ତଃସ୍ଥ ବର୍ଣ୍ଣ। ଏ ସବୁ କଥା ଏବେ ଭାଷା ବିଜ୍ଞାନରେ ଆଲୋଚନା ହେଉଛି। ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ, ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର, ସଘୋଷ ଓ ଅଘୋଷ ଆଦି କେତେ ଦୃଷ୍ଟିରୁ ବର୍ଣ୍ଣ ବିଚାର କରାଯାଏ। ବର୍ଣ୍ଣର କଥିତ ରୂପ ଧ୍ୱନି ଲିଖିତ ରୂପ ଅକ୍ଷର। ଆମେ ଉଚ୍ଚାରଣ କଲେ ସ୍ୱର ଧ୍ୱନି, ଆମେ ଲେଖିଲେ ସ୍ୱର ବର୍ଣ୍ଣ। ଆମେ କହିଲେ ବ୍ୟଞ୍ଜନ ଧ୍ୱନି, ଆଉ ଲେଖିଲେ ବ୍ୟଞ୍ଜନବର୍ଣ୍ଣ। ଭକ୍ତ କବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଏବେ ବି ଓଡ଼ିଆ ବର୍ଣ୍ଣମାଳା ନିର୍ଦ୍ଧାରଣ କ୍ଷେତ୍ରରେ ବର୍ଣ୍ଣ ବା ଅକ୍ଷର ଶିଖିବାରେ ଆମର ପଥପ୍ରଦର୍ଶକ। ଏଥିରେ ଆମ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଅତିରିକ୍ତ ବର୍ଣ୍ଣ କ୍ରମରେ ଅକ୍ଷର ଓ ମାତ୍ରା (ଅବନା ବନା) ଏବଂ ଦ୍ୱିତୀୟ ଭାଗରେ ଫଳା ଓ ଯୁକ୍ତାକ୍ଷରଗୁଡ଼ିକର ଗଠନ ପଦ୍ଧତି ଓ ପ୍ରୟୋଗ ବିଧି ରହିଛି। ବର୍ଣ୍ଣର ଅର୍ଥ ଯେକୌଣସି ଭାଷାର ଲିଖନ କାର୍ଯ୍ୟରେ ବ୍ୟବହାର ହେଉଥିବା ବିଭିନ୍ନ ଧ୍ୱନିର ରେଖାରୂପ ଲିପି ବା ଅକ୍ଷର। ବର୍ଣ୍ଣ ବିଚାର ବେଳେ ଆମେ କହିପାରିବା ଯେ, ଏହା ଗୋଟିଏ ଭାଷାର ମୌଳିକ ଜୀବନକୋଷ। ଆମ ମୁଖନିଃସୃତ ଧ୍ୱନି ହିଁ ଆମ ଭାଷାରେ ବ୍ୟବହାର ହେଉଥିବା ବର୍ଣ୍ଣ। ଧ୍ୱନିର ସ୍ୱରୂପ ରୂପକ ବର୍ଣ୍ଣ ଅଦୃଶ୍ୟ, ଅଥଚ ଶ୍ରାବ୍ୟ ଅର୍ଥାତ୍ ଶୁଣାଯାଇପାରେ। ଶ୍ରାବ୍ୟବର୍ଣ୍ଣ ଅକ୍ଷର ସଙ୍କେତ ରୂପେ ଲିଖିତ ରୂପରେ ଆମ ବର୍ଣ୍ଣମାଳାରେ ସ୍ଥାନିତ। ବ୍ୟଞ୍ଜନବର୍ଣ୍ଣ ସମୂହକୁ ଆମେ ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟ ବର୍ଣ୍ଣ କ୍ରମରେ ବିଭକ୍ତ କରିଥାଉ। ବର୍ଗ୍ୟ ବର୍ଣ୍ଣଗୁଡ଼ିକ ପ୍ରଯତ୍ନ ବିଧି ଅନୁସାରେ ଚାରି ପ୍ରକାରର- ଅଘୋଷ, ସଘୋଷ ଏବଂ ଅଳ୍ପ ପ୍ରାଣ, ମହାପ୍ରାଣ। ବର୍ଗ୍ୟ ବର୍ଣ୍ଣ ଅନ୍ତର୍ଗତ ପାଞ୍ଚଟି ନାସିକ୍ୟ ବର୍ଣ୍ଣ ରହିଛି ଯଥା: ଙ, ଣ, ନ, ଞ ମ। ବର୍ଣ୍ଣ ପଦ୍ଧତି ଅନୁସାରେ ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଯେଉଁ ବର୍ଣ୍ଣ ଉଚ୍ଚାରିତ ହୁଏ ତାହା ସ୍ୱର ବର୍ଣ୍ଣ ଓ ଯେଉଁ ବର୍ଣ୍ଣ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରେ ନାହିଁ ତାହା ବ୍ୟଞ୍ଜନ ବର୍ଣ୍ଣ। ସ୍ୱରବର୍ଣ୍ଣକୁ ଇଂରାଜୀରେ (Vowel) ଓ ବ୍ୟଞ୍ଜନ ବର୍ଣ୍ଣକୁ (Consonant) କୁହାଯାଏ। ଆମ ଭାଷାର ସମ୍ପଦ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସଂକଳିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରଥମ ଖଣ୍ଡ ପୃଷ୍ଠା ୩୪୦ରେ କୁହାଯାଇଛି ଯେ- "ଅନୁସ୍ୱାର ହେଉଛି ସ୍ୱରବର୍ଣ୍ଣ ପରେ ଥିବା ମ ଅନୁନାସିକ ବିନ୍ଦୁ ଚିହ୍ନିତ ସ୍ୱର ଅଯୋଗବାହ ବର୍ଣ୍ଣ", ସେହିଭଳି ପୃଷ୍ଠା ୪୪୦ରେ କୁହାଯାଇଛି ଯେ, "ଯେଉଁ ବର୍ଣ୍ଣଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ପାଞ୍ଚ ବର୍ଗର ଅନ୍ତର୍ଗତ ନୁହେଁ ସେଗୁଡ଼ିକ ଅବର୍ଗ୍ୟ।" ବର୍ଣ୍ଣ ଦ୍ୱାରା ଧ୍ୱନିଗୁଡ଼ିକ ବର୍ଣ୍ଣିତ ହୋଇଥାଏ। ବର୍ଣ୍ଣକୁ ଧ୍ୱନିର ଲିଖିତ ରୂପ କୁହାଯାଇପାରେ। ଧ୍ୱନିଗୁଡ଼ିକର ଲିଖିତ ରୂପ ବର୍ଣ୍ଣ। ତେଣୁ ବର୍ଣ୍ଣର ଅନ୍ୟ ନାମ ଅକ୍ଷର। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତରୁ ପଦେ ଉଦ୍ଧାର କରାଯାଉ।

'ବିନ୍ଦୁସାର ଏ ବୋଲାଇ। ସେ ବିନ୍ଦୁ ଯେବେ ଦୁଇ ହୋଇ।।
ବିସର୍ଗ ନାମ ଯେ ବୋଲାଇ। ଗଜ ଶୁଣ୍ଢା କୃତି ସେ ହୋଇ।।

ଆମ ବର୍ଣ୍ଣମାଳାର ଏକ ଅନାଲୋଚିତ ଅଥଚ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଅବର୍ଗ୍ୟ ବର୍ଣ୍ଣ। ଆମ ବର୍ଣ୍ଣମାଳାର ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକୁ ଆମେ ଦୁଇ ଭାଗରେ ବିଭକ୍ତ କରିଥାଉ-ବର୍ଗ୍ୟ ବର୍ଣ୍ଣ ଓ ଅବର୍ଗ୍ୟବର୍ଣ୍ଣ। ଆମେ କହିବା ଅନୁସାରେ, ଉଚ୍ଚାରଣ କରିବା ଅନୁସାରେ ବର୍ଗ୍ୟ ବର୍ଣ୍ଣଗୁଡ଼ିକ ପାଞ୍ଚ ପ୍ରକାରର। ଏହାକୁ ଆମେ ସଂକ୍ଷେପରେ କହୁ-କ, ଚ, ଟ, ତ, ପ। କ, ଖ, ଗ, ଘ, ଙ- କଣ୍ଠ୍ୟ। ଚ, ଛ, ଜ, ଝ, ଞ- ତାଳବ୍ୟ। ଟ, ଠ, ଡ, ଢ, ଣ-ମୂର୍ଦ୍ଧଣ୍ୟ। ତ, ଥ, ଦ, ଧ, ନ- ଦନ୍ତ୍ୟ। ପ, ଫ, ବ, ଭ, ମ - ଓଷ୍ଠ୍ୟ। ତେବେ ଯେଉଁ ବର୍ଣ୍ଣଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ଏହି ପାଞ୍ଚ ବର୍ଗର ଅନ୍ତର୍ଗତ ନୁହେଁ, ତାହାକୁ ଆମେ ଅବର୍ଗ୍ୟ ବର୍ଣ୍ଣ କହୁ। ଯେମିତିକି -ଯ, ୟ, ର, ଳ, ଲ, ଶ, ଷ, ସ, ହ, ଡ଼, ଢ଼ ଅନୁସ୍ୱାର (ଂ), ବିସର୍ଗ (ଃ), ଚନ୍ଦ୍ରବିନ୍ଦୁ (ଁ) । ଅବର୍ଗ୍ୟ ବ୍ୟଞ୍ଜନଗୁଡ଼ିକୁ ଆମେ ଅଯୋଗ ବାହ ବ୍ୟଞ୍ଜନ କହିଥାଉ। ଅନୁସ୍ୱାର, ଚନ୍ଦ୍ରବିନ୍ଦୁ ଓ ବିସର୍ଗକୁ ଆମେ ଅଲଗା ଭାବେ ଉଚ୍ଚାରର କରିନଥାଉ। ସ୍ୱରବର୍ଣ୍ଣ କି ମ୍ୱା ବ୍ୟଞ୍ଜନବର୍ଣ୍ଣ ସହ ଯୋଗହେଲେଯାଇ ସେଗୁଡ଼ିକ ଉଚ୍ଚାରିତ ହୋଇଥାନ୍ତି। ଯେମିତିକି -ଅନୁସ୍ୱାର-ଅଂଶ, ଅଂଗ, ଶଂଖ, କଂସ, ବଂଶୀ, ବଂଶ, ହିଂସା, ଅହିଂସା, କାଂସ୍ୟ, ହଂସ, ସଂଘ, ରଂଗୀନ, ଚନ୍ଦ୍ରବିନ୍ଦୁ-ଏଁ, କଇଁ, କେଉଁ, କାହିଁକି, କିଆଁ, କଇଁ, ପାଇଁ, ନିଆଁ, ପାଉଁଶ, । ବିସର୍ଗ- ଦୁଃଖ, ନିଃଶ୍ୱାସ, ଦୁଃସାହସ, ନିଃସହାୟ, ଦୁଃଖୀ, ଦୁଃସମୟ, ଦୁଃଖଦ ଇତ୍ୟାଦି। ଏସବୁ ଅଯୋଗବାହ ଏକ ଅକ୍ଷର ଆଶ୍ରିତ ବର୍ଣ୍ଣ ଭାବରେ ଆମ ବର୍ଣ୍ଣମାଳାରେ ସ୍ଥାନ ପାଇଛି। ଆମ ବର୍ଣ୍ଣମାଳାରେ ତିନୋଟି ଶ' ରହିଛି। ତାଲବଶ୍ୟ, ମୂର୍ଦ୍ଧନ୍ୟଷ ଓ ଦନ୍ତ୍ୟସ। ଆମେ କହିଲାବେଳେ ଅବଶ୍ୟ ଅଲଗା ଭାବେ ଏସବୁ ଉଚ୍ଚାରଣ କରି ନଥାଉ। ତେବେ ଆମେ ଲେଖିଲାବେଳେ ଅଲଗା ଅଲଗା ଶ'ର ବ୍ୟବହାର କରୁ ଯାହାକି ଆମ ବନାନକୁ ଠିକ୍ କରିଥାଏ। ଯେମିତିକି - ପଡ଼ିଶା, ଭାଷା, ସମାଜ, ଆକାଶବାଣୀ, ଶୁଦ୍ଧ, ସାଳ, ସାବଲୀଳ, ସୁଭାଗିନୀ, ଶାଢ଼ି, ମନସ୍ୱିନୀ, ଔଷଧ, ଶୋଷ, ଅବସୋସ, ଦେବାଶିଷ, ଭୁବନେଶ୍ୱର, ପ୍ରତିଷ୍ଠାନ, ସୂର୍ଯ୍ୟ, ତମସା, ସବିଶେଷ, ଗଣେଶ, ଭାସମାନ, ବସନ୍ତ କୁମାର, ସଚ୍ଚିଦାନନ୍ଦ, ସୀତାକାନ୍ତ, ଅମ୍ବରୀଶ, ମନସା ଓ ରମେଶ। ଆମ ଅଯୋଗବାହ ହେଉଛି ଅବର୍ଗ୍ୟ ଓ ଅକ୍ଷର ଆଶ୍ରିତ। ଅର୍ଥାତ୍ ଅନୁସ୍ୱାର, ଚନ୍ଦ୍ରବିନ୍ଦୁ ଓ ବିସର୍ଗ ଅନ୍ୟାନ୍ୟ ବର୍ଣ୍ଣର ଆଶ୍ରୟ ବିନା ଉଚ୍ଚାରିତ ହୋଇପାରନ୍ତି ନାହିଁ। ବର୍ଣ୍ଣ ବା ଅକ୍ଷରର ଡାହାଣ ପଟେ ହିଁ ଆମେ ଅନୁସ୍ୱାର ଯୋଗ କରୁ। ସେମିତି ବର୍ଣ୍ଣ ବା ଅକ୍ଷରର ଡାହାଣ ପଟେ ଠିକ୍ ଉପରେ ଚନ୍ଦ୍ରବିନ୍ଦୁ ଯୋଡ଼ିଥାଉ। ବିସର୍ଗ 'ହ'ର ବିକଳ୍ପ ଭାବେ ବ୍ୟବହାର କରିଥାଉ। ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପ୍ରଥମଖଣ୍ଡର ପୃଷ୍ଠା ୫୫୨ରେ କୁହାଯାଇଛି-"ଯେଉଁ ବର୍ଣ୍ଣମାନ ଅନ୍ୟ ବର୍ଣ୍ଣର ଯୋଗ ବା ଆଶ୍ରୟ ବିନା ଉଚ୍ଚାରିତ ବା ବ୍ୟବହୃତ ହୋଇପାରନ୍ତି ନାହିଁ, ଯଥା- ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ।" ଅଯୋଗବାହ ଏକ ଅକ୍ଷର ଆଶ୍ରିତ ବର୍ଣ୍ଣ ଭାବରେ ଆମ ବର୍ଣ୍ଣମାଳାରେ ସ୍ଥାନ ପାଇଛି। ବର୍ଣ୍ଣର ଲିଖିତ ରୂପ ଅକ୍ଷର। ବର୍ଣ୍ଣଗୁଡ଼ିକ ଉଚ୍ଚାରଣ ପରେ ପରେ ଲୋପ ହୋଇଯାଏ। ବର୍ଣ୍ଣକୁ ଧରି ରଖେ ଅକ୍ଷର। ବର୍ଣ୍ଣର ସାମୂହିକ ସ୍ୱରୂପ ଲିପି। ବର୍ଣ୍ଣ ଆମ ଭାଷାର ସୌନ୍ଦର୍ଯ୍ୟ। ଶବ୍ଦ ସାଧାରଣତଃ ଏକ ବ୍ୟାକରଣିକ ଉପାଦାନ। ଆମ ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ଶବ୍ଦର ଗଠନ ପଦ୍ଧତିକୁ ରୂପ ତାତ୍ତ୍ୱିକ (Morphological) ଆଧାରରେ ବର୍ଣ୍ଣନା ଓ ବିଶ୍ଳେଷଣ କରାଯାଇଛି। ଯଥା: ମୁକ୍ତରୂପ (Morph) ଓ ବଦ୍ଧରୂପ (Suffix) । ଅର୍ଥପୂର୍ଣ୍ଣ ମୁକ୍ତରୂପ ହେଉଛି ଶବ୍ଦ। ମୁକ୍ତରୂପ ସହ ପ୍ରତ୍ୟୟ ଯୋଗ କରାଯାଇ ନୂଆ ଶବ୍ଦ ଗଠନ କରାଗଲେ ତାହା ବଦ୍ଧରୂପ। ଶବ୍ଦ ଗଠନ ଅନୁସାରେ ଓଡ଼ିଆ ଶବ୍ଦଗୁଡ଼ିକ ତିନି ପ୍ରକାରର। ଯେମିତିକି - କ) ସରଳ ଶବ୍ଦ (ଘର, ବାଡ଼ି, ଗଛ), ଖ) ଜଟିଳ ଶବ୍ଦ (ଘରୁଆ, ବାଡ଼ିରେ, ଗଛରୁ), ଗ) ଯୌଗିକ ଶବ୍ଦ- ବ୍ୟାକରଣ ବହି, ଜୀବନ ସାଥୀ, ବର୍ଷାଦିନିଆ ଛତୁ। ଓଡ଼ିଆରେ ବ୍ୟବହାର ହେଉଥିବା ଶବ୍ଦ ଶ୍ରେଣୀ ବାକ୍ୟ ତାତ୍ତ୍ୱିକ (ଝଳଭଷ୍ପବମ-ଷ୍ପସମ) ଆଧାରରେ ତିନି ପ୍ରକାରର। ଯଥା କ) ବିଶେଷ୍ୟ, ସର୍ବନାମ, ବିଶେଷଣ, ଖ) କ୍ରିୟା, ଗ) କ୍ରିୟା ବିଶେଷଣ ଓ ଅବ୍ୟୟ। ପାରମ୍ପରିକ ବ୍ୟାକରଣିକ ବିଚାରରେ ଓଡ଼ିଆ ଶବ୍ଦଗୁଡ଼ିକ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ବା ଯାବନିକ କ୍ରମରେ ଚାରି ଭାଗରେ ବିଭକ୍ତ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଷଷ୍ଠଖଣ୍ଡ, ୨୫୬୦ ପୃଷ୍ଠାରେ ଉଲ୍ଲେଖ ଅଛି- "ଶବ୍ଦ ହେଉଛି ବିଭକ୍ତ ରହିତ ନାମ, ଅର୍ଥବୋଧକ ଧ୍ୱନି, ଶବ୍ଦ ବାକ୍ୟର ଅଙ୍ଗ, ବାକ୍ୟ ଶବ୍ଦର ଶରୀର ଏବଂ ଧାତୁ ଆଦି ସଙ୍ଗେ ଉପସର୍ଗ, ପ୍ରତ୍ୟୟାଦି ଯୁକ୍ତ କରାଯାଇ ଶବ୍ଦ ଉତ୍ପନ୍ନ କରାଯାଏ ଓ ଉକ୍ତ ମୌଳିକ ଶବ୍ଦ ଭିନ୍ନ ଭିନ୍ନ ବିଭକ୍ତି, ଲିଙ୍ଗ, ବଚନ ଓ କାରକରେ ଭିନ୍ନ ଭିନ୍ନ ରୂପ ଧାରଣ କରେ ଏବଂ ମୂଳ ଶବ୍ଦରେ ବିଭକ୍ତିଯୁକ୍ତ ହେଲେ ତାହା ପଦ ହୁଏ।" ଶବ୍ଦ ପ୍ରୟୋଗରେ ଶବ୍ଦର ଭିନ୍ନ ଭିନ୍ନ ଅର୍ଥକୁ ଆଧାର କରି ଶବ୍ଦ ବିଭାଗ ଗୁଡ଼ିକ ହେଉଛି-୧) ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦ, ୨) ଅନେକାର୍ଥକ ଶବ୍ଦ, ୩) ବିପରୀତାର୍ଥ ବୋଧକ ଶବ୍ଦ, ୪) ଏକାର୍ଥବୋଧକ ଶବ୍ଦ ବା ପ୍ରତିଶବ୍ଦ, ୫) ବିଭିନ୍ନ ଅର୍ଥରେ କ୍ରିୟା ଶବ୍ଦର ପ୍ରୟୋଗ, ୬) ଯୌଗିକ କ୍ରିୟା, ୭) କ୍ରିୟାଯୁକ୍ତ ରୂଢ଼ି ଶବ୍ଦ, ୮) ଯୁଗ୍ମ ଶବ୍ଦ, ୯) କ୍ରିୟାବିଶେଷ୍ୟ ଶବ୍ଦ ଓ ୧୦) ସଂଖ୍ୟାବାଚକ ଶବ୍ଦ ଇତ୍ୟାଦି। ଆମ ଭାଷାରେ ପ୍ରଚଳିତ କେତେକ ବିଶିଷ୍ଟାର୍ଥକ ଶବ୍ଦାବଳୀ ଯେଉଁ ଗୁଡ଼ିକର ଗଠନ ବୈଶିଷ୍ଟ୍ୟ ସହ ପ୍ରୟୋଗ ବୈଚିତ୍ର୍ୟ ମଧ୍ୟ ଅଛି ସେଗୁଡ଼ିକୁ ଆମେ ରୂଢ଼ି କହୁ। ଲିପି, ଅକ୍ଷର, ବର୍ଣ୍ଣ ଭଳି ଶବ୍ଦ ଭାଷାର ସମ୍ପଦ। ଶବ୍ଦ ଭାଷାର ଗୌରବ। ଶବ୍ଦ ଭାଷାର ସୌରଭ। ଶବ୍ଦକୁ ନେଇ ଭାଷାର ବୈଶିଷ୍ଟ୍ୟ। ବ୍ୟାକରଣରେ ଶବ୍ଦର ଗୁରୁତ୍ୱ ଅର୍ଥ ଧ୍ୱନି ବା ଅକ୍ଷର ସମଷ୍ଟି ଯାହାକି ଅର୍ଥବୋଧକ। ଶବ୍ଦ ହେଉଛି ଭାଷାର ସର୍ବନିମ୍ନ ଅର୍ଥବୋଧକ ଏକକ। ଶବ୍ଦରୁ ଅର୍ଥକୁ ଅଲଗା କରାଯାଇପାରିବ ନାହିଁ। କୁହାଯାଏ ଶବ୍ଦ ବିନା ଅର୍ଥ ନାହିଁ, ଅର୍ଥ ବିନା ଶବ୍ଦ ନାହିଁ। ପ୍ରତ୍ୟେକ ଭାଷା ଭଳି ଓଡ଼ିଆ ଭାଷାରେ ବି ଶବ୍ଦର ବୈଶିଷ୍ଟ୍ୟ, ଶବ୍ଦର ଗୁରୁତ୍ୱ, ଶବ୍ଦର ଉପଯୋଗିତା, ଶବ୍ଦର ମହତ୍ତ୍ୱ, ଶବ୍ଦର ମହକକୁ ଆମେ ଉପଲବ୍ଧି କରୁ। ଆମେ ଆମ ଭାଷାର ଇତିହାସକୁ ଦେଖିଲେ ଦେଖିବା, ତିନୋଟି ଅନନ୍ୟ ଅବଦାନ ଆମ ଭାଷାର ଅବିସ୍ମରଣୀୟ ଘଟଣା। ଗୋଟିଏ ହେଉଛି ବର୍ଣ୍ଣବୋଧ,ଅନ୍ୟଟି ଭାଷାକୋଷ ଓ ତୃତୀୟଟି ହେଉଛି ଜ୍ଞାନମଣ୍ଡଳ। ଗୋଟିଏ ଲିପିର, ଗୋଟିଏ ଶବ୍ଦର ଓ ଗୋଟିଏ ଜ୍ଞାନର ସ୍ୱାକ୍ଷର। ଏହି ତିନୋଟି ଦିଗନ୍ତର ତିନିଜଣ ପ୍ରାତଃସ୍ମରଣୀୟ ଓଡ଼ିଆପ୍ରାଣ ଭକ୍ତକବି ମଧୁସୂଦନ ରାଓ, ଗୋପାଳଚନ୍ଦ୍ର ପ୍ରହରାଜ ଓ ବିନୋଦ କାନୁନ୍‌ଗୋ। ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଆମ ଭାଷାର ମୂଳଦୁଆ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଆମ ଭାଷାର ମେରୁଦଣ୍ଡ ଓ ବିନୋଦ କାନୁନ୍‌ଗୋଙ୍କ 'ଜ୍ଞାନମଣ୍ଡଳ'

ଆମ ଓଡ଼ିଆ ଜାତିର ମାନଦଣ୍ଡ ସଦୃଶ। ଶବ୍ଦ ହେଉଛି ଭାଷାର ଗୋଟିଏ ଅର୍ଥ ପ୍ରକାଶଧର୍ମୀ ଏକକ। ନିର୍ଦ୍ଦିଷ୍ଟ ଅର୍ଥକୁ ପ୍ରକାଶ କରିବା ପାଇଁ ଶବ୍ଦର ଗୋଟିଏ ଶକ୍ତି ଅଛି ଯାହାକୁ ଏହି ସୂତ୍ରଗୁଡ଼ିକର ଅଧିନ ବିଭିନ୍ନ ଶବ୍ଦଗୁଡ଼ିକରେ ସଙ୍କଳନ। ଅଭିଧାନରେ ଶବ୍ଦର ଉଚ୍ଚାରଣଗତ ସୂଚନା, ଶବ୍ଦମାନଙ୍କ ଗଠନରେ ରୂପକକ୍ରମ ବା ଧାତୁପ୍ରତ୍ୟୟ ବିଷୟ ସୂଚନା, ପ୍ରତ୍ୟେକ ଶବ୍ଦ ବ୍ୟାକରଣର କେଉଁ ଶ୍ରେଣୀଭୁକ୍ତ ସେସବୁ ବିଷୟରେ ସୂଚନା ଥାଏ। ଶବ୍ଦର ରୂପକକ୍ରମରୁ ଶବ୍ଦ ଗଠନ ଭଙ୍ଗୀ ସ୍ପଷ୍ଟ ହେବା ସହ ଗଠନ ଭଙ୍ଗୀରୁ ମୌଳିକ ଅର୍ଥପୂର୍ଣ୍ଣ ଏକକ ବା ରୂପକମାନଙ୍କର ବ୍ୟବହାର ଓ ସଂଯୋଜନା ବିଷୟରେ ସୂଚନା ମିଳେ। କୁହାଯାଏ ଓଡ଼ିଆ ପ୍ରତିଶବ୍ଦକୁ ଚୋବେଇ ଚୋବେଇ କହନ୍ତି। ଏହାକୁ ଲକ୍ଷ୍ୟରଖି ପସିଦ୍ଧ ବିଦେଶୀ ବିଦ୍ୱାନ୍ ସାର୍ ଜର୍ଜ ଗ୍ରୀୟରସନ 'Linguistic Survey of India' ର ପଞ୍ଚମଖଣ୍ଡ, ଦ୍ୱିତୀୟ ଭାଗରେ ଯଥାର୍ଥରେ କହନ୍ତି- 'ଓଡ଼ିଆରେ ପ୍ରତ୍ୟେକ ଶବ୍ଦର ପ୍ରତ୍ୟେକ ଅକ୍ଷର ସ୍ପଷ୍ଟ ଉଚ୍ଚାରିତ ହୁଏ।' ଭାଷା ବ୍ୟବହାରରେ କାବ୍ୟିକ ଓ କଥିତ ଏହି ଦୁଇ ପର୍ଯ୍ୟାୟରେ ବିଭେଦ ସୃଷ୍ଟି ହେବାର ମୂଳ କାରଣ ହେଲା କାବ୍ୟରେ ଶବ୍ଦ ବିନ୍ୟାସ ଓ ବାକ୍ୟଗଠନ ମୂଳରେ ଦୁଇଟି ପ୍ରବୃତ୍ତି କାର୍ଯ୍ୟକରେ। ପ୍ରଥମଟି ହେଉଛି, ଛନ୍ଦର ଅଙ୍ଗ ନିର୍ମାଣ ପାଇଁ ଆବଶ୍ୟକ ଅକ୍ଷରଯୁକ୍ତ ଶବ୍ଦ ପ୍ରୟୋଗ ପ୍ରତି ଏବଂ ଦ୍ୱିତୀୟଟି ହେଉଛି, ଭାଷାର ଶିଷ୍ଟତା ଓ ସୌନ୍ଦର୍ଯ୍ୟ ଅଭିବୃଦ୍ଧି ପାଇଁ କ୍ଲିଷ୍ଟ ଓ ଉତ୍କୃଷ୍ଟ ଶବ୍ଦ ପ୍ରୟୋଗ ପ୍ରତି ସଚେତନତା। ଶବ୍ଦ ସହିତ ଶବ୍ଦ ବା ପ୍ରତ୍ୟୟର ସନ୍ଧି ସଂଶ୍ଳେଷଣ କାବ୍ୟ ଭାଷାରେ ଯେପରି ସିଦ୍ଧ, କଥିତ ଭାଷାରେ ସେପରି ଦୁର୍ଲଭ। ଭାଷାର କାବ୍ୟିକ ସ୍ୱରୂପ କେବଳ ଶବ୍ଦର ନିର୍ମାଣ ବା ନିର୍ବାଚନରେ ରୂପାୟିତ ହୁଏ ନାହିଁ। ଶବ୍ଦର ବିନ୍ୟାସ ଦ୍ୱାରା ତାହା ଅଧିକ ପରିସ୍ଫୁଟ ହୁଏ। କୁହାଯାଏ ଯେ, "Word is the unit of oral communication, a series of words make a sentence, and that communicates an idea, a thought" ଓଡ଼ିଆ ସାହିତ୍ୟର ଇତିହାସକୁ ଲକ୍ଷ୍ୟ କଲେ ଆମେ ସ୍ପଷ୍ଟଭାବେ ଦେଖୁ ଯେ, ଆଦିକବି ସାରଳାଦାସ, ଭକ୍ତକବି ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି ବ୍ୟାସକବି ଫକୀରମୋହନ ସେନାପତି ଏବଂ ପରବର୍ତ୍ତୀ ପର୍ଯ୍ୟାୟର ଲେଖକ ଲେଖିକାଗଣ ନିଜ ନିଜ ରଚନାରେ ଯଥାସମ୍ଭବ ଆମ ମାଟିର ଶବ୍ଦ ପ୍ରୟୋଗ କରିଛନ୍ତି। ଆଦିକବି ସାରଳାଦାସଙ୍କ 'ମହାଭାରତ', ଜଗନ୍ନାଥ ଦାସଙ୍କ 'ଭାଗବତ', ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', ଫକୀରମୋହନ ସେନାପତିଙ୍କ 'ରେବତୀ' ସମେତ ବହୁ କାଳଜୟୀ ରଚନାରେ ଆମେ ଓଡ଼ିଆ ଶବ୍ଦର ବହୁଳ ବ୍ୟବହାର ଦେଖୁ। ଓଡ଼ିଆ ଶବ୍ଦ କହିଲେ ଆମେ ଖାଣ୍ଟି ନିଛକ ଦେଶଜ ଶବ୍ଦ ବୋଲି ବୁଝିବା। ଆମ ମାଦଳାପାଞ୍ଜିରେ ହଜୁର, ହଜିର, ମୂଲକ, ତରଫ, ସଜା ଆଦି ଅନେକ ଯାବନିକ ଶବ୍ଦର ବ୍ୟବହାର ହେଉ ଅଥବା ବ୍ୟାସକବି ଫକୀରମୋହନ 'ଛ'ମାଣ ଆଠଗୁଣ୍ଠ'ରେ ବ୍ୟବହାର କରିଥିବା ଯାବନିକ ଶବ୍ଦ ସବୁ 'ଛୋଟୋମିଆଁ ଓରଫ୍ ସେଖ୍ ଦିଲ୍‌ଦାର ବର୍ତ୍ତମାନ ଖୋଦ୍ ମାଲିକ। ରାତି ଅନ୍ଦାଜ ଘଡ଼ିକ ଭିତରେ ଜମିଦାର ସେଖ୍ ଦିଲ୍‌ଦାର ମିଆଁ କଚେରୀ ଘରେ ବସିଅଛନ୍ତି। 'ଘରଟା କୋଠା' ଆଦି ଉଦାହରଣରୁ ଆମେ କହିପାରିବା ଯେ ଆମେ ଲେଖାଲେଖି ବେଳେ ସରଳ, ଲୋକମୁଖର ଶବ୍ଦାବଳୀ ସହ ଆବଶ୍ୟକସ୍ଥଳେ ସଂସ୍କୃତ ସମେତ ଯାବନିକ, ବୈଦେଶିକ ଶବ୍ଦର ବ୍ୟବହାର କରିଆସିଛେ। ତା'ଛଡ଼ା ଆମେ ମାନକ ଓଡ଼ିଆ ଭାଷା ବା ଶବ୍ଦର ବ୍ୟବହାର ବେଳେ ଅନେକ ସମୟରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଶବ୍ଦାବଳୀକୁ ବ୍ୟବହାର କରିଛେ।

# ଭାରତର ବର୍ତ୍ତମାନର ସ୍ଥିତି : ଆହ୍ୱାନ ଏବଂ ସୁଯୋଗ (୨)



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

**ବୈଦେଶିକ ସମ୍ପର୍କ (Foreign Relations). :**

ବର୍ତ୍ତମାନ ଭାରତ ବିଶ୍ୱସ୍ତରରେ ଏକ ପ୍ରମୁଖ ଶକ୍ତି ଭାବରେ ନିଜର ସ୍ଥିତିକୁ ଦୃଢ଼ କରିଛି। ଭାରତର ବୈଦେଶିକ ନୀତି ଏହାର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ଏବଂ ଜାତୀୟ ସ୍ୱାର୍ଥର ସୁରକ୍ଷା ଉପରେ ଆଧାରିତ। ଭାରତ ଆମେରିକା, ଋଷ, ୟୁରୋପୀୟ ୟୁନିଅନ୍ ଏବଂ ମଧ୍ୟପ୍ରାଚ୍ୟ ଦେଶମାନଙ୍କ ସହିତ ଉତ୍ତମ ଏବଂ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କ ବଜାୟ ରଖିଛି। ଭାରତ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସକ୍ରିୟ ଅଂଶଗ୍ରହଣ କରୁଛି। 'କ୍ୱାଡ' (QUAD-Quadrilateral Security Dialogue),) 'ବ୍ରିକ୍ସ' (BRICS), ଏ୨୦ଏବଂ ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍' (SCO)ଭଳି ସଂଗଠନରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମଂଚଗୁଡିକ ମାଧ୍ୟମରେ ଭାରତ ବିଶ୍ୱ ଶାନ୍ତି, ନିରାପତ୍ତା ଏବଂ ଅର୍ଥନୈତିକ ସହଯୋଗ ପାଇଁ କାର୍ଯ୍ୟ କରୁଛି। ତେବେ, ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ କିଛି ମାତ୍ରାରେ ଜଟିଳ ରହିଛି। ପାକିସ୍ତାନ ସହିତ ସୀମାପାର ଆତଙ୍କବାଦ ଏବଂ କାଶ୍ମୀର ପ୍ରସଙ୍ଗରେ ତିକ୍ତତା ଲାଗି ରହିଛି। ଚୀନ ସହିତ ପୂର୍ବ ଲଦାଖ ଏବଂ ଅରୁଣାଚଳ ପ୍ରଦେଶ ସୀମାରେ ବିବାଦ ଏବେ ମଧ୍ୟ ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ। ଏହିସବୁ ଆହ୍ୱାନ ସତ୍ତ୍ୱେ, ଭାରତ ନିଜର କୂଟନୈତିକ କ୍ଷମତା ପ୍ରୟୋଗ କରି ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛି। 'ପଡୋଶୀ ପ୍ରଥମ' (Neighbourhood First) ନୀତି ଅନୁସରଣ କରି ଭାରତ ଏହାର ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ ସୁଦୃଢ଼ କରିବାକୁ ଚେଷ୍ଟା କରୁଛି।

**କ୍ରୀଡା କ୍ଷେତ୍ର (Sports Sector):**

ଭାରତରେ କ୍ରିକେଟ ସବୁଠାରୁ ଲୋକପ୍ରିୟ ଖେଳ ହୋଇଥିବାବେଳେ, ଅନ୍ୟାନ୍ୟ କ୍ରୀଡାର ବିକାଶ ପାଇଁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି। ୨୦୨୪ ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ଆଥଲେଟମାନେ ଭଲ ପ୍ରଦର୍ଶନ କରିଥିଲେ ଏବଂ ଅଲିମ୍ପିକ୍ସ ଇତିହାସରେ ସର୍ବାଧିକ ପଦକ (୬ଟି) ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ। ଏଥିରେ ଜାଭେଲିନ୍ ଫିଙ୍ଗାରେ ନୀରଜ ଚୋପ୍ରାଙ୍କ ରୌପ୍ୟ ପଦକ ଏକ ପ୍ରମୁଖ ସଫଳତା ଥିଲା। ସରକାର କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ 'ଖେଲୋ ଇଣ୍ଡିଆ' (Khelo India))କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଉଛି ତୃଣମୂଳକ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଦେବା। ଏହା ବ୍ୟତୀତ, କ୍ରୀଡା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କ୍ରୀଡାବିତମାନଙ୍କୁ ଆର୍ଥିକ ସହାୟତା ଏବଂ ଅତ୍ୟାଧୁନିକ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରାଯାଉଛି। କ୍ରୀଡା କ୍ଷେତ୍ରରେ ଘରୋଇ ଲିଗ୍ (ଯଥା: ଇଣ୍ଡିଆନ ପ୍ରିମିୟର ଲିଗ୍ -(IPL), ଇଣ୍ଡିଆନ ସୁପର ଲିଗ୍- (ISL), ଫୁଟବଲର ଆୟୋଜନ ଖେଳାଳି ଏବଂ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ତେବେ, କ୍ରୀଡା ସଂଘଗୁଡିକର ପରିଚାଳନାରେ ସ୍ୱଚ୍ଛତା ଏବଂ ପ୍ରତିଭାବାନ ଖେଳାଳିଙ୍କୁ ସୁଯୋଗ ଦେବାରେ ନିରପେକ୍ଷତା ଆହୁରି ଉନ୍ନତ ହେବାର ଆବଶ୍ୟକତା ରହିଛି। ଭାରତ ୨୦୩୬ ଅଲମ୍ପିକ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଛି, ଯାହା ଦେଶର କ୍ରୀଡା ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବାରେ ସହାୟକ ହେବ। ଭାରତର ବୈଦେଶିକ ସମ୍ପର୍କ ଏବଂ କ୍ରୀଡା କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି :

**ବୈଦେଶିକ ସମ୍ପର୍କ :**

ଭାରତ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ନିଜର ବୈଦେଶିକ ସମ୍ପର୍କକୁ ସୁଦୃଢ଼ କରିବାରେ ଲାଗିଛି। ଏହାର ବୈଦେଶିକ ନୀତି ବହୁମୁଖୀ ଏବଂ ଏହା ବିଶ୍ୱର ଅନେକ ଦେଶ ସହିତ ଘନିଷ୍ଠ ରଣନୈତିକ ତଥା ସାମରିକ ସମ୍ପର୍କ ବଜାୟ ରଖିଛି। ଯୁକ୍ତରାଷ୍ଟ୍ର ଆମେରିକା, ଋଷିଆ, ଫ୍ରାନ୍ସ, ଇସ୍ରାଏଲ ଏବଂ ୟୁଇଏ ଭଳି ଦେଶମାନଙ୍କୁ ଭାରତର ଅତି ଘନିଷ୍ଠ ସହଯୋଗୀ ଭାବରେ ବିବେଚନା କରାଯାଏ। ଭାରତ ବିଭିନ୍ନ ଆନ୍ତର୍ଜାତୀୟ ମଂଚ, ଯେପରିକି ଏ୨୦, BRICS & QUAD ରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି। ୨୦୨୫ ମସିହାରେ, ଭାରତ BRICSର ଅଧ୍ୟକ୍ଷତା ଗ୍ରହଣ କରିବାର ଯୋଜନା ରହିଛି ଏବଂ ଏହାର ଏଜେଣ୍ଡାରେ ବିଶ୍ୱସ୍ତରୀୟ ଦକ୍ଷିଣ (Global South) ଦେଶଗୁଡ଼ିକୁ ପ୍ରାଥମିକତା ଦେବାକୁ ଲକ୍ଷ୍ୟ ରଖିଛି। ସିଙ୍ଗାପୁର ସହିତ ଭାରତର ୬୦ବର୍ଷର କୂଟନୈତିକ ସମ୍ପର୍କ ପୂର୍ତ୍ତି ଅବସରରେ ବ୍ୟବସାୟିକ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ପଡୋଶୀ ଦେଶମାନଙ୍କ ସହିତ ସମ୍ପର୍କ ଜଟିଳ ରହିଛି। ଚୀନ ସହିତ ସୀମା ବିବାଦ ସତ୍ତ୍ୱେ, ଉଭୟ ଦେଶ ମଧ୍ୟରେ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଛି ଏବଂ ଅକ୍ଟୋବର ୨୦୨୪ରେ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଏକ ଚୁକ୍ତି ହୋଇଥିଲା। ତେବେ, ଚୀନର ନୂତନ ରେଳ ପ୍ରକଳ୍ପ ଯୋଗୁଁ ଚିନ୍ତା ବଢ଼ିଛି। ପାକିସ୍ତାନ ସହିତ ସମ୍ପର୍କରେ ଉତ୍‌ଥାନ-ପତନ ଲାଗି ରହିଛି, କିନ୍ତୁ କ୍ରିକେଟ କୂଟନୀତି (Cricket diplomacy) ଭଳି ପଦକ୍ଷେପ ମାଧ୍ୟମରେ ଉତ୍ତେଜନା ହ୍ରାସ କରିବାକୁ ଅନେକ ସମୟରେ ପ୍ରୟାସ କରାଯାଇଛି।

**କ୍ରୀଡା କ୍ଷେତ୍ର:**

ଭାରତରେ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। 'ଖେଲୋ ଇଣ୍ଡିଆ' (Khelo India) କାର୍ଯ୍ୟକ୍ରମ ଏବଂ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ (TOPS) ମାଧ୍ୟମରେ ପ୍ରତିଭାବାନ ଆଥଲେଟମାନଙ୍କୁ ଚିହ୍ନଟ କରାଯାଉଛି ଏବଂ ଆବଶ୍ୟକୀୟ ପ୍ରଶିକ୍ଷଣ ତଥା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନାଗୁଡିକ ଫଳରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ସର୍ବଶ୍ରେଷ୍ଠ ପଦକ ହାସଲ କରିପାରିଥିଲା। ୨୦୨୫ ମସିହାରେ ଭାରତୀୟ କ୍ରୀଡାବିତମାନେ ସ୍ୱତନ୍ତ୍ର ଅଲିମ୍ପିକ୍ସ ବିଶ୍ୱ ଶୀତକାଳୀନ କ୍ରୀଡାରେ ୮ଟି ସ୍ୱର୍ଣ୍ଣ ସମେତ ମୋଟ ୩୩ଟି ପଦକ ଜିତି ସର୍ବକାଳୀନ ରେକର୍ଡ କରିଛନ୍ତି। ଅଲିମ୍ପିକ୍ସ ପଦକ ବିଜେତା ସ୍ୱପ୍ନିଲ କୁସାଲେଙ୍କ ଭଳି ଆଥଲେଟମାନେ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ ପାଇଁ ଲକ୍ଷ୍ୟ ରଖିଛନ୍ତି। କ୍ରିକେଟ୍ ଭାରତରେ ଏକ ଜନପ୍ରିୟ ଖେଳ ଏବଂ ଇଣ୍ଡିଆନ୍ ପ୍ରିମିୟରଲିଗ୍ (IPL) ବିଶ୍ୱର ଦ୍ୱିତୀୟ ସର୍ବଶ୍ରେଷ୍ଠ ଧନୀ କ୍ରୀଡା ଫ୍ରାଞ୍ଚାଇଜ୍ ଭାବରେ ଉଭା ହୋଇଛି, ଯାହା ଭାରତର ସଫ୍ଟ ପାୱାର (soft power) କୁ ପ୍ରଦର୍ଶିତ କରୁଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବା ପାଇଁ ଭାରତ ବିଡ୍ କରିବାକୁ ଯୋଜନା କରୁଛି। କ୍ରୀଡା କୂଟନୀତିରେ ମଧ୍ୟ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯେପରିକି ଆଫଗାନସ୍ତାନ କ୍ରିକେଟ୍ ଦଳକୁ ନିଜର ଘରୋଇ ଗ୍ରାଉଣ୍ଡ ବ୍ୟବହାର କରିବାକୁ ଦେବା। ତେବେ, ଭାରତର ବର୍ତ୍ତମାନର ସ୍ଥିତି ଉପରେ ସଂକ୍ଷିପ୍ତ ପ୍ରବନ୍ଧ ଓଡିଆ ଭାଷାରେ ନିମ୍ନରେ ଉପସ୍ଥାପନ କରାଯାଉଛି।

**ଭାରତର ବର୍ତ୍ତମାନର ସ୍ଥିତି : ଆହ୍ୱାନ ଏବଂ ସୁଯୋଗ**

ଭାରତ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀ ଅର୍ଥନୀତି ୬.୬% ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ଏହାକୁ ବିଶ୍ୱର ଦୃତତମ ବର୍ଦ୍ଧିଷ୍ଣୁ ଅର୍ଥନୀତି ମଧ୍ୟରୁ ଅନ୍ୟତମ କରିଛି। ନାମମାତ୍ର GDP ଦୃଷ୍ଟିରୁ ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ପାଲଟିଛି। ତଥାପି, ଦେଶ ବିଭନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି। ଦାରିଦ୍ର୍ୟ ହେଉଛି ଏକ ମୁଖ୍ୟ ସମସ୍ୟା, ଯାହା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇ ରହିଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟା ରହିଛି, ଯେପରିକି ଗୁଣାତ୍ମକ ଶିକ୍ଷାର ଅଭାବ ଏବଂ ଅନେକ ସ୍ନାତକଙ୍କର ନିଯୁକ୍ତି ଯୋଗ୍ୟତା ନଥିବା। ଏହି ସହିତ, ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ଭାବରେ ରହିଛି, ଯାହା ପିଲାମାନଙ୍କୁ ଶିକ୍ଷା ଅଧିକାରରୁ ବଂଚିତ କରୁଛି। ସରକାର ଲୋକାଭିମୁଖୀ ନୀତି ମାଧ୍ୟମରେ ଏହି ସମସ୍ୟାଗୁଡିକର ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ, ଓଡିଶାରେ ଦାରିଦ୍ର୍ୟ ହାର ହ୍ରାସ ପାଇଛି ଏବଂ ରାଜ୍ୟର GSDP ବୃଦ୍ଧି ପାଉଛି। ଭାରତ ନିଜର ସାର୍ବଭୌମତ୍ୱ , ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ପ୍ରତିବଦ୍ଧ। ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅର୍ଥନୀତିକୁ ଆଗକୁ ନେବାରେ ସାହାଯ୍ୟ କରୁଛି। ତେବେ, ସମସ୍ତ ନୀତିର ସଫଳ କାର୍ଯ୍ୟକାରିତା ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ମିଳିତ ପ୍ରୟାସ, ସଠିକ୍ ନୀତି ଏବଂ ସାମାଜିକ ସଚେତନତା ମାଧ୍ୟମରେ ଭାରତ ଏହାର ସମସ୍ତ ଆହ୍ୱାନକୁ ଅତିକ୍ରମ କରି ଏକ ବିକଶିତ ରାଷ୍ଟ୍ର ଭାବରେ ଉଭା ହୋବର ସମ୍ଭାବନା ରହିଛି। ଭାରତର ବିଭିନ୍ନ କ୍ଷେତ୍ରରେ ଥିବା ବର୍ତ୍ତମାନର ସ୍ଥିତିକୁ ନେଇ ଆଉ କିଛି ତଥ୍ୟ ନିମ୍ନରେ ପ୍ରଦାନ କରାଯାଇଛି :

କୃଷି କ୍ଷେତ୍ରର ଆହ୍ୱାନ :

କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇଥିବାବେଳେ ଏହା ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନିୟମିତ ବର୍ଷା, ମରୁଡି ଏବଂ ବନ୍ୟା ପରିସ୍ଥିତି ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ଜଡିତ ମୂଲ୍ୟର ଅଭାବ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଉଛି। ସରକାର କୃଷି ଭିତ୍ତିଭୂମିର ଉନ୍ନତି, ଜଳସେଚନ ସୁବିଧା ବୃଦ୍ଧି ଏବଂ ଫସଲ ବୀମା ଯୋଜନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛନ୍ତି।

ନିଯୁକ୍ତି ସମସ୍ୟା :

ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ, ଭାରତରେ ନିଯୁକ୍ତି ସୃଷ୍ଟି ହାର ଆଶାନୁରୂପ ନୁହେଁ। ବହୁ ସଂଖ୍ୟାକ ଯୁବକ ଶିକ୍ଷିତ ହେଉଥିଲେ ମଧ୍ୟ, ସେମାନଙ୍କ ପାଇଁ ଉପଯୁକ୍ତ ଚାକିରି ସୁଯୋଗ ସୀମିତ ରହିଛି। ଏହା ବେକାରୀ ସମସ୍ୟାକୁ ଜଟିଳ କରୁଛି। ସରକାର 'ମେକ୍ ଇନ୍ ଇଣ୍ଡିଆ' (make in India) ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ (Startup India) ପରି ଯୋଜନା ମାଧ୍ୟମରେ ଶିଳ୍ପ ବିକାଶ ଓ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସ୍ୱାସ୍ଥ୍ୟସେବା ଭିତ୍ତିଭୂମି :

କୋଭିଡ-୧୯ ମହାମାରୀ ଭାରତର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଛି। ଡାକ୍ତରଖାନା, ଡାକ୍ତର ଏବଂ ନର୍ସମାନଙ୍କର ଅଭାବ ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ଦେଖାଯାଏ। ସ୍ୱାସ୍ଥ୍ୟ ବଜେଟ୍ ବୃଦ୍ଧି ଏବଂ ଆୟୁଷ୍ମାନ ଭାରତ' (Ayushman Bharat) ପରି ଯୋଜନା ମାଧ୍ୟମରେ ସରକାର ସମସ୍ତଙ୍କୁ ସୁଲଭ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପ୍ରୟାସ କରୁଛନ୍ତି।

ଜଳବାୟୁ ପରିବର୍ତ୍ତନ :

ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ଏକ ବଡ ବିପଦ। ସମୁଦ୍ର ପତ୍ତନ ବୃଦ୍ଧି, ଅତ୍ୟଧିକ ଖରା ଏବଂ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାରତା ବୃଦ୍ଧି ପାଉଛି। ଭାରତ ଅକ୍ଷୟ ଶକ୍ତି, ବିଶେଷ କରି ସୌର ଶକ୍ତିର ଉପଯୋଗକୁ ବୃଦ୍ଧି କରିବା ପାଇଁ ଅନେକ ପଦକ୍ଷେପ ନେଉଛି ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟ (International Solar Alliance) ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ମହିଳା ସଶକ୍ତିକରଣ :

ମହିଳା ସଶକ୍ତିକରଣ କ୍ଷେତ୍ରରେ ଭାରତରେ ଉଭୟ ସଫଳତା ଏବଂ ଆହ୍ୱାନ ରହିଛି। ଶିକ୍ଷା ଏବଂ ନିଯୁକ୍ତିରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଉଥିବାବେଳେ, ଲିଙ୍ଗଗତ ବୈଷମ୍ୟ, ନିର୍ଯ୍ୟାତନା ଏଂବ ସୁରକ୍ଷା ସମସ୍ୟା ଏବେ ମଧ୍ୟ ବିଦ୍ୟମାନ। 'ବେଟି ବଚାଓ, ବେଟି ପଢାଓ' (Beti Bachao, Beti Padhao) ଭଳି ଯୋଜନା ମାଧ୍ୟମରେ ସରକାର ଏ ଦିଗରେ କାର୍ଯ୍ୟ କରୁଛନ୍ତି।

ବୈଦେଶିକ ନୀତି :

ଭାରତ ଏକ ଶକ୍ତିଶାଳୀ ବିଶ୍ୱ ଭାବେ ଉଭା ହେଉଛି। ଏହା ଆମେରିକା, ଋଷ ଏବଂ ୟୁରୋପୀୟ ଦେଶମାନଙ୍କ ସହିତ ଉତ୍ତମ ସମ୍ପର୍କ ବଜାୟ ରଖିଛି। ପଡୋଶୀ ଦେଶ, ବିଶେଷ କରି ପାକିସ୍ତାନ ଏବଂ ଚୀନ ସହିତ ସୀମା ବିବାଦ ଏବଂ କୂଟନୈତିକ ଆହ୍ୱାନ ରହିଛି। ଭାରତ ବିଶ୍ୱ ଶାନ୍ତି ଏବଂ ସହଯୋଗ ପାଇଁ ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସକ୍ରିୟ ଅଂଶଗ୍ରହଣ କରୁଛି। ଏହି ସମସ୍ତ କ୍ଷେତ୍ରରେ ଉନ୍ନତି ପାଇଁ ସରକାର, ନାଗରିକ ସମାଜ ଏବଂ ସାଧାରଣ ଜନତାଙ୍କ ମିଳିତ ଉଦ୍ୟମ ଅତ୍ୟନ୍ତ ଆବଶ୍ୟକ। ଭାରତର ବର୍ତ୍ତମାନର ସ୍ଥିତି : ଅର୍ଥନୀତି, କୃଷି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶର ପଥ ଭାରତ ବର୍ତ୍ତମାନ ବିଶ୍ୱର ଏକ ପ୍ରମୁଖ ଶକ୍ତି ଭାବରେ ଉଭା ହେଉଛି ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିରେ ବୃଦ୍ଧି ହାର ୬.୬% ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଆକଳନ କରିଛି। ଏହା ଭାରତକୁ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ କରିଛି। ଦେଶର ମୋଟ ଘରୋଇ ଉତ୍ପାଦ (GDP) ଦୃଷ୍ଟିରୁ ଭାରତ ବିଶ୍ୱର ୫ମ ବୃହତ୍ତମ । (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଆତ୍ମସମୀକ୍ଷା

*ଶରତ ଦାଶ*



କବି ନୁହେଁ ମୁହିଁ ଲେଖେ କବିତା
ଜଳେ ରାତି ଦିନ ନୁହେଁ ସଳିତା
ମଳୟ ନୁହେଁ ମୁଁ ପ୍ରସାରେ ପ୍ରୀତି
ଗାୟକ ନୁହେଁ ଗାଏ ନିତି ଗୀତି ॥
ପତର ନୁହେଁ ମୁଁ ନୁହେଁ ପଥର
କେବେ ଭାସିଯାଏ ପଦପ୍ରହାର
କେବେ ଖାଇ ଯାଏ ନିଷ୍ପ୍ରାଣ ହୋଇ
ଜୀବନହୀନ ମୁଁ ଜୀବନେ ଥାଇ ॥
ନୁହେଁ ମୁଁ ତଟିନୀ ନୟନଜଳେ
ପୂର୍ଣ୍ଣ କରେ ବକ୍ଷ ସଞ୍ଜ ସକାଳେ
ରାତ୍ରି ନୁହେଁ ମୁହିଁ ଅନ୍ଧାରେ ଲୋଟେ
ସୁଖର କଣିକା ହାତେ ସାଉଣ୍ଟେ ॥
ସୁଖ ନୁହେଁ ମୁହିଁ ମୁଠାଏ ଦୁଃଖ
ହେଲେ ବି ପ୍ରଚେଷ୍ଟା ଦେବାକୁ ସୁଖ
ନୁହେଁ ବଳଶାଳୀ ଦିଅଇ ବଳ
ଦୁର୍ବଳକୁ କରିବାକୁ ସବଳ ॥
ନୁହେଁ ମୁଁ ଭକତ ଭକ୍ତିରେ ଭିଜେ
ଧାର୍ମିକ ନୁହେଁ ମୁଁ ଈଶ୍ୱର ଭଜେ
ଧନୀ ନୁହେଁ ଧନ କରେ ପ୍ରଦାନ
ଦାନୀ ନହୋଇ ବି କରଇ ଦାନ ॥

ନେତା ନୁହେଁ ଦୃଷ୍ଟି ରାଜନୀତିରେ
ଜଳ ମଧ୍ୟେ ଥାଇ ସ୍ଥଳ ଆବୋରେ
ପାପକୁ ମୋ ଘୃଣା ନୁହେଁ ପାପୀକୁ
ଭଲପାଏ ନର ପଶୁ ପକ୍ଷୀଙ୍କୁ ॥
ମହାଶୂନ୍ୟେ ମୁହିଁ ବିନ୍ଦୁଏ ସତ୍ତା
କେଉଁଠି ବିଲୟ ନାହିଁ ତ ପତ୍ତା
ଅସ୍ତାଚଳେ ରବି ଗଲେଣି ଡୁବି
ଦୃଶ୍ୟ ହୁଏ ଧୀରେ ବିଦାୟ ଛବି ॥

ନୁହେଁ ମୁଁ ଦାନବ ନୁହେଁ ଦେବତା
ନୁହେଁ ପାପୀ ନୁହେଁ ସାଧୁ ମହାତ୍ମା
ଦୁବକୁ ମୋଟ ମୁଁ ଦାରୁକୁ ଛୋଟ
ପାସୋରି ଦେଇଛି ଛନ୍ଦ କପଟ ॥
କରୁଣା-ଅର୍ଣ୍ଣବ କରୁଣା ବଳେ
କୂଳ ହେବି ପ୍ରାପ୍ତ ସଂସାର ଜଳେ
ପ୍ରେମରେ ଜୀବନ ଅତିବାହିତ
କରି ଶେଷେ ଶୂନ୍ୟେ ହେବି ଦ୍ରବିତ ॥

*ଭୁବନେଶ୍ୱର*

## ମା' ଶବ୍ଦ

*ଡ. ସୁନନ୍ଦା ମିଶ୍ର ପଣ୍ଡା*



ଆଜି ଆଖି ଖୋଲି ଖୋଜୁଛି
କାନପାତି ଶୁଣୁଛି
ମନ ନେଇ ମାପୁଚି
ମା'ର ସେଇ ଅଗଣାରେ,
ନିବିଡ଼ ଗେହ୍ଲାପଣ ।
ମନ ହିଁ ତ
ସ୍ୱର୍ଗ ମର୍ତ୍ତ୍ୟର ସ୍ଥପତି
ଆକାଶଗଙ୍ଗା, ଅନ୍ତରୀକ୍ଷ
ଅବା ମୋକ୍ଷ
ସବୁକିଛିର ସ୍ଥପତି, ଆଙ୍କେ
ହୃଦୟ କନ୍ଦରରେ ।
ଦୁଇଟି ହୃଦୟ ମମତାର ଡୋରିରେ ବନ୍ଧା
ଚୁନା ଚୁନା ସ୍ମୃତିକୁ ସାଉଁଟି
ନିଶ୍ୱାସରେ ସଜୀବପଣ
ଶବ୍ଦରେ ଶବ୍ଦରେ କବିତା ।
ମା' ଶବ୍ଦ ମୋ ଲାଗି ମୋ କବିତା
ସତ୍ୟ ସତ୍ୟ ତ୍ରିବାର ସତ୍ୟ
ସମ୍ପର୍କ ଅନନ୍ତ ଜନ୍ମର
ସୃଷ୍ଟିର ଆଦିମ କାଳରୁ ।

*ଟୋରୋଣ୍ଟୋ, କାନାଡା*
*ମୋ- ୧୬୪୭୮୩୮୯୮୮୪*

## ପରୋପକାରୀ



**ସିଦ୍ଧାର୍ଥ ମିଶ୍ର**

କିଛି ପରୋପକାରୀ ଆପଣ ରାସ୍ତାରେ ଗାଡି ଚଳେଇ ଯାଉଥିବା ବେଳେ ପଛରୁ ଗୋଡେଇ ଗୋଡେଇ ଆସି କହନ୍ତି ଗାଡିର ଡୋର୍ ଭଲଭାବେ ବନ୍ଦ ହେଇନି। ପଛ ଡିକି ଖୋଲା ଅଛି। ଟାୟରରେ ପ୍ରେସର କମ୍ ଅଛି । ଦିନବେଳା ହେଡ଼ ଲାଇଟ୍ ଜଳୁଛି ବା ଇଣ୍ଡିକେଟର ଖାଲିରେ ଜଳୁଛି। ଗାଡିର ଷ୍ଟାଣ୍ଡ ଉଠିନାହିଁ। ପଛରେ ବସିଥିବା ମହିଳା ତାଙ୍କ ଘୋଷାରି ହେଉଥିବା ଶାଢୀ କାନି /ଓଢଣୀ ଉଠେଇକି ଧରନ୍ତୁ। ଆଗରେ ହେଲ୍‌ମେଟ୍ ଚେକିଂ ଚାଲିଛି ଇତ୍ୟାଦି।

ଆଉ କିଛି ଉପକାରୀ ଠାରି ଦିଅନ୍ତି ଆପଣଙ୍କ ପ୍ୟାଣ୍ଟର ଜିପ୍ ଖୋଲା ଅଛି। ପେନ୍‌ରୁ କାଳି ଝରି ସାର୍ଟ ଅସନା ହେଲାଣି । ଆପଣଙ୍କ ଫୋନ୍/ପର୍ସ ପକେଟ୍‌ରୁ ବାହାରି ପଡିଯାଇପାରେ। ଫୋନ୍‌ର ଫ୍ଲାଶ୍ ଲାଇଟ୍ ଅନ୍ ଅଛି।

ସ୍କୁଟି ଚଳେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ମହିଳା/ଅସହାୟଙ୍କୁ ଦେଖିଲେ ଏ ପରୋପକାରୀମାନେ ସହାୟତା କରିବା ଆଗରୁ ରୁଣ୍ଡ ହୋଇ ସେଲ୍ଫି/ ଭିଡିଓ ନେଇ ସୋସିଆଲ୍ ମିଡିଆରେ ପୋଷ୍ଟ କରନ୍ତି ।

ଅନ୍ୟ ପ୍ରକାରର କିଛି ପରୋପକାରୀ ଆପଣଙ୍କ ସାହିରେ ଉପଲବ୍ଧ। ଧରନ୍ତୁ ଆପଣଙ୍କ ପିଲା ଫେଲ୍ ହେଇଯାଇଛି ବା ତା'ର ବ୍ରେକ୍‌ଅପ୍ ହେଇଯାଇଛି। ଝିଅ ଲୁଚି ଲୁଚି କାହାସଙ୍ଗେ ବୁଲୁଚି ବା ପଳେଇଚି। ପୁଅ ସାଇପିଲାଙ୍କ ସାଙ୍ଗେ ବାତରାମି ବା ନିଶାପାଣି କରୁଛି । ପିଲାଙ୍କର ଚାକିରି ବା ବିବାହ ହେଇପାରୁନି। ପଡୋଶୀ ସହ ଆପଣଙ୍କ ଝଗଡା ହୋଇଛି। ବାପ ପୁଅ ବା ଶାଶୁ ବୋହୂ ସମ୍ପର୍କ ଭଲ ନାହିଁ। ତେବେ ଏଇ ଉପକାରୀ ମାନେ ଆପଣଙ୍କ ଘରେ ଚା ଜଳଖିଆ ଖାଇ ଆପଣଙ୍କ ପରିବାର ସମ୍ବନ୍ଧରେ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ କରିବେ । ପଡ଼ାଟା ଯାକର ଭିତିରି ଖବର, ଲଫଡା, କେଳେଙ୍କାରୀ କାହା ଆଗରେ ପ୍ରକାଶ ନ କରିବାର ସର୍ତ୍ତରେ ଆପଣଙ୍କ କାନରେ ଭରିଦେବେ । ମାଗଣାରେ ଉପଦେଶ, ଧର୍ମବାଣୀ, ଜୀବନ ଦର୍ଶନ ଉପରେ ବକ୍ତୃତା ଦେଇ ଆସିବେ। ଆପଣଙ୍କୁ ବାବା, ଗୁଣିଆ, ଜ୍ୟୋତିଷ, ତାବିଜ, ଝାଡ଼ଫୁଙ୍କ, ପ୍ରତ୍ୟକ୍ଷ ଦେବାଦେବୀ, ହୁକୁମ, ଗ୍ରହପଥର ଆଦି ଦ୍ୱାରା ହେଇପାରୁଥିବା ଅମୋଘ ଅବ୍ୟର୍ଥ ପ୍ରତିକାର ବା ଠିକଣା ବତେଇ ଦେବେ । ଅଭାବ ବେଳେ ଆଉ କିଛି ଉପକାରୀ ଆପଣଙ୍କୁ ମାସିକିଆ ସୁଧରେ ହାତ ଉଧାରୀ ବା ଚିଟ୍‌ଫଣ୍ଡ, ଅତି ପୁରୁଣା ସେକେଣ୍ଡ ହ୍ୟାଣ୍ଡ ଗାଡି କିଣେଇ ଦେବାରେ ସହାୟ ହେବେ । ଲାଞ୍ଚ ଦେବା ନେବା ପାଇଁ ମଧ୍ୟସ୍ତି ଯୋଗାଡ଼ କରେଇ ଦେବେ ।

ଏ ଭଳି ପରାର୍ଥୀ, ପରମାର୍ଥୀ ଏବଂ ନିହାତି ଅନ୍ତରଙ୍ଗ ପ୍ରତୀୟମାନ ହେଉଥିବା ପରୋପକାରୀ ବ୍ୟକ୍ତିମାନେ ଏ ସଂସାରରେ ଆମ ଜଣା ଅଜଣାରେ ପରିପୂର୍ଣ୍ଣ ହେଇ ଅଛନ୍ତି। ଆମେ ସେମାନଙ୍କୁ ଚିହ୍ନି ପାରୁନେ ଯାହା।

*ମୋ-୭୮୫୫୮୮୫୦୮୨*

## ସ୍ନିଗ୍ଧ ସାନିଧ୍ୟ

*ସୁକାନ୍ତ ସମର୍ଥା*

ରାତି ତ ଶୋଇଲାଣି
ଗଭୀର ନିଦରେ
ଶୀତ ବି ଢାଙ୍କିଲାଣି
ନରମ ଚାଦର,
ତୁମେ ସେଠି ନିଶ୍ୱାସ ନିଅ
ମୁଁ ଏଠି ଶୋଇଯିବି
ତୁମ ଭାବନା ବାହୁରେ,
ତୁମ ଆଖି ନଇଁଗଲେ
ମୁଁ ଏଠି କଡ଼ ଲେଉଟେଇବି
ତୁମ ସ୍ୱପ୍ନର ଶେଯରେ,
କିଛି ଉଷ୍ମ ନୀରବତା
ବାଣ୍ଟିନେବା ଅଧା ତୁମ ନାଁରେ
ଅଧା ମୋ ନାଁରେ.... ॥

ବାହାରେ ତ ନିଃସଙ୍ଗତାର
ବରଫ ଜମିଲାଣି,
ଭିତରେ ବି ଶୂନ୍ୟତା କୁହୁଳିଲାଣି,
ତୁମେ ସେଠି ବିଞ୍ଚିଯାଅ ଟୁକୁଡାରେ
ମୁଁ ଏଠି ସାଉଁଟିବି
ବୁନ୍ଦା ବୁନ୍ଦା ଝାଳର ବାହୁରେ,
ତୁମେ କିଛି ଜଳିଯାଅ
ମୁଁ ଏଠି ଲିଭେଇବି
ଆଲିଙ୍ଗନର ଓଠରେ,
ସତରେ ତୁମେ କେମିତି
ଏତେ ନିକଟରେ
ମୋ ଠାରୁ ରହି ଦୂରରେ... ॥

ଜହ୍ନ ତ ମୁଣ୍ଡ ଗୁଞ୍ଜିଲାଣି
ବାଦଲ ଛାତିରେ,
ଫୁଲ ବି ବାସ୍ନା ବୁଣିଲେଣି
ଲାଜର ଶେଯରେ,
ତୁମେ କିଛି ବୋହିଯାଅ
ମୁଁ ବି କିଛି ବୋହିଯିବି
ମିଶିଯିବା ଚାନ୍ଦିନର ତୀରେ,
ଅଳସ ତୁମେ ଭାଙ୍ଗି ନିଅ
ମୋ ତତଲା ନିଶ୍ୱାସରେ
ସ୍ୱାକ୍ଷରିବା କିଛି ସ୍ମୃତି
ତୁମେ ଅଧେ ମୋ ଦେହରେ
ମୁଁ ବି କିଛି ତୁମ ଅଧରରେ.... ॥



## ବଦଳେଇ ଦେଲି ମତ

*ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ*



ମନଦୁଃଖ କରି କାନ୍ଥକୁ ଆଉଜି
ବସିଥିଲେ ରମା ଖୁଡ଼ି,
ଲାଗୁଥିଲା ସତେ ଭାବନା ରାଇଜେ
ଯାଇଛନ୍ତି ସିଏ ବୁଡ଼ି ।
ପାଖକୁ ଯାଇକି ପଚାରିଲି ତାଙ୍କୁ
କଅଣ ହୋଇଛି କୁହ ?
ଦେହ ମୁହଁ ତୁମ ଶୁଖି ତ ଯାଇଛି
ଆଖିରୁ ଗଡୁଛି ଲୁହ ।
ସଙ୍ଗେ ସଙ୍ଗେ ଖୁଡ଼ି କହିଲେରେ ବାବୁ
କଅଣ କହିବି ତତେ,
ସତରେ ଠାକୁର ଅଛନ୍ତି ବୋଲିକି
ଲାଗୁନାହିଁ ଜମା ମତେ ।
ତିନୋଟି ଝିଅ ମୋ ଭାଇର ତଥାପି
ଆଜି ଗୋଟେ ଝିଅ ହେଲା,
ନିଷ୍ଠୁର ଦଇବ ଅବିଚାର କରି
ବଡ଼ଶାସ୍ତି ତାକୁ ଦେଲା ।
ପୁଅଟିଏ ହୋଇଥିଲେ ବୁଢାକାଳେ
ହୋଇଥାନ୍ତା ନିଶ୍ଚେ ସାହା,
ବୋହୂମାଆ ଆସି ସେବା କରିଥାନ୍ତା
କରିଦେଇଥିଲେ ବାହା ।
ନାତି ନାତୁଣୀରେ ପୂରିଥାନ୍ତା ଘର
ବେଳ ଯାଇଥାନ୍ତା ବିତି,
ଅସୁବିଧା କିଛି ହୋଇନଥାଆନ୍ତା
ଖୁସିରେ ଥାଆନ୍ତା ନିତି ।
ଖୁଡ଼ିଙ୍କଠୁ ଏହି କଥା ଶୁଣି ମୁହିଁ
କହିଲି ଶୁଣ ମୋ କଥା,
ଝିଅ କେବେ ହେଲେ ଅଭିଶାପ ନୁହେଁ
ଉଚ୍ଚା ରଖେ ଆମ ମଥା ।
ପୁଅଙ୍କ ଭଳି ବି ଝିଅମାନେ ଏବେ
କରୁଛନ୍ତି ସବୁ କାମ,
ମନ୍ତ୍ରୀ, ବିଧାୟକ, ରାଷ୍ଟ୍ରପତି ହୋଇ
ରଖୁଛନ୍ତି ଦେଶ ନାମ ।
କ୍ରୀଡ଼ା, ବିଜ୍ଞାନରେ କଳା, ସାହିତ୍ୟରେ
ସବୁଠି ଆଗରେ ସିଏ ,
ପୂର୍ବଭଳି ଆଉ ଅବଳା ନୁହନ୍ତି
ତାଙ୍କ ପରି ହେବ କିଏ ?
ଜନ୍ମଠାରୁ ତାଙ୍କ ବିବାହ ପର୍ଯ୍ୟନ୍ତ
ସର୍କାରୀ ସୁବିଧା ଅଛି,
ବାପା ମାଆ ଚିନ୍ତା କରିବାର ଆଉ
ଦରକାର ନାହିଁ କିଛି ।
ଏବେକାର ପ୍ରାୟ ପୁଅମାନେ ବରଂ
ବାପା ମା'ଙ୍କୁ ଭୁଲି ଯାଇ,
ବୁଢା କାଳେ ହଇରାଣ ଯେ କରନ୍ତି
ବଜାର ସହରେ ଥାଇ ।
ଝିଅମାନେ ବାପା ମାଆଙ୍କୁ ନେଇକି
ଆଦରେ ରଖନ୍ତି ଘରେ,
ତାଙ୍କ ସେବା ଯତ୍ନ କରିଥାନ୍ତି ଆଗ
ଆଉ ସବୁ କାମ ପରେ ।
ତେଣୁ ଝିଅ ପାଇଁ ଦୁଃଖ ନ କରିକି
ଖୁସି ହେବା କଥା ଆମେ,
ମାଆ ପରି ସାହା ହୋଇବେ ସର୍ବଦା
ହାରିବାନି କେଉଁ କାମେ ।
ଏତିକି ମୋଅଠୁଁ ଶୁଣିକିରି ଖୁଡ଼ି
କହିଲେ କହିଛୁ ସତ,
ଝିଅ ହେଲା ବୋଲି ଦୁଃଖ କରିବିନି
ବଦଳେଇ ଦେଲି ମତ ।
ବଡ଼ ଶରଧାରେ ମିଠା ଖୁଆଇକି
କହିବି ଭାଇଙ୍କୁ ଆଜି,
ଦୁଃଖ କରନାହିଁ ଲକ୍ଷ୍ମୀ ଆସିଛନ୍ତି
କୁନିଝିଅଟିଏ ସାଜି ॥

*ସମ୍ପାଦକ:ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର, ନୀଳକଣ୍ଠପୁର, ମଙ୍ଗଳପୁର,ଯାଜପୁର*
*ଫୋନ୍-୭୯୦୪୩୯୨୬୮୬*

## ଗୁରୁବାର ମାଣବସା

*ହୃଦାନନ୍ଦ ସୁନାନୀ*

ମାଣବସା ବା ଲକ୍ଷ୍ମୀ ପୂଜା ଗୁରୁବାର
ହେଉଥାଏ ମାସ ଅଟଇ ମାର୍ଗଶୀର।
ସବୁ ଗୁରୁବାର କରିଥାନ୍ତି ପୂଜା
ବୋହୂ ମାନଙ୍କୁ ଲାଗଇ ଏହା ମଜା।
ଭୋରରୁ ଉଠି ଗାଧୋଇ ସାରି
ପୂଜା କରନ୍ତି ହୁଳହୁଳି ଦେଇକରି।
ମାଣବସା ସବୁ ବରଷ ହୋଇଥାଏ
ଗୃହେ ଗୃହିଣୀ ଏହା ଯତନେ ପାଳିଥାଏ।
ଧାନ କଟା ଚାଲିଥାଏ ଖୁସିରେ ସତେ
ଘର ଦୁଆର ଲିପା ପୋଛା ହୁଏ କେତେ।
ଝୋଟି ବନାନ୍ତି ଚାଉଳ ଚୁନାରେ
ସୁନ୍ଦର ଦିଶେ ପ୍ରତି ଗୁରୁବାରେ।

*କଳାହାଣ୍ଡି*
*ମୋ-୭୯୭୮୨୯୪୨୭୧*





## ସ୍ମୃତି

*ବିନୟ କୁମାର ମିଶ୍ର*

ଏମିତି ଅନେକ
ଚଳଣି ଦରବ
ପରିବେଶ ହଜିଲାଣି,
ପରମ୍ପରା ଉତ୍ସ
ସଂସ୍କୃତିର କଥା
ଆଉ କେବେ ଫେରିବନି।

ତନ୍ତୀ ଘର କଣ୍ଡା
ଶଟର ଶାଟର
ଅରଟ ଆଙ୍କୁଡ଼ା କୁନ୍ଦ,
ମାଳିଘର ଫୁଲ
ପାଦୁକ ପରବେ
ଛାଡ଼ି ଚାଲିଯାଏ ମନ୍ଦ।

ଢ଼ିଙ୍କି ଢ଼ିଙ୍କିଶାଳ
ଗାଈଙ୍କ ଗୁହାଳ
ବଳଦଙ୍କ ପଟାଶାଳ,
ଅଗଣା ଚଉରା
ଘୋରଣା ପେଷଣା
ଚୌପିଢ଼ି କୋଡ଼ି ଲଙ୍ଗଳ।

ବାଡ଼ି ପାଳଗଦା
ଛତୁ ଲେଉଟିଆ
କାନ୍ଧିଆ ସଜନା ଛୁଇଁ,
ଗାଁ ଠାକୁରାଣୀ
ଭାଗବତ ଗାଦି
କୁଆଡେ ହଜିଗଲାଣି।

ଶଗଡ଼ ଜୁଆଳି
ମଇ ହାତକୋଡ଼ି
କୋଦାଳ ଫାଉଡା ଜୋତ,
ଡାଲା ବାଉଁଶିଆ
କୁଲା ବୋଝ ବେତା
ଡୋଲି ରୋଦର ସହିତ।

କାର୍ତ୍ତିକ ସକାଳ
ଦାଣ୍ଡ ସଂକୀର୍ତ୍ତନ
ଭୋଗଖିଆ ଝାମୁ ଦଣ୍ଡ,
ମେଳଣ ଯାତ୍ରା
ପୁନିଅ ପରବ
ପିଠା ପଣା ସବୁ ଗୁଣ୍ଡ।

ଗାଁ ଦାଣ୍ଡ ଧୂଳି
ଗହୀର ପୋଖରୀ
ଭାଗବତ ଟୁଙ୍ଗି ଘର,
ମାଟି ପିଣ୍ଡା ଚାଳ
ଖଳା ସାରୁ ବାଡ଼ି
କୁମ୍ଭାରର ଉଆ ଶାଳ।

ଦ୍ରବ୍ୟ ଚବ୍ୟ ଚୋଷ୍ୟ
ଲେହ୍ୟ ପେୟ ଲେପ
ସବୁ ବଦଳି ଗଲାଣି,
ହଳଦୀ କାଠୁଆ
କଜଳପାତି ଯେ
ମାଣ ଅଣକ ତୋରାଣୀ।

କେଉଟ ଘରର
ସରୁ ନାଳି ଚୁଡା
ଗୁଡ଼ିଆ ଘରର ମୁଆଁ,
କମାରର ଦାଆ
କଟୁରୀ ଟାଙ୍ଗିଆ
ନାଲ ବସା ଘଷି ନିଆଁ।

ଲେଖୁଥିଲେ ବସି
ସରିବନି ଯେତେ
ପରିବର୍ତ୍ତନ ହେଲାଣି,
ଆଧୁନିକତାର
ଚାଦର ଘୋଡେଇ
ସ୍ମୃତି ସବୁ ଶୋଇଲେଣି।

*ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା*

## ବିବାହ ପଦ୍ଧତି



**ସନ୍ତୋଷ ମିଶ୍ର**



ସୁଖେନ୍ଦୁ ଷଡ଼ଙ୍ଗୀ, ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ପଦସ୍ଥ ଅଧିକାରୀ। ଉପ -ଜିଲ୍ଲାପାଳ ନୀଳଗିରି। ଛୋଟ ସଂସାର – ସ୍ତ୍ରୀ ସମେତ ପୁଅ ଝିଅ ଦୁଇ ଜଣ; ଉଭୟ ପ୍ରାଇଭେଟ୍ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର। ସୁଖେନ୍ଦୁଙ୍କର ଇଚ୍ଛା ଚାକିରିରୁ ଅବସର ନେବା ପୂର୍ବରୁ ପୁଅଝିଅ ଦୁଇ ଜଣଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କରିବା। ସେଥିପାଇଁ ନୂଆ ବର୍ଷର ପ୍ରଥମ ରବିବାର ଦିନ ଗୋଟିଏ ନୈଶ୍ୟ ଭୋଜିର ଆୟୋଜନ କଲେ। ପୁଅ ଝିଅଙ୍କ ବିବାହ କାର୍ଯ୍ୟରେ ମଧ୍ୟସ୍ଥି କରି ବେଶ୍ ପାରଦର୍ଶିତା ହାସଲ କରିଥିବା କେତେଜଣ ବ୍ୟକ୍ତି ବିଶେଷଙ୍କୁ ଉକ୍ତ ଭୋଜିକୁ ନିମନ୍ତ୍ରଣ କଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ଠିକ୍ ସନ୍ଧ୍ୟା ୭ଟା ବେଳକୁ ସମୁଦାୟ ଛଅଜଣ ମଧ୍ୟସ୍ଥି ସୁଖେନ୍ଦୁଙ୍କ ଘରେ ପହଞ୍ଚିଲେ। ସେମାନଙ୍କୁ ଯଥାମାନ୍ୟ କରାଯାଇ ମୃଦୁ ପାନୀୟ, ବିଦେଶୀ ପାନୀୟ, ସ୍ନାକ୍ସ, ସିଝା ଅଣ୍ଡା, ଚିକେନ କଷା, ମଟନ୍ କଷା, ମାଛ ଭଜା, ଚାହା ଓ କଫି ଆଦି ଯଥେଷ୍ଟ ପରିମାଣରେ ଯୋଗାଇ ଦିଆଗଲା।

ସନ୍ଧ୍ୟାରେ ଆପ୍ୟାୟିତ ସମସ୍ତ ମଧ୍ୟସ୍ଥି ସୁଖେନ୍ଦୁଙ୍କ ପ୍ରଶଂସାରେ ଶତମୁଖର ହୋଇଉଠିଲେ। ଆହାଃ କି ସୁନ୍ଦର ଆମ ସୁଖେନ୍ଦୁ ବାବୁ !! ଅନ୍ୟକୁ ପେଟ ଭରି ଖୁଆଇବାରେ ତାଙ୍କର ଆନନ୍ଦ। ମହାନ୍ ପୁଣ୍ୟବାନ୍ ବ୍ୟକ୍ତି ! ବାସ୍ତବିକ କଳିଯୁଗର ଦେବତା !! ସେତେବେଳକୁ କେତେଜଣ ନାଳିଗାର ପାରେଇ ସାରିଲେଣି। ସେମାନେ ଆନନ୍ଦରେ ଗଦ୍ ଗଦ ହୋଇ କହୁଥାନ୍ତି – ସେ ତ ଆମପାଇଁ ସ୍ୱୟଂ ଭଗବାନ... ତାଙ୍କ ପାଦ ତଳେ କୋଟି କୋଟି ନମନ !!!

ସେତିକିବେଳେ ଆବିର୍ଭୁତ ହେଲେ ମହାମହିମ ଉପଜିଲ୍ଲାପାଳ ସୁଖେନ୍ଦୁ। ହସିହସି ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ । କହିଲେ – ଆପଣମାନଙ୍କ ପାଇଁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା କରାଯାଇଥିଲା ... ତାହା ଥିଲା ଟ୍ରେଲର... ଅସଲ ନାଟକ ଅନୁଷ୍ଠିତ ହେବ ରାତି ଦଶଟା ବେଳେ। ସଂକ୍ଷିପ୍ତ ଆୟୋଜନ..... ନାଲି ବଗଡ଼ା ଚାଉଳ ଭାତ, ଖାସି ମାଂସ ... ସିନା କଲିଜା... ପୁଷ୍ଟି ଓ ମୁଣ୍ଡ... ସ୍ୱାଇଟରେ ପଞ୍ଚ୍ ହୋଇଥିବା ଦାମୀ ବିଦେଶୀ ପାନୀୟ। ମନଇଚ୍ଛା ଖାଇବେ... ପିଇବେ ... ଏଞ୍ଜୟ୍ କରିବେ... କିଛି ପ୍ରତିବନ୍ଧକ ନାହିଁ। ଯୋଉମାନେ କୌଣସି କାରଣ ବଶତଃ ଘରକୁ ଯାଇପାରିବେନି ସେମାନଙ୍କର ରହିବା ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି।

ଆପଣମାନେ ଭାବୁଥିବେ ଏତେ ସବୁ ଆୟୋଜନ କରିବାରେ ମୋର ଉଦ୍ଦେଶ୍ୟ କଣ। ତାହା ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ। ଆପଣମାନେ ସମସ୍ତେ ଜାଣନ୍ତି ମୋର ଦୁଇ ପୁଅଝିଅ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରି ମାସିକ ଲକ୍ଷାଧିକ ଟଙ୍କା ପାରିଶ୍ରମିକ ଭାବେ ପାଉଛନ୍ତି। ସେମାନଙ୍କ ବିବାହ ଯଥାଶୀଘ୍ର ସାରିବା ପାଇଁ ମୁଁ କେତେ ବ୍ୟସ୍ତ ତାହା ଆପଣମାନଙ୍କୁ ଅଜଣା ନୁହେଁ। ସେମାନେ ଯେହେତୁ ଉପାର୍ଜନକ୍ଷମ ଆପଣମାନଙ୍କ ବିନା ସାହାଯ୍ୟରେ ମୁଁ ସେମାନଙ୍କ ବିବାହ କାର୍ଯ୍ୟ କରିପାରିଥାନ୍ତି। ମାତ୍ର ମୁଁ କଳ୍ପନା କରିଥିବା ବିବାହ ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ହୋଇଥିବାରୁ ଆପଣମାନଙ୍କ ଆନ୍ତରିକ ସହଯୋଗ ନିହାତି ଆବଶ୍ୟକ। ଏବେ ପ୍ରସ୍ତାବିତ ବିବାହ ପଦ୍ଧତି ସମ୍ପର୍କରେ ଦେଉଥିବା ସୂଚନା ମନ ଧ୍ୟାନ ଦେଇ ଶୁଣନ୍ତୁ।

ପ୍ରଥମେ ପୁଅ ବାହାଘର। ଭଦ୍ର ପରିବାରର ଗୋଟେ ସୁନ୍ଦର, ଶିକ୍ଷିତା ଝିଅ ଦରକାର। ଝିଅ ପ୍ରଥମେ ପୁଅକୁ ଦେଖିବାକୁ ଆସିବ। ପସନ୍ଦ ହେଲେ ପୁଅ ଝିଅର ଘରକୁ ଆମ ସାଙ୍ଗରେ ଯିବ। ତାଙ୍କର ଘରବାରି ସମେତ ସମସ୍ତ ଚଳନ୍ତି ଅଚଳନ୍ତି ସମ୍ପତ୍ତି ତଦାରଖ କରି ମୂଲ୍ୟାୟନ କରାଯିବ। ଆମ ପୁଅ ଶଶୁର ଘରେ ରହି ଚଳିବାରେ ଯେମିତି କୌଣସି ପ୍ରକାରେ ଅସୁବିଧା ନହୁଏ । ନିଜର ସ୍ୱାଧୀନତା ଯେପରି ଅକ୍ଷୁର୍ଣ୍ଣ ରହିବ ଏବଂ ଚାକିରିରେ ଆଞ୍ଚ ଆସିଲା ଭଳି କୌଣସି କାର୍ଯ୍ୟ ଯେପରି ସେମାନେ ନକରନ୍ତି। ଉଭୟ ପକ୍ଷର ପୁଅଝିଅ ଏବଂ ପରିବାର ପରସ୍ପରକୁ ପସନ୍ଦ କରିସାରିବା ପରେ; ଉଭୟଙ୍କର ମେଡ଼ିକାଲ୍ ଟେଷ୍ଟ ହେବ, ଯେମିତିକି ଉଭୟେ ବିବାହ ପାଇଁ ଶାରୀରିକ ଭାବେ ସକ୍ଷମ । ସମସ୍ତ ଫର୍ମାଲିଟିଜ୍ ସରିବା ପରେ, ପୁଅଘରେ ରିଙ୍ଗ ସେରିମୋନୀ, ଲଗ୍ନଧରା ଏବଂ ବାହାଘର। ଚତୁର୍ଥୀ, ଭୋଜିଭାତ ଇତ୍ୟାଦି ଝିଅଘରେ ହେବ। ବିବାହ ପରେ ମୋ ପୁଅ ତାର ଶଶୁର ଘରେ ଅବସ୍ଥାପିତ ହେବ ।

ଆପଣମାନେ ଭାବୁଥିବେ ମୁଁ ଏମିତି ପୁଅ ବାହାଘର କରିବାର ଉଦ୍ଦେଶ୍ୟ କଣ। ଆପଣମାନେ ଜାଣନ୍ତି ଆଜିକାଲି ବାହାଘର ପ୍ରସ୍ତାବ ପଡିଲା ମାତ୍ରେ ଝିଅମାନଙ୍କ ତରଫରୁ କେତେକ ସର୍ତ୍ତ ରଖାଯାଉଚି, ଯଥା– ୧. ଝିଅ ବିବାହ ପରେ ଶାଶୁ ଶଶୁରଙ୍କ ସହିତ ରହିବ ନାହିଁ। ୨. ସ୍ୱାମୀ ସହିତ ଚାକିରି କରୁଥିବା ସ୍ଥାନରେ .... ଚାକିରି ନଥିଲେ ଅନ୍ୟତ୍ର ଘର ଭଡ଼ା ନେଇ ରହିବେ। ୩. ତାଙ୍କର ଯଥେଷ୍ଟ ସ୍ୱାଧୀନତା ରହିବା ଦରକାର। ସକାଳେ ଡେରିରେ ଉଠିଲେ, ରାତିରେ ମୋବାଇଲ୍ ଦେଖି ଡେରିରେ ଶୋଇଲେ, ଦ୍ୱିପ୍ରହରେ ଖାଇସାରି ସନ୍ଧ୍ୟା ପର୍ଯ୍ୟନ୍ତ ଶୋଇଲେ, ସକାଳେ ଓ ସନ୍ଧ୍ୟାରେ ଠାକୁରଙ୍କ ପାଖେ କିମ୍ବା ତୁଳସୀ ଚଉରାରେ ଧୂପଦୀପ ନଦେଲେ କେହି କିଛି କହି ପାରିବେନାହିଁ। ୪. ଗୃହିଣୀ ହିସାବରେ ତାଙ୍କୁ ସମ୍ମାନ ଦିଆଯିବ। ତାଙ୍କୁ ରନ୍ଧାବଢ଼ା, ବାସନମଜା, ଘର ଖରକା, ଲୁଗା ସଫା ଆଦି କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବନାହିଁ। ୫. କେବେ ଯଦି ପୂର୍ବତନ ପ୍ରେମିକମାନେ ତାଙ୍କ ପାଖକୁ ଆସନ୍ତି, ସ୍ୱାମୀ ଶୟନ କକ୍ଷର ବାହାରେ ଥାଇ ଅପେକ୍ଷା କରିବା ସହିତ ସେମାନଙ୍କୁ ଅତୀତର ସ୍ମୃତିଚାରଣ ପାଇଁ ଯଥେଷ୍ଟ ସୁଯୋଗ ଦେବେ। ୬. ଗାଁରୁ ଆସୁଥିବା ଧର୍ମ ଭାଇମାନଙ୍କ ଆତିଥ୍ୟରେ ଅବହେଳା କରାଯାଇ ପାରିବନାହିଁ। ଏକାନ୍ତରେ ଶୟନ କକ୍ଷରେ ବାର୍ତ୍ତାଳାପ କରିବାର ସୁଯୋଗ ପାଇବେ । ୭. ବାପାମାଆ, ଭାଇ ଭଉଣୀ, କୁଟୁମ୍ବ, ଜ୍ଞାତି ପରିଜନ ସମସ୍ତଙ୍କର ଝିଅଘରେ ଅବାଧ ପ୍ରବେଶ ରହିବ। ସେମାନଙ୍କ ଖାଇବା, ପିଇବା, ରହିବା, ଯିବା ଆସିବା ସମ୍ବନ୍ଧରେ କୌଣସି କଟକଣା ରହିବନାହିଁ। କେହିବି କିଛି ପ୍ରଶ୍ନ କରିପାରିବେ ନାହିଁ। ୮. ସର୍ବୋପରି ଶାଶୁଘର ପରିବର୍ତ୍ତେ ଝିଅଘର ଶବ୍ଦଟି ବହୁଳ ଭାବେ ବ୍ୟବହୃତ ହେବ। ୯. ସର୍ତ୍ତ ଖିଲାପ ହେଲେ ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚିତ ହୋଇ ଥାନା, କୋର୍ଟ, କଚେରୀ ମାଧ୍ୟମରେ ସମାଧିତ ହେବ।

ଏତେସାରା ସର୍ତ୍ତ ମଧ୍ୟରେ ଗୋଟେ ଅଜଣା ଅଶୁଣା ଝିଅକୁ ବୋହୂ କରି ଆଣି ହଠାତ୍ ପରିବାରର ସର୍ବମୟୀ କର୍ତ୍ତ୍ରୀ ଭାବେ ଅଧିଷ୍ଠିତ କରିବା କେବଳ ଆମ ପରିବାର ପାଇଁ ଅସମ୍ମାନଜନକ ନୁହେଁ, ବିପଦଜନକ ମଧ୍ୟ। ଏମିତି ଅତ୍ୟାଚାରିତ, ଅପମାନିତ ବିବାହିତ ଜୀବନର ମୂଲ୍ୟ କଣ; ବରଂ ଅବିବାହିତ ଜୀବନ ଅଧିକ ସୁଖପ୍ରଦ। ସେଥିପାଇଁ ବୋଧହୁଏ ସାମାଜିକ ପ୍ରତିଷ୍ଠା ଲାଭ କରିଥିବା ଅଜସ୍ର ପୁରୁଷ ଅବିବାହିତ ରହି ବେଶ୍ ସୁଖ ଶାନ୍ତିରେ ଜୀବନ ଯାପନ କରୁଛନ୍ତି।

ସାମ୍ପ୍ରତିକ ପରିସ୍ଥିତି, ପ୍ରଚଳିତ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଝିଅମାନଙ୍କ ସପକ୍ଷରେ ଥିବାରୁ ବାସ୍ତବରେ ପୁଅର ବାହାଘର ଗୋଟେ ବଡ଼ ରିସ୍କ୍ । ତେଣୁ ଏକ ରକମ ପୁଅ ବାହାଘର ଚିନ୍ତା ମନରୁ ପରିହାର କରିସାରିଥିଲି। ହେଲେ ଜ୍ଞାତି କୁଟୁମ୍ବ, ବନ୍ଧୁ ପରିଜନ ଏହାର ପୁନର୍ବିଚାର ପାଇଁ ବାଧ କଲେ। ଶୁଭେଚ୍ଛୁ ଓ ପରିବାବର୍ଗଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ପରେ ଏଭଳି ଏକ ଅଭିନବ ପଦ୍ଧତି ଉଦ୍ଭାବିତ ହୋଇପାରିଛି; ଯାହାର ସଂକ୍ଷିପ୍ତ ନାମ 'ବିବାହ ପଦ୍ଧତି' । ଆଶା ଆପଣମାନେ ପ୍ରସ୍ତାବଟି ଗ୍ରହଣ କରିବା ସହିତ ସହଯୋଗ କରିବେ। ଏହା କାର୍ଯ୍ୟକାରୀ ହେଲେ ଝିଅମାନେ ବୋହୂ ବେଶରେ ଆଉ ଶାଶୂ ଘରକୁ ଆସିବେନି, ବିବାହ କରି ବାପଘରେ ସ୍ୱାମୀ ସହିତ ଅଥବା ଚାକିରି କ୍ଷେତ୍ରରେ ରହିବେ; ଆଉ ସର୍ତ୍ତାବଳୀର ଆବଶ୍ୟକତା ପଡ଼ିବନି । ଶାଶୁଘର ଲୋକଙ୍କୁ ଅଯଥାରେ ଥାନା, କୋର୍ଟ, କଚେରୀ ଦେଖିବାକୁ ପଡ଼ିବନି। ସମସ୍ତେ ସୁଖ ଶାନ୍ତିରେ ବସବାସ କରିପାରିବେ।

ବାସ୍ ଏଥର ଝିଅ ବାହାଘର। ଶ୍ୱଶୁର ଘରେ ରହିବା ପାଇଁ ଇଚ୍ଛୁକ ଥିବା ଜଣେ ଉପଯୁକ୍ତ ବରପାତ୍ରର ସନ୍ଧାନ ପାଇସାରିବା ପରେ ଆମେ ଝିଅ ସହିତ ପୁଅକୁ ଦେଖିବାକୁ ଯିବୁ। ପୁଅଝିଅ ପରସ୍ପରକୁ ପସନ୍ଦ କରିସାରିବା ପରେ ମେଡ଼ିକାଲ୍ ସାର୍ଟିଫିକେଟ୍ ତଥା ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରାଯିବ। ଅବଶେଷରେ ନିର୍ଦ୍ଧାରିତ ଦିନ ଶୁଭ ପରିଣୟ ଅନୁଷ୍ଠିତ ହେବ। ପ୍ରଣୀତ ନୂତନ ବିବାହ ପ୍ରସ୍ତାବ ବା ପଦ୍ଧତିରେ ଏକ ମହାନ୍ ବାର୍ତ୍ତା ଲୁକ୍କାୟିତ ଭାବେ ରହିଛି – ଯୌତୁକ ଜୁଇରେ ବିବାହ ବେଦୀ !!!

ଏହା ପରେ ସୁଖେନ୍ଦୁ ଯୋଡ଼ ହସ୍ତରେ କହିଲେ– ଆପଣଙ୍କ ପାଇଁ ରାତ୍ର ଭୋଜନ ପ୍ରସ୍ତୁତ ହୋଇସାରିଛି। ଭୋଜନ ପରେ ଚାହିଁଲେ ଏଠାରେ ରାତ୍ରି ଯାପନ କରିପାରିବେ; ଘରକୁ ବି ଯାଇପାରିବେ। ପୁନଶ୍ଚ ମୋର ବିନମ୍ର ଅନୁରୋଧ ରହିବ ଆଗାମୀ ତିନି ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ବିବାହ ପ୍ରସ୍ତାବ ବା ପଦ୍ଧତିର ସଫଳ ରୂପାୟନ।

କିଛି ମାସ ଅନ୍ତେ କଥା ପ୍ରସଙ୍ଗରେ ଷୋଡ଼ଶୀ ରମକାନ୍ତଙ୍କୁ ହସି ହସି ସୁଖେନ୍ଦୁ କହୁଥିଲେ– ଯାହା ହେଉ ପୁଅ ଝିଅଙ୍କ ବାହାଘର ଭଲରେ ଭଲରେ ସରିଗଲା। ଆସନ୍ତା କାଲି ପୁଅବୋହୂ, ଝିଅ ଜୋଇଁ, ନୂଆ ସମୁଦି ସମୁଦୁଣି ମାନଙ୍କ ସହିତ ଆମେ ସସ୍ତ୍ରୀକ ଯାଉଛୁ ଶିରିଡ଼ି ସାଇବାବାଙ୍କ ଦର୍ଶନ ପାଇଁ !!! ବହୁଦିନରୁ ଆଶା ଥିଲା; ବାବାଙ୍କ ଦୟାରୁ ଏବେ ପୂରଣ ହେଲା। ଧନ୍ୟ ସାଇବାବା, ଧନ୍ୟ ତୁମର ମହିମା !!!!

*ଉଦଳା, ମୟୂରଭଞ୍ଜ*
*ମୋ- ୭୦୦୮୨୩୭୬୫୦*

## ତୁମ ପାଇଁ

*ନୀଳମଣି ଚାନ୍ଦ*



ତୁମ ପାଇଁ ନୟନ ମୋ ଝର ହୋଇଯାଇଛି
ଚଲାପଥେ ବନ୍ଧୁର ଶିଳା ଯାହା ପାଇଛି ।
ତୁମ ପାଇଁ ଜଳିଜଳି ହେଲି ଦଗ୍ଧ ସଳିତା
ନିଦାଘର ତାରା ପରି ହେଲା ମନ କଳିକା
ସାରା ଜୀବନଟି ଖାଲି ଦୁଃଖ ଗୀତି ଗାଇଛି ।
ତୁମ ପାଇଁ ଥରୁଥାଏ ମାଘ ବାଘ ଶୀତରେ
ତୁମେ ନାହଁ କିଏ ତୋଷ କରିବ ମୋ ଚିତ୍ତରେ
ମୁଁ କହିବି ପ୍ରତୀକ୍ଷାରେ କେତେ ରାତି ପାହିଛି ।
ତୁମ ପାଇଁ ଲୁହ ଝରେ ପାଦେ ବାଜି କଣ୍ଟାଟି
ଶୁଣୁଥାଏ ଚଲାପଥେ କେତେ ବ୍ୟଙ୍ଗ ଥଟ୍ଟାଟି
ମୋ ମଥାରେ ଅପବାଦ ତିଳକ ଯେ ନାଇଛି ।
ତୁମ ପାଇଁ ସହିବାକୁ ହେଲା କେତେ ଯାତନା
ହେଲେ ଥରେ ଆସି ମୋତେ ଦେଲନାହିଁ ସାନ୍ତ୍ୱନା
କେବେ ଆସିବ ଗୋ ଫେରି ଏବେ ବି ମୁଁ ଚାହିଁଛି ।

*୨୭, ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଓଡ଼ିଶାରେ ଟି-୨୦ ମ୍ୟାଚ୍ ପୂର୍ବରୁ ସୂର୍ଯ୍ୟକୁମାର ଯାଦବଙ୍କୁ ମିଳିବ ବଡ଼ ଦାୟିତ୍ୱ

**ମୁମ୍ବାଇ**

ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଗାମୀ ୨୦୨୫-୨୬ ସୟଦ ମୁସ୍ତାକ ଅଲି ଟ୍ରଫି (ସ୍ମାଟ)ରେ ମୁମ୍ବାଇ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ)ର ବରିଷ୍ଠ ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ଲାଗିବ। ସୂର୍ଯ୍ୟକୁମାର ଯାଦବ ଆଗାମୀ ଘରୋଇ ଟି-୨୦ ଲିଗ୍ ମ୍ୟାଚ୍ ଖେଳିବା ପାଇଁ ତାଙ୍କର ଉପଲବ୍ଧତା ପ୍ରକାଶ କରିଛନ୍ତି। ୨୦୨୬ ଟି-୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସେ ହ୍ୱାଇଟ ବଲ୍ କ୍ରିକେଟ୍ ପାଇଁ ପ୍ରସ୍ତୁତି କରିବାକୁ ଚାହୁଁଛନ୍ତି। ମୁମ୍ବାଇର ସ୍ମାଟ୍ ଲିଗ୍ ମ୍ୟାଚ୍‌ଗୁଡ଼ିକ ନଭେମ୍ବର ୨୬ରୁ ଲକ୍ଷ୍ନୌରେ ଆରମ୍ଭ ହେବ। ମୁମ୍ବାଇ ଏହି ଟ୍ରଫିରେ ରେଳବାଇ, ବିଦର୍ଭ, ଆନ୍ଧ୍ର, ଆସାମ, କେରଳ, ଛତିଶଗଡ଼, ଏବଂ ଓଡ଼ିଶା ସହିତ ମୁକାବିଲା କରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ସୂର୍ଯ୍ୟକୁମାର ଯାଦବ ଡିସେମ୍ବର ୬ ଏବଂ ୮ ତାରିଖରେ ହେବାକୁ ଥିବା ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳି ଡିସେମ୍ବର ୯ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବାର ସମ୍ଭାବନା ରହିଛି। ପୂର୍ବରୁ ଶ୍ରେୟସ ଆୟର ହ୍ୱାଇଟ ବଲ୍ କ୍ରିକେଟ୍‌ରେ ମୁମ୍ବାଇର ନେତୃତ୍ୱ ନେବେ ବୋଲି ଆଶା କରାଯାଉଥିଲା, କିନ୍ତୁ ଆୟର ଆହତ ଥିବାରୁ ଏବଂ ସୂର୍ଯ୍ୟକୁମାର ଉପଲବ୍ଧ ଥିବାରୁ ଏମସିଏ ତାଙ୍କୁ ଦଳର ନେତୃତ୍ୱ ନେବାକୁ ନିଷ୍ପତ୍ତି ନେଇଛି। ଶାର୍ଦ୍ଦୁଳ ଠାକୁର ପୂର୍ବରୁ ରଣଜୀ ଟ୍ରଫି ଅଧିନାୟକ ଭାବେ ଚୟନ ହୋଇଥିଲେ।

## ପୁରୁଷ ଏସିଆ କପ୍ ରାଇଜିଂଷ୍ଟାର ୨୦୨୫

# ସୁପର ଓଭରରେ ଭାରତ-ଏ'କୁ ହରାଇ ଫାଇନାଲରେ ବାଂଲାଦେଶ-ଏ'

**ଦୋହା**

ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୫ର ପ୍ରଥମ ସେମି ଫାଇନାଲରେ, ବାଂଲାଦେଶ-ଏ ଏକ ରୋମାଞ୍ଚକର ସୁପର ଓଭରରେ ଭାରତ-ଏକୁ ପରାସ୍ତ କରିଛି। ଏହି ସୁପର ଓଭରକୁ ଖାଲି ରୋମାଞ୍ଚକର କୁହାଯାଇପାରିବ ନାହିଁ, ବରଂ ଅଜବ ବୋଲି କହିଲେ ଅଧିକ ଠିକ ହେବ।

କାରଣ ଏହି ସୁପର ଓଭରରେ ଭାରତ ଶୂନ ରନ କରି ବାଂଲାଦେଶ ଆଗରେ ବିଜୟ ପାଇଁ ୧ ରନର ଲକ୍ଷ୍ୟ ରଖିଥିଲା। ପୁଣି ବାଂଲାଦେଶକୁ ଏହି ୧ ରନ କରିବାକୁ ପଡ଼ିନଥିଲା, କାରଣ ଭାରତ ବୋଲର ୱାଇଡ୍



ମାଧ୍ୟମରେ ତାହାକୁ ବାଂଲାଦେଶକୁ ଉପହାର ଦେଇଦେଇଥିଲେ। ଭାରତୀୟ ବୋଲର ସୁୟଶ ଶର୍ମା ଓଭରର ଦ୍ୱିତୀୟ ବଲରେ ଏକ ୱାଇଡ୍ ବୋଲିଂ କରି ବାଂଲାଦେଶ-ଏ'କୁ ବିଜୟୀ କରାଇଥିଲେ।

ସୁପର ଓଭର ପୂର୍ବରୁ, ବାଂଲାଦେଶ ଏ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ହରାଇ ୧୯୪ ରନ କରିଥିଲା। ଜବାବରେ, ଭାରତ ଏ ମଧ୍ୟ ୨୦ ଓଭରରେ ୬ ୱିକେଟ ହରାଇ କେବଳ ୧୯୪ ରନ କରିପାରିଥିଲା, ଯାହା ଫଳରେ ଏକ ଟାଇ ହୋଇଥିଲା ଏବଂ ଏକ ସୁପର ଓଭର ହୋଇଥିଲା। ଭାରତ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୩୮ ରନ କରିଥିବାବେଳେ ପ୍ରିୟାଂଶ ଆର୍ଯ୍ୟା ୪୪ ରନ କରିଥିଲେ। ଜିତେଶ ଶର୍ମା ୩୩ ରନ ଓ ନିହାଲ ୱାଧେରା ୩୨ ରନ କରିଥିଲେ।

ଏହି ବିଜୟ ପରେ ବାଂଲାଦେଶ ଏ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଥିବା ପ୍ରଥମ ଦଳ ହୋଇଛି। ଦ୍ୱିତୀୟ ସେମିଫାଇନାଲ ପାକିସ୍ତାନ ଶାହିନ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ନଭେମ୍ବର ୨୩ରେ ଦୋହାର ଇଡେନ ପାର୍କ ଷ୍ଟାଡିୟମରେ ଟାଇଟଲ ମୁକାବିଲାରେ ବାଂଲାଦେଶକୁ ଭେଟିବ।

# ଭାରତ ବିପକ୍ଷ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ଜୋହାନ୍ସବର୍ଗ**

ଆସନ୍ତା ୩୦ ତାରିଖରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଶୁକ୍ରବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଟେମ୍ବା ବଭୁମା ଦିନିକିଆ ଓ ଏଡେନ ମାରକ୍ରାମ ଟି୨୦ ଦଳର ନେତୃତ୍ୱ ନେବାକୁ ଥିବା ବେଳେ ଦଳର ପ୍ରିମିୟର ପେସର କାଗିସୋ ରାବାଡା ଇଞ୍ଜୁରିରୁ ରିକଭର କରିବା ଲାଗି ସ୍ୱଦେଶ ଫେରିବେ। ନିକଟରେ ଦିନିକିଆ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିବା କ୍ୱିଣ୍ଟନ ଡି କକ୍‌ଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି। ଡି କକ୍ ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଏକ ଶତକ ଓ ଦୁଇ ଅର୍ଦ୍ଧଶତକ ସହ ୨୩୨ ରନ କରିଥିଲେ। କିନ୍ତୁ ସିରିଜରେ ଦ୍ୱିତୀୟ ସର୍ବାଧିକ ରନ କରିଥିବା ଲୁହାନ ଡି ପ୍ରେଟୋରିଅସଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିଠାରେ ହେବାକୁ ଥିବାବେଳେ ଅନ୍ତିମ ଦୁଇ ମ୍ୟାଚ୍ ୩ ଓ ୬ ତାରିଖରେ ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ଟି୨୦ ଦଳକୁ ମାରକ୍ରାମ ଫେରିଛନ୍ତି। ତାଙ୍କୁ ଦିନିକିଆ ଦଳରେ ମଧ୍ୟ ସାମିଲ କରାଯାଇଛି। ତାଙ୍କୁ ପାକିସ୍ତାନ ବିପକ୍ଷ ଟି୨୦ ସିରିଜ୍‌ରେ ବିଶ୍ରାମ ଦିଆଯାଇଥିଲା। ଭେଟେରାନ ବାମହାତୀ ସ୍ପିନର କେଶବ ମହାରାଜ ଓ ଅନ୍ତିମ ଥର ଗତ ବର୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ଖେଳିଥିବା ଅନରିଚ୍ ନର୍ଟଜେ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୁଇ ଦଳ ମଧ୍ୟରେ ଡିସେମ୍ବର ୯ ତାରିଖରୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ଦିନିକିଆ ଦଳ: ଟେମ୍ବା ବଭୁମା (ଅଧିନାୟକ), ଓଟିନେଲ ବାର୍ଟମାନ, ମାଥ୍ୟୁ ବ୍ରିଜକେ, ଡୱୋଲ୍ଡ ବ୍ରେଭିସ, ନାନ୍ଦ୍ରେ ବର୍ଗର, କ୍ୱିଣ୍ଟନ ଡି କକ୍, ଟୋନି ଡି ଜର୍ଜି, ରୁବିନ ହର୍ମାନ, ମାର୍କୋ ଜାନସେନ, କେଶବ ମହାରାଜ, ଏଡେନ ମାରକ୍ରାମ, ଲୁଙ୍ଗି ଏନ୍ ?ଗିଡି, ରିଆନ ରିକଲଟନ, ପ୍ରେନେଲାନ ସୁବ୍ରାୟେନ।

ଦକ୍ଷିଣ ଆଫ୍ରିକା ଟି୨୦ ଦଳ : ଏଡେନ ମାରକ୍ରାମ(ଅଧିନାୟକ), ଓଟିନେଲ ବାର୍ଟମାନ, କର୍ବିନ ବୋଶ୍, ଡୱୋଲ୍ଡ ବ୍ରେଭିସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜର୍ଜି, ଡୋନୋଭାନ ଫେରେରିଆ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ଜର୍ଜ ଲିଣ୍ଡେ, କେଶବ ମହାରାଜ, କ୍ୱେନା ମାଫାକା, ଡେଭିଡ୍ ମିଲର, ଲୁଙ୍ଗି ଏନ୍‌ଗିଡି, ଅନରିଚ ନର୍ଟଜେ, ଟ୍ରିଷ୍ଟାନ ଷ୍ଟବ୍ସ।

# ଆସେସ୍ ଟେଷ୍ଟ : ମିଚେଲ ଷ୍ଟାର୍କଙ୍କ ପରେ ବେନ୍ ଷ୍ଟୋକ୍ସଙ୍କ ଘାତକ ବୋଲିଂ, ପ୍ରଥମ ଦିନରେ ପଡ଼ିଲା ୧୯ ୱିକେଟ

**ପର୍ଥ**

ପର୍ଥରେ ଐତିହାସିକ ଆସେସର ୭୪ତମ ସଂସ୍କରଣ ଆରମ୍ଭ ହୋଇଛି। ଟେଷ୍ଟ କ୍ରିକେଟ୍‌ର ଦୁଇ ମହାରଥୀ ଘରୋଇ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଛି ଆସେସ୍ ସିରିଜର ପ୍ରଥମ ଟେଷ୍ଟ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିରେ ମିଚେଲ ଷ୍ଟାର୍କ ୭ଟି ୱିକେଟ୍ ନେଇ ଖେଳ ଓଲଟପାଲଟ କରି ଦେଇଛନ୍ତି। ପ୍ରଥମ ଦିନ ବୋଲରଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଛି। ମିଚେଲ୍ ଷ୍ଟାର୍କଙ୍କ ପରେ ବେନ୍ ଷ୍ଟୋକ୍ସଙ୍କ ଜଲୱା ଦେଖିବାକୁ ମିଳିଛି। ପ୍ରଥମ ଦିନରେ ୧୯ ୱିକେଟ ପତନ ହୋଇଛି। ଇଂଲଣ୍ଡ ୧୭୨ ରନରେ ଅଲଆଉଟ୍ ହୋଇଥିଲା। ପ୍ରଥମ ଦିନ ଖେଳ ଶେଷ ହେବା ସୁଦ୍ଧା ଅଷ୍ଟ୍ରେଲିଆ ୯ ୱିକେଟ୍ ହରାଇ ୧୨୩ରନ୍ କରିଛି।

ପର୍ଥ ଟେଷ୍ଟର ପ୍ରଥମ ଦିନର ଖେଳ ଶେଷ ହୋଇଛି। ଅଷ୍ଟ୍ରେଲିଆ ତା'ର ପ୍ରଥମ ପାଳିରେ ୪୯ ରନରେ ପଛୁଆ ଅଛି। ପ୍ରଥମ ଦିନ ଦ୍ରୁତ ବୋଲରଙ୍କ ଦବଦବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନ ପଡ଼ିଥିବା ସମସ୍ତ ୧୯ ୱିକେଟ ଦ୍ରୁତ ବୋଲର ଅକ୍ତିଆର କରିଛନ୍ତି। ମିଚେଲ ଷ୍ଟାର୍କ ୭ଟି ୱିକେଟ ନେଇଥିବାବେଳେ ବେନ୍ ଷ୍ଟୋକ୍ସଙ୍କୁ ୫ଟି ସଫଳତା ମିଳିଛି।

ଇଂଲଣ୍ଡ ଇନିଂସ : ପ୍ରଥମ ବ୍ୟାଟିଂ କରିଥିଲା ଭ୍ରମଣକାରୀ ଇଂଲଣ୍ଡ। ମ୍ୟାଚ୍‌ର ପ୍ରଥମ ଦିନ,



ମିଚେଲ୍ ଷ୍ଟାର୍କ ପ୍ରଥମ ଓଭରର ଶେଷ ବଲରେ ଜାକ୍ କ୍ରାଲିଙ୍କୁ ଆଉଟ୍ କରିଥିଲେ। କ୍ରାଲି ଖାତା ଖୋଲି ପାରିନଥିଲେ। ବେନ୍ ଡକେଟ ୨୦ ରନ୍ କରିଥିବାବେଳେ ଜୋ ରୁଟ୍ ବିନା ସ୍କୋରରେ ପାଭିଲିୟନ ଫେରିଥିଲେ। ଇଂଲଣ୍ଡ ୩୯ ରନରେ ୩ଟି ୱିକେଟ ହରାଇଥିଲା। ଓଲି ପୋପ୍ ଏବଂ ହ୍ୟାରି ବ୍ରୁକ୍ ୫୫ ରନର ଭାଗୀଦାରି କରି ଦଳକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ହ୍ୟାରୀ ବ୍ରୁକ ୫୨ ରନ୍ କରିଥିବାବେଳେ ପୋପ୍ ୪୬ ରନର ପାଳି ଖେଳିଥିଲେ। ଦୁହେଁ ଆଉଟ୍ ହେବା ପରେ ଇଂଲଣ୍ଡର ବ୍ୟାଟିଂ ଅର୍ଡର ଧ୍ୱସ୍ତ ହୋଇଥିଲା। ୧୬୦ ରନ୍‌ରେ ଦଳ ୫ ୱିକେଟ୍ ହରାଇଥିଲା। ଏହାପରେ ୧୨ରନ୍ରେ ବାକି ୫ ୱିକେଟ୍ ହରାଇଥିଲା ଇଂଲଣ୍ଡ। ପ୍ରଥମ ପାଳିରେ ଇଂଲଣ୍ଡ ୧୭୨ ରନ୍ କରିଥିଲା।

ଅଷ୍ଟ୍ରେଲିଆ ଇନିଂସ : ଅଷ୍ଟ୍ରେଲିଆ ବ୍ୟାଟିଂ ଆରମ୍ଭ କରିଥିଲା। ଜୋଫ୍ରା ଆର୍ଚର ପ୍ରଥମ ଓଭରର ଦ୍ୱିତୀୟ ବଲରେ ଜେକ୍ ୱେଦରାଲ୍ଡଙ୍କୁ ଶୂନ୍ୟରେ ଆଉଟ୍ କରିଥିଲେ। ଷ୍ଟିଭ୍ ସ୍ମିଥ୍ ଏବଂ ମାର୍ନସ୍ ଲାବୁସେନଙ୍କର ମଧ୍ୟ ବ୍ୟାଟ ଚାଲିଲା ନାହିଁ। ମଧ୍ୟ ଜୋଫ୍ରା ଆର୍ଚର ଏବଂ ବ୍ରାଇଡନ୍ କାର୍ସେଙ୍କ ଘାତକ ବୋଲିଂ ଆଗରେ ଦୁହେଁ ଫିକା ପଡିଯାଇଥିଲା। ଅଷ୍ଟ୍ରେଲିଆ ୩୧ ରନ୍ରେ ୪ଟି ୱିକେଟ୍ ହରାଇଥିଲା। ଟ୍ରାଭିସ୍ ହେଡ୍ ଏବଂ କ୍ୟାମେରନ୍ ଗ୍ରୀନ୍ ମଧ୍ୟରେ ୪୫ ରନର ଭାଗୀଦାରି ଅଷ୍ଟ୍ରେଲିଆକୁ କମବ୍ୟାକ କରିବାରେ ସାହାଯ୍ୟ କରିଥିଲା। ହେଡ୍ ୨୧ ରନ୍ କରିଥିଲେ, ଗ୍ରୀନ୍ ୨୪ ରନ୍ କରି ଆଉଟ୍ ହୋଇଥିଲେ।

ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଆସେସ ଟେଷ୍ଟ ସିରିଜରେ ୧୦୦ ୱିକେଟ୍ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ୧୦୦ ଆସେସ ୱିକେଟ ପୂରଣ କରିବାରେ ସେ ପ୍ରଥମ ବାମହାତୀ ପେସ୍ ବୋଲର ହୋଇଛନ୍ତି। ୨୦୧୩ ପରଠାରୁ, ଷ୍ଟାର୍କ ୨୩ଟି ଆସେସ୍ ମ୍ୟାଚ ଖେଳି ୪୩ ଇନିଂସରେ ୨୬.୬୫ ହାରରେ ୱିକେଟ୍ ନେଇଛନ୍ତି। ଟେଷ୍ଟ ଇନିଂସର ପ୍ରଥମ ଓଭରରେ ସର୍ବାଧିକ ୭ ୱିକେଟ୍ ନେଇ ଜେମ୍ସ ଆଣ୍ଡରସନଙ୍କୁ ପଛରେ ପକାଇ ଦେଇଛନ୍ତି ୨୩ ବର୍ଷୀୟ ମିଚେଲ ଷ୍ଟାର୍କ।

## ଆସନ୍ତା ରବିବାର ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍

# ଭାଗ ନେବେ ଦେଶର ୪ ହଜାରରୁ ଊର୍ଦ୍ଧ୍ୱ ଧାବକଧାବିକା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ ଯୋଡା ରନ୍-ଏ-ଥନ୍ ପ୍ରଥମ ସଂସ୍କରଣର ଅହେତୁକ ସଫଳତା ପରେ ଏ ବର୍ଷ ପୁଣି ଆୟୋଜିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ମାନର ଏହି ଗଣଦୌଡ଼। ଟାଟା ଷ୍ଟିଲ ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଗଣଦୌଡ଼କୁ ନେଇ ଖୁବ୍ ଉତ୍ସାହିତ ଅଞ୍ଚଳବାସୀ। ଆସନ୍ତା ରବିବାର, ନଭେମ୍ବର ୨୩ ତାରିଖ ଦିନ ଯୋଡ଼ା ସହରସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମ ଏବଂ ଏଥିରେ ଭାଗ ନେବେ ଦେଶର ୪ ହଜାରରୁ ଊର୍ଦ୍ଧ୍ୱ ଧାବକଧାବିକା। ଏନେଇ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏଥିରେ ଉନ୍ନତ ପ୍ରଦର୍ଶନକରି ବିଜେତା ହେବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ି ଯାଇଛି। ଶୀତୁଆ ସକାଳକୁ ଖାତିର ନକରି ଅଞ୍ଚଳର ଅନେକ ବୃତ୍ତିଗତ ଧାବକଧାବିକା, ସ୍ୱାସ୍ଥ୍ୟ ସଚେତନ ନାଗରିକ ତଥା ପ୍ରାତଃ ଭ୍ରମଣକାରୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ଜୋରଦାର ପ୍ରସ୍ତୁତି କରୁଥିବା ଦେଖାଯାଉଛି। ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି ଓ ସେମାନେ ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ସେଣ୍ଟ୍ରାଲ ଖେଳପଡ଼ିଆ ଓ ଭିଟି କେନ୍ଦ୍ର ପଡ଼ିଆରେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି।

ସହର ସାରା ଏହି ଦୌଡ଼ ସମ୍ପର୍କିତ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ଲଗାଯାଇ ଥିବା ବେଳେ ଏହା ଏବେ ସବୁସ୍ଥାନରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏବର୍ଷ ଏହି ଦୌଡ଼ର ବିଷୟବସ୍ତୁ ରଖାଯାଇଛି 'ସବୁଜ ଆଜି, ସବୁଜତମ କାଲି' ଏବଂ ଏହି ଦୌଡ଼ରେ ସାରା ଦେଶରୁ ଧାବକ/ଧାବିକାମାନେ ଏକ ସୁସ୍ଥ ଏବଂ ସବୁଜ ଭବିଷ୍ୟତ ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ପୁରୁଷ ଓ ମହିଳାଙ୍କ ପାଇଁ ୧୦ କିଲୋମିଟର ଓ ୭ କିଲୋମିଟର ଦୌଡ଼ (୧୫ ବର୍ଷରୁ ଅଧିକ), ବାଳକ ଓ ବାଳିକା (୧୬ ବର୍ଷରୁ କମ୍) ପାଇଁ ୫ କିଲୋମିଟର ଦୌଡ଼ ଏବଂ ଦିବ୍ୟାଙ୍ଗ/ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୨ କିଲୋମିଟର ଦୌଡ଼ ଭଳି ତିନୋଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ବର୍ଗରେ ଜିତିବାକୁ ଥିବା ମୋଟ ପୁରସ୍କାର ରାଶି ହେଉଛି ୫ ଲକ୍ଷ ୬୭ ହଜାର ଟଙ୍କା। ପ୍ରକୃତି ପ୍ରତି ଟାଟା ଷ୍ଟିଲ ନିଜର ପ୍ରତିବଦ୍ଧତା ଦର୍ଶାଇ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପଳାଶପୁର ଓ ଗଙ୍ଗପଡ଼ା ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ପଳାଶପୁର ଦଳ ଅରିସଲକୁ ୧୩ ରନ୍‌ରେ ପରାସ୍ତ କରିଛି। ପଳାଶପୁର ଦଳ ପ୍ରଥମେ ବ୍ୟାଟିଂ କରି ବସନ୍ତ ସାହୁଙ୍କ ୨୧ରନ ସହାୟତାରେ ୧୫ ଓଭରରେ ୧୧୬ ରନ ସଂଗ୍ରହ କରିଥିଲେ। ଜବାବରେ ଅରିସଲ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୦୩ ରନ୍ କରି ପରାଜିତ ହୋଇଥିଲା। ବସନ୍ତ ସାହୁ ଘାତକ ବୋଲିଂ କରି ୫ ୱିକେଟ ସଫଳତା ହାସଲ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବସନ୍ତ ସାହୁଙ୍କୁ ସମାଜସେବୀ ରାକେଶ ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ




ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଙ୍କୀ ଦଳ ନିର୍ଦ୍ଧାରିତ ୧୮ ଓଭରରୁ ସମସ୍ତ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲେ। ଜବାବରେ ଗଙ୍ଗପଡ଼ା ଦଳ ନିର୍ଦ୍ଧାରିତ ୧୩ ଓଭର ରେ ୫ ୱିକେଟ ହରାଇ ବିଜୟ ହାସଲ କରି ନେଇଥିଲେ। ଶ୍ରେଷ୍ଠ ଖେଳାଳି ଅନିଲ ମହାପାତ୍ରଙ୍କୁ ସମାଜସେବୀ କଲ୍ୟାଣ କୁମାର ବାରିକ ପୁରସ୍କୃତ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ଶିବଦତ୍ତ ବଡ଼ଜେନା, ତୁଷାରକାନ୍ତ ସୁନ୍ଦରାୟ, ରାକେଶ ପାତ୍ର। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ବନାମ କାଇପଦର ଏବଂ ଦ୍ୱିତୀୟ ମ୍ୟାଚ ମେଣ୍ଢାଶାଳ ବନାମ ଭାଲିଆବାଡ଼ି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ଜଣାଇଛନ୍ତି।

# ଅଖିଳ ଭାରତୀୟ କରାଟେ ପ୍ରତିଯୋଗିତା : ସୁଶ୍ରୀ ଅନ୍ୱେଷା ପୁରୋହିତ ପାଇଲେ ସ୍ୱର୍ଣ୍ଣ ପଦକ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଉତ୍ତର ପ୍ରଦେଶର ମଥୁରା ଠାରେ ଚଳିତ ମାସ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ହୋଇଥିବା ଅଖିଳ ଭାରତୀୟ କରାଟେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୁଶ୍ରୀ ଅନ୍ୱେଷା ପୁରୋହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଅନ୍ୟ ୨ ଜଣ ରୌପ୍ୟ ପଦକ ଓ ୪ ଜଣ କାଂସ୍ୟ ପଦକ ଲାଭ କରି ଓଡ଼ିଶାକୁ ଗୌରବନ୍ୱିତ କରିଛନ୍ତି। ଏହି ସମସ୍ତ ଶିକ୍ଷାର୍ଥୀ ଧନୁପାଲି ଶିଶୁ ବିଦ୍ୟା ମନ୍ଦିରର। ଏହି କୃତିତ୍ୱ ପାଇଁ ବୌଦ୍ଧିକ ମଣ୍ଡପ ଠାରେ ସେମାନଙ୍କୁ ବିଦ୍ୟାଳୟର ପରିଚାଳନା ସମିତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସମସ୍ତ ଭାଇଭଉଣୀ ଓ ସଫଳତା ପାଇଥିବା ପ୍ରତିଯୋଗୀଙ୍କ ପିତା ମାତା ଉପସ୍ଥିତ ଥିଲେ। କରାଟେ ପ୍ରତିଯୋଗୀଙ୍କ ସହ ଯାଇଥିବା ବିଦ୍ୟାଳୟର କୁଞ୍ଜଲତା ହୋତା ଓ ଅମୃତ ପଟେଲ ଓ ପ୍ରଶିକ୍ଷକ ଭବାନୀ ଶଙ୍କର ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧିତ କାର୍ଯ୍ୟ ସମାପନ ହୋଇଥିଲା। ଏହି କୃତିତ୍ୱ ପାଇଁ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କୃତଜ୍ଞତା ଓ ଶୁଭେଚ୍ଛାର ସୁଅ ଛୁଟୁଛି।

# ଓଡ଼ିଶା ମହିଳା କ୍ରିକେଟ ଦଳରେ ଯାଜପୁରରୁ ୩ଜଣ ଏବଂ ସୟଦ ମୁସ୍ତାକ୍ ଅଲ୍ଲୀ ଟ୍ରଫି ପାଇଁ ପପୁ ରାୟ ବିବେଚିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତମାସ ୨୪ତାରିଖରେ କେରଳ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଆନ୍ତଃରାଜ୍ୟ ୨୩ବର୍ଷରୁ କମ୍ ମହିଳା କ୍ରିକେଟ୍ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ଯାଜପୁରରୁ ୩ଜଣ ମହିଳା କ୍ରିକେଟର ସ୍ଥାନ ପାଇଛନ୍ତି। ସେ ମହିଳା କ୍ରିକେଟର ମାନେ ହେଲେ ଆଲିସ୍ମା ବିଶ୍ୱାଳ, ସୁଚିସ୍ମିତା ପଣ୍ଡା ଏବଂ କଲାଂଶୀ ଧ୍ରୀତି। ସୂଚନାଯୋଗ୍ୟ ଏହି ଓଡ଼ିଶା ଦଳର ଅଧିନାୟିକା ଯାଜପୁର ଜିଲ୍ଲାର ଆଲିସ୍ମା ବିଶ୍ୱାଳଙ୍କୁ ମଧ୍ୟ ଓଡ଼ିଶା କ୍ରିକେଟ ଆସୋସିଏସନ ଯୋଗ୍ୟ ବିବେଚିତ କରିଛନ୍ତି। ପ୍ରକାଶଥାଉକି ଯାଜପୁରର ସ୍ୱାଗତିକା ରଥ ଏହି ଦଳର ମୁଖ୍ୟ କୋଚ୍ ହିସାବରେ ନେତୃତ୍ୱ ନେଉଛନ୍ତି। ଏତଦ୍‌ବ୍ୟତୀତ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ପାଇଁ ଯାଜପୁରର ପପୁ ରାୟ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଗତ କିଛି ଦିନ ତଳେ ଓଡ଼ିଶା ୧୯ବର୍ଷରୁ କମ୍ ମହିଳା ଦଳରେ ଯାଜପୁରର ଅନ୍ୱେଷା ବିଶ୍ୱାଳ ମଧ୍ୟ ସ୍ଥାନ ପାଇଥିଲେ। ଏହି ସମସ୍ତ ଖେଳାଳି ଯାଜପୁର କ୍ରିକେଟ୍ ଆସୋସିଏସନ ଏକାଡ଼େମୀ ପଡ଼ିଆରେ ପ୍ରଶିକ୍ଷଣ ନିଅନ୍ତି। ଯାଜପୁର ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ଯଯାତି କେଶରୀ ଦାସ, ଜ୍ଞାନଚାନ୍ଦ ଦାସ, ପଦାରବିନ୍ଦ ପରିଡ଼ା, ବଟକୃଷ୍ଣ ମହାପାତ୍ର, ଅଭୟ ବଲ୍ଲଭ ପଣ୍ଡା ଏବଂ ସମସ୍ତ ସଭ୍ୟ ଖେଳାଳି ମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କୋରୋ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ସାଂସଦ କ୍ରୀଡ଼ା ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପିଏମଶ୍ରୀ କୋରୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମରେ ୫ନଂ ଜୋନ ସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡ଼ା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଇନ୍ଦୁପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ମହାନ୍ତି, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଅମିତାଭ ସୁଆର, ପୂର୍ବତନ ମଣ୍ଡଳ ସଭାପତି ଶଶାଙ୍କ ଶେଖର ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ାର ଦ୍ୱିତୀୟ ଦିବସରେ କବାଡ଼ି ଓ ଭଲିବଲ ପ୍ରତିଯୋଗିତାରେ ପିଲାମାନେ ତାଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜୋନ୍‌ରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

# ଶ୍ରମ ସଂସ୍କାର ପାଇଁ ଚାରୋଟି ଶ୍ରମ ସଂହିତା

ଭାରତର ସମ୍ବିଧାନ ଅନୁଯାୟୀ, ଶ୍ରମ ଏକ ବିଷୟ ଭାବରେ ସମକାଳୀନ ତାଲିକାରେ ଅଛି ତେଣୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ କେନ୍ଦ୍ର ପାଇଁ ସଂରକ୍ଷିତ କିଛି ବିଷୟ ଉପରେ ଆଇନ ପ୍ରଣୟନ କରିବାକୁ ସକ୍ଷମ। ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଭିତ୍ତିରେ ନିଯୁକ୍ତି ସୁଯୋଗ ବୃଦ୍ଧି ସହିତ ଶ୍ରମିକମାନଙ୍କ ପାଇଁ ଉତ୍ତମ କାର୍ଯ୍ୟ ପରିସ୍ଥିତି ଏବଂ ଉନ୍ନତ ଜୀବନଶୈଳୀ ପ୍ରଦାନ କରିବା।

ଶ୍ରମ ସଂହିତାର ଉଦ୍ଦେଶ୍ୟ ହେଉଛି ବିକଶିତ କାର୍ଯ୍ୟ ଧାରା, ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ବାସ୍ତବତା ସହିତ ତାଳ ଦେଇ ନିୟମାବଳୀକୁ ଆଧୁନିକୀକରଣ କରି ଶ୍ରମ ଆଇନକୁ ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ସହିତ ସମନ୍ୱିତ କରିବା। ସମସ୍ତ ବର୍ଗର ଶ୍ରମିକଙ୍କୁ ନେଇ ଏକ ସମନ୍ୱିତ ଏବଂ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ମଜୁରି ସୁରକ୍ଷା ସୁନିଶ୍ଚିତ କରିବା। ପ୍ରକ୍ରିୟାଗୁଡ଼ିକୁ ସରଳ କରି ଏବଂ ନିବେଶ ଏବଂ ଅଭିବୃଦ୍ଧିକୁ ଉତ୍ସାହିତ କରୁଥିବା ଏକ ବ୍ୟବସାୟ-ଅନୁକୂଳ ପରିବେଶକୁ ପ୍ରୋତ୍ସାହିତ କରି ନିଯୁକ୍ତି ସୁଯୋଗ ବୃଦ୍ଧି କରିବା। ସହଜରେ ପାଳନ ପାଇଁ ସମାନ ପରିଭାଷା, ଏକକ ପଞ୍ଜୀକରଣ, ଏକକ ଫେରସ୍ତ ଏବଂ ସରଳୀକୃତ ଅନଲାଇନ୍ ବ୍ୟବସ୍ଥା ପ୍ରଚଳନ କରି ଅନୁପାଳନକୁ ସହଜ କରିବା। ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ଡିଜିଟାଲ୍ ପଞ୍ଜୀକରଣ, ଲାଇସେନ୍ସିଂ ଏବଂ ଯାଞ୍ଚକୁ ସକ୍ଷମ କରି ଶ୍ରମ ଆଇନର ପ୍ରଶାସନରେ ପ୍ରଯୁକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ଅନଲାଇନ୍, ବିପଦ-ଆଧାରିତ ଯାଞ୍ଚ ତନ୍ତ୍ର ଏବଂ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀତାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା। ସ୍ଥିରତା ଏବଂ ପ୍ରଶାସନିକ ବୋଝ ହ୍ରାସ କରିବା ପାଇଁ ଏକାଧିକ ଶ୍ରମ ଆଇନକୁ ଚାରୋଟି ବ୍ୟାପକ କୋଡରେ ଏକୀକୃତ କରି ନିୟାମକ ଢାଞ୍ଚାର ସରଳୀକରଣ, ସମନ୍ୱୟ ଏବଂ ଯୁକ୍ତିଯୁକ୍ତୀକରଣ ଆଣିବା।

ଏହି ସଂହିତାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ରହିଛି ମଜୁରି ସଂହିତା, ୨୦୧୯, ଶିଳ୍ପ ସମ୍ପର୍କ ସଂହିତା, ୨୦୨୦, ସାମାଜିକ ସୁରକ୍ଷା ସଂହିତା, ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦।

ମଜୁରି ସଂହିତା, ୨୦୧୯, ଚାରିଟି ବିଦ୍ୟମାନ ଶ୍ରମ ଆଇନକୁ ସରଳ, ଏକୀକୃତ ଏବଂ ଯୁକ୍ତିଯୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ସଂହିତାର ଲକ୍ଷ୍ୟ ମଜୁରିର ସମୟସୀମା ଏବଂ ନ୍ୟାୟସଙ୍ଗତ ଦେୟ ସୁନିଶ୍ଚିତ କରିବା, ସମାନ କାମ ପାଇଁ ସମାନ ପାରିଶ୍ରମିକର ନୀତିକୁ ପ୍ରୋତ୍ସାହିତ କରିବା ଏବଂ ସର୍ବନିମ୍ନ ମଜୁରି, ବୋନସ ଏବଂ ସମ୍ପର୍କିତ ବିଷୟ ପାଇଁ ଏକ ସମାନ ଢାଞ୍ଚା ପ୍ରଦାନ କରିବା। ଏହି ସଂହିତା ନିଯୁକ୍ତି କ୍ଷେତ୍ରର ମଜୁରି ସୀମା ନିର୍ବିଶେଷରେ ସମସ୍ତ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ଏବଂ ସମୟାନୁସାରେ ମଜୁରୀ ପ୍ରଦାନ କରିବାର ଅଧିକାରକୁ ସାର୍ବଜନୀନ କରେ। ବର୍ତ୍ତମାନ, ମଜୁରି ପ୍ରଦାନ ଆଇନ, ୧୯୩୬ର ବ୍ୟବସ୍ଥା ଏକ ନିର୍ଦ୍ଦିଷ୍ଟ ମଜୁରି ସୀମା ତଳେ ଥିବା କର୍ମଚାରୀମାନଙ୍କ ପାଇଁ (ପ୍ରତିମାସ ୨୪,୦୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ ଆଦାୟ କରିବା) ପ୍ରଯୁଜ୍ୟ ଏବଂ ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ କେବଳ ସୂଚୀବଦ୍ଧ ନିଯୁକ୍ତିରେ ଅନ୍ତର୍ଭୁକ୍ତ ପ୍ରତିଷ୍ଠାନ ପାଇଁ ପ୍ରଯୁଜ୍ୟ। ଏହା ଶ୍ରମିକଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ନିଯୁକ୍ତିଦାତାଙ୍କ ପାଇଁ ସହଜ ଅନୁପାଳନକୁ ସହଜ କରିବା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରେ। ଏହି ସଂହିତା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିର କରାଯିବା ପାଇଁ ଏକ ବୈଧାନିକ 'ମଜୁରୀ ମଜୁରି'ର ଧାରଣା ପ୍ରଚଳନ କରେ। କୌଣସି ରାଜ୍ୟ ସରକାର ଅଧିସୂଚିତ ସର୍ବନିମ୍ନ ମଜୁରୀଠାରୁ କମ ମଜୁରୀ ସ୍ଥିର କରିପାରିବେ ନାହିଁ।

ଶିଳ୍ପ ସମ୍ପର୍କ ସଂହିତା ୨୦୨୦ରେ ଭାରତରେ ବର୍ତ୍ତମାନ ଅନେକ ଶ୍ରମ ଆଇନ ଏବଂ କିଛି ଓଭରଲାପ୍ ବ୍ୟବସ୍ଥା ମଧ୍ୟ ଅଛି। ଜାତୀୟ ଶ୍ରମ କମିଶନ ଶ୍ରମ ଆଇନର ବ୍ୟବସ୍ଥାଗୁଡ଼ିକୁ ୪ କିମ୍ବା ୫ଟି ଆଇନରେ ଏକୀକୃତ କରି ଯୁକ୍ତିଯୁକ୍ତ ଏବଂ ସରଳ କରିବାକୁ ସୁପାରିସ କରିଛି। ଆଇଆର୍ କୋଡ୍, ୨୦୨୦ ୩ଟି ଶ୍ରମ ଆଇନ ଯଥା ଶିଳ୍ପ ବିବାଦ ଆଇନ ୧୯୪୭, ଟ୍ରେଡ୍ ୟୁନିଅନ୍ ଆଇନ ୧୯୨୬ ଏବଂ ଶିଳ୍ପ ନିଯୁକ୍ତ। ଏହା ସର୍ବସ୍ୱୀକୃତ ଯେ ଶ୍ରମିକଙ୍କ ବଞ୍ଚିବା ଶିଳ୍ପର ବଞ୍ଚିବା ଉପରେ ନିର୍ଭର କରେ। ନିଯୁକ୍ତିଦାତାଙ୍କ ଚିନ୍ତାକୁ ଦୃଷ୍ଟିରେ ରଖି ଯେ ବିଦ୍ୟମାନ ଶ୍ରମ ଆଇନଗୁଡ଼ିକୁ ଏକୀକୃତ ଏବଂ ସରଳ କରିବା ପାଇଁ ଏକ ସମ୍ପୂର୍ଣ୍ଣ ଏବଂ ବିସ୍ତୃତ ସମୀକ୍ଷା ଆବଶ୍ୟକ, ସେହି ସମୟରେ ଏକୀକୃତ କରି ସେମାନଙ୍କୁ ଯୁକ୍ତିଯୁକ୍ତ ଏବଂ ସରଳ କରିବା ପାଇଁ, ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷିତ। ୧୦୦ରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା କାରଖାନା, ଖଣି ଏବଂ ବଗିଚାରେ ଛଟେଇ, ଛଟେଇ ଏବଂ ବନ୍ଦ କରିବା ପାଇଁ ପୂର୍ବ ଅନୁମତି ଆବଶ୍ୟକ। ୧୯୮୨ରେ ଆଇଡି ଆଇନ, ୧୯୪୭ରେ ସଂଶୋଧନ ଦ୍ୱାରା ୧୦୦ ଶ୍ରମିକଙ୍କ ସୀମା ପ୍ରଚଳନ କରାଯାଇଥିଲା। ସେହି ତାରିଖ ପୂର୍ବରୁ ସୀମା ୩୦୦ କିମ୍ବା ତଦୁର୍ଦ୍ଧ୍ୱ ଶ୍ରମିକ ଥିଲା। ବିଶ୍ୱାୟନ ପରିପ୍ରେକ୍ଷୀରେ ପ୍ରତିଯୋଗିତାମୂଳକତାକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ପାଦକତାକୁ ଉନ୍ନତ କରିବା ପାଇଁ ନିଯୁକ୍ତିଦାତାମାନଙ୍କୁ ଶ୍ରମ ପରିଚାଳନାରେ ନମନୀୟତା ପ୍ରଦାନ କରିବାର ଆବଶ୍ୟକତାକୁ ଦ୍ୱିତୀୟ ଜାତୀୟ ଶ୍ରମ ଆୟୋଗ (ଦ୍ୱିତୀୟ ଏନସିଏଲ) ସ୍ୱୀକାର କରିଛି। କମିଶନ ଶ୍ରମିକମାନଙ୍କୁ ଏକ ସୁରକ୍ଷା କବଚ ପ୍ରଦାନ କରିବା ପାଇଁ ଯତ୍ନବାନ ହୋଇଛି। କମିଶନ ଉପଯୁକ୍ତ ସରକାରଙ୍କଠାରୁ ପୂର୍ବ ଅନୁମତି ପାଇବା ପାଇଁ ୩୦୦ କିମ୍ବା ତା'ଠାରୁ ଅଧିକ ଶ୍ରମିକଙ୍କ ମୂଳ ସୀମା ପୁନଃସ୍ଥାପନ କରିବାକୁ ସୁପାରିଶ କରିଛି ଏବଂ ଶ୍ରମିକମାନଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ ଏବଂ ଶ୍ରମିକମାନଙ୍କୁ ଅଧିକ କ୍ଷତିପୂରଣ ଦେବାକୁ ମଧ୍ୟ ପରାମର୍ଶ ଦେଇଛି।

ସାମାଜିକ ସୁରକ୍ଷା ସଂହିତା, ୨୦୨୦ ହେଉଛି ସଂସଦର ଉଭୟ ଗୃହ ଦ୍ୱାରା ଗୃହୀତ ଏକ ଆଇନ, ଯାହା ୨୮ ସେପ୍ଟେମ୍ବର, ୨୦୨୦ ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା, ଯାହା ଅଣସଂଗଠିତ, ସଂଗଠିତ, ଗିଗ୍ ଏବଂ ପ୍ଲାଟଫର୍ମ କର୍ମଚାରୀଙ୍କ ସମେତ ସମସ୍ତ ଶ୍ରମିକଙ୍କୁ ଲାଭ ପ୍ରଦାନ କରିବା ପାଇଁ ୯ଟି ବିଦ୍ୟମାନ ସାମାଜିକ ସୁରକ୍ଷା ଆଇନକୁ ଏକୀକୃତ ଏବଂ ସଂଶୋଧନ କରିଥାଏ। ଏହା ଜୀବନ ଏବଂ ଅକ୍ଷମତା ବୀମା, ସ୍ୱାସ୍ଥ୍ୟ ଏବଂ ମାତୃତ୍ୱ ଲାଭ ଏବଂ ଭବିଷ୍ୟନିଧି ପାଣ୍ଠି ପାଇଁ ବ୍ୟାପକ ସାମାଜିକ ସୁରକ୍ଷା ଯୋଜନା ପ୍ରଦାନ କରିବା ସହିତ ନିଯୁକ୍ତିଦାତାଙ୍କ ପାଇଁ ଅନୁପାଳନ ଏବଂ ସମର୍ଥନକୁ ଉନ୍ନତ କରିବା ପାଇଁ ଡିଜିଟାଇଜଡ୍ ପ୍ରକ୍ରିୟା ଏବଂ ଇନ୍ସପେକ୍ଟର-କମ୍-ସହଯୋଗୀ ଭୂମିକା ମଧ୍ୟ ପ୍ରଚଳନ କରିଥାଏ।

ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା, ୨୦୨୦, ଶ୍ରମ ଆଇନର ବିଦ୍ୟମାନ ଜଟିଳ ଜାଲକୁ ଏକୀକୃତ ଏବଂ ସରଳ କରିବା ପାଇଁ ପ୍ରଣୟନ କରାଯାଇଛି। ଏହା ୧୩ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ଏକକ ବ୍ୟାପକ ଆଇନ ଦ୍ୱାରା ପରିବର୍ତ୍ତିତ କରେ, ଯାହା ଦ୍ୱାରା ବହୁବିଧତା ହ୍ରାସ ହୁଏ ଏବଂ ଶିଳ୍ପ ଏବଂ ରାଜ୍ୟ / କେନ୍ଦ୍ରଶାସିତ ପ୍ରଦେଶ ଗୁଡ଼ିକରେ ସମାନତା ଆଣେ। ଭାରତରେ ସ୍ୱଚ୍ଛତାକୁ ଉନ୍ନତ କରିବା, ଶ୍ରମିକ କଲ୍ୟାଣ ବୃଦ୍ଧି କରିବା ଏବଂ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ଶ୍ରମ ଆଇନ ସଂସ୍କାରର ଏକ ଅଂଶ ଭାବରେ ଏହି ସଂହିତା ପ୍ରଣୟନ କରାଯାଇଥିଲା। ଏକକ ପଞ୍ଜୀକରଣ, ସର୍ବଭାରତୀୟ ଲାଇସେନ୍ସ, ଇଲେକ୍ଟ୍ରୋନିକ୍ ଫାଇଲିଂ ଏବଂ ସମୟସୀମା ଅନୁମୋଦନ ଭଳି ପଦକ୍ଷେପ ମାଧ୍ୟମରେ ଅନୁପାଳନକୁ ସୁଗମ କରି, ଏହା ପ୍ରକ୍ରିୟାଗତ ବାଧା ହ୍ରାସ କରେ ଏବଂ ନିବେଶକୁ ଉତ୍ସାହିତ କରେ। ସେହି ସମୟରେ, ଏହା ନିଯୁକ୍ତିର ଆନୁଷ୍ଠାନିକୀକରଣ, ଉନ୍ନତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମାନଦଣ୍ଡ ଏବଂ ଉନ୍ନତ କଲ୍ୟାଣ ପଦକ୍ଷେପ ସୁନିଶ୍ଚିତ କରି ଶ୍ରମିକମାନଙ୍କ ପାଇଁ ସୁରକ୍ଷାକୁ ମଜବୁତ କରେ। ଏହିପରି, ଏହି ସଂହିତା ଶ୍ରମିକ ଅଧିକାର ଏବଂ ନିରାପଦ କାର୍ଯ୍ୟ ପରିସ୍ଥିତିକୁ ସୁରକ୍ଷା ଦେବା ଏବଂ ଏକ ବ୍ୟବସାୟ-ଅନୁକୂଳ ନିୟାମକ ପରିବେଶ ସୃଷ୍ଟି କରିବା, ଯାହା ଦ୍ୱାରା ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରେ, ଭାରତର ଶ୍ରମ ବଜାରକୁ ଅଧିକ ଦକ୍ଷ, ନିରପେକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିଥାଏ।



# ତିନିଦିନିଆ ମିଡିଆ ମହାକୁମ୍ଭ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୂଚନା ଆଦାନପ୍ରଦାନ କ୍ଷେତ୍ରରେ ମିଡ଼ିଆ ୫.୦ ଏକ ନୂଆ ଧାରା ତିଆରି କରିବ। ସାମାଜିକ ଗଣମାଧ୍ୟମ ସମେତ ପାରମ୍ପରିକ ଗଣମାଧ୍ୟମ ମଧ୍ୟ ଏଥିରେ ପ୍ରଭାବିତ ହେବେ। ତଥ୍ୟ ସଂଗ୍ରହଠାରୁ ଆରମ୍ଭକରି ପ୍ରସାରଣ ପର୍ଯ୍ୟନ୍ତ ମିଡ଼ିଆ ୫.୦ର ଏକ ବଡ଼ ଭୂମିକା ରହିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ। ଶୁକ୍ରବାର ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍‌ଏସ୍) ଆନୁକୂଲ୍ୟରେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସହଭାଗିତାରେ ନବମ ଜାତୀୟ ଗଣମାଧ୍ୟମ ସମ୍ମିଳନୀ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏହି ତିନିଦିନିଆ ସମ୍ମିଳନୀରେ ଯୋଗଦେଇ ଅତିଥିମାନେ 'ମିଡ଼ିଆ ୫.୦: ଡିଜିଟାଲ୍ ଯୋଗାଯୋଗ' ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ। କୃତ୍ରିମ ବୁଦ୍ଧିମତା, ମେସିନ ଲର୍ଣ୍ଣିଙ୍ଗ, ଇଣ୍ଟରନେଟ ଅଫ୍ ଥିଙ୍ଗସ୍, ଅଗମେଣ୍ଟେଡ୍ ରିଅଲିଟି ଓ ଭର୍ଚ୍ୟୁଆଲ୍ ରିଅଲିଟି ଆଦି ନୂତନ ଜ୍ଞାନ କୌଶଳ ଦ୍ୱାରା ଗଢ଼ି ଉଠୁଥିବା ପରିବର୍ତ୍ତନଶୀଳ ମିଡ଼ିଆର ରୂପରେଖ ଉପରେ ଚର୍ଚ୍ଚା ହୋଇଥିଲା। ଡିଜିଟାଲ ମିଡିଆର ଭବିଷ୍ୟତ ପାଇଁ ଏକ ରୋଡ୍‌ମ୍ୟାପ୍ ତିଆରି କରିବାକୁ ଧ୍ୟାନ ଦିଆଯାଇଥିଲା। ଏହି ସମ୍ମିଳନୀରେ ଯୋଗଦେଇ, କର୍ଣ୍ଣାଟକର କୋପାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. କେ. ରବି କହିଥିଲେ ଯେ ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅନେକ ବଢ଼ି ଚାଲିଛି। ଏ.ଆଇ ସିଷ୍ଟମଗୁଡ଼ିକ ମାନବ ହସ୍ତକ୍ଷେପ ବିନା ବହୁତ ସମୟ କଣ୍ଟେଣ୍ଟକୁ ଅପ୍ଟିମାଇଜ୍ କରିବା ସହ ବିତରଣ କରୁଛନ୍ତି, ଯାହା ବ୍ୟକ୍ତିଗତ ଗୋପନୀୟତାକୁ ପ୍ରଭାବ ପକାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ, ଆଇ.ଆଇ.ଟି ଭୁବନେଶ୍ୱରର ଏ.ଆଇ ଓ ଏଚ୍.ପି.ସି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡଃ ଅଶ୍ୱିନୀ କୁମାର ନନ୍ଦ କହିଲେ ଯେ, 'ଭ୍ରମାତ୍ମକ ବର୍ଣ୍ଣନା ବା ମିଥ୍ୟା ନ୍ୟାରେଟିଭ୍ ସମାଜିକ ଅସ୍ଥିରତା ତିଆରି କରିପାରେ, ସେଥିପାଇଁ କଠୋର ଓ ଦୃଢ଼ ଆଇନର ଆବଶ୍ୟକତା ରହିଛି।' ଆସାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରୋ ଭାଇସ୍-ଚାନସେଲର୍ ଓ ଗଣ ଯୋଗାଯୋଗ ପ୍ରଫେସର ଡଃ କେ.ଭି. ନାଗରାଜ କହିଲେ ଯେ ପ୍ରଯୁକ୍ତିବିଦ୍ୟା ସହ ନୈତିକତାକୁ ଗୁରୁତ୍ୱ ଦେଇ ଗଣମାଧ୍ୟମ ଲୋକଙ୍କ ସ୍ୱର ହେବ ଉଚିତ। ଏହି ଅବସରରେ ତ୍ରିପୁରା ସେଣ୍ଟ୍ରାଲ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ରଫେସର ଭି.ଏଲ୍. ଧାରୁରକରଙ୍କୁ ସମ୍ବାଦିକତା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜୀବନବ୍ୟାପି ସାଧନା ପୁରସ୍କାରରେ ସମ୍ମାନିତ କରାଯାଇ ଥିଲା। ସେହିପରି ସମ୍ମିଳନୀ ପୁସ୍ତକ ସମେତ ପାଞ୍ଚଗୋଟି ବହି ଉନ୍ମୋଚିତ ହୋଇଥିଲା। ପୂର୍ବ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ଏହି କନକ୍ଲେଭରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳନ ସହ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟର କିମ୍ସ ଅଡିଟୋରିୟମରେ ଏହି ତିନି ଦିନିଆ ମିଡିଆ ମହାକୁମ୍ଭ ଆରମ୍ଭ ହେବ। ଏହି ବାର୍ଷିକ କନକ୍ଲେଭରେ ଯାହା ଭାରତର ସବୁଠାରୁ ବଡ ମିଡିଆ ମହାକୁମ୍ଭ ଭାବେ ପରିଚିତ, ଦେଶର ଶୀର୍ଷ ଗଣମାଧ୍ୟମର ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଏବଂ ଯୋଗାଯୋଗ ବିଶେଷଜ୍ଞ ମାନେ ବିଚାରର ଆଦାନପ୍ରଦାନ କରିବେ ବୋଲି ସମ୍ମିଳନୀର ଅଧ୍ୟକ୍ଷ ତଥା ଆଇ.ଏମ.ଏସ.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ କହିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ପୂର୍ଣ୍ଣମାତ୍ରା ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ୨୦ ନଭେମ୍ବର ୨୦୨୫ (ଗୁରୁବାର) ସକାଳେ ହିନ୍ଦୋଳ ରୋଡ୍ ରେଳ ଷ୍ଟେସନ ଠାରେ ଏକ ପୂର୍ଣ୍ଣ-ମାତ୍ରା ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଆୟୋଜନ କରିଥିଲା ଯାହା ଦ୍ୱାରା ଟ୍ରେନ୍ ଦୁର୍ଘଟଣା ପରିଚାଳନା ପାଇଁ ପ୍ରସ୍ତୁତି ମୂଲ୍ୟାଙ୍କନ ସହ ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ପୁନରୁଦ୍ଧାର, ପ୍ରଭାବଶାଳୀ ଯାତ୍ରୀ ସହାୟତା ଏବଂ ଟ୍ରେନ ପରିଚାଳନାର ଶୀଘ୍ର ସ୍ୱାଭାବିକୀକରଣ ସୁନିଶ୍ଚିତ କରିବା ପାଇଁ ଧ୍ୟାନ ଦିଆଯାଇଥିଲା।



ଭାରତୀୟ ରେଳବାଇ ନିୟମିତ ଭାବରେ ଏହାର ସମସ୍ତ ରେଳମଣ୍ଡଳ ମାନଙ୍କରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରିଥାଏ। ଏହି ଅଭ୍ୟାସଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟ ପାଇଁ ଡିଜାଇନ୍ କରାଯାଇଛି- ଦୁର୍ଘଟଣା ପରି ପରିସ୍ଥିତିରେ ରେଳ କର୍ମଚାରୀ, ଏନଡିଆରଏଫ ଦଳ ଏବଂ ସ୍ଥାନୀୟ ସହଭାଗୀ ମାନଙ୍କର ଜରୁରୀକାଳୀନ ପ୍ରସ୍ତୁତି ପରୀକ୍ଷା କରିବା। ଆରପିଏଫ, ସରକାରୀ ରେଳ ପୁଲିସ, ଅଗ୍ନିଶମ ସେବା, ଡାକ୍ତରୀ ୟୁନିଟ୍ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସମେତ ବହୁ-ଭାଗିଦାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ଉନ୍ନତ କରିବା। ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର, ପ୍ରାଥମିକ ଚିକିତ୍ସା, ଆହତମାନଙ୍କୁ ସ୍ଥିରୀକରଣ ଏବଂ ଲାଇନଚ୍ୟୁତ କୋଚ୍‌ରୁ ଫସି ରହିଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ଭଳି ପଦକ୍ଷେପ ଏବଂ ରିଲିଫ୍ କାର୍ଯ୍ୟ ଅଭ୍ୟାସ କରିବା। ବିଳମ୍ବ କିମ୍ବା ବିଳମ୍ବ ଭଳି କାର୍ଯ୍ୟଗୁଡ଼ିକର କାରଣ ଚିହ୍ନଟ କରି ବାସ୍ତବ-ସମୟ ବିପର୍ଯ୍ୟୟ ପ୍ରତିକ୍ରିୟାକୁ ବୃଦ୍ଧି କରିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ କାର୍ଯ୍ୟକାରୀ କରି ପ୍ରତିକ୍ରିୟା ସମୟକୁ ସୁଧାରିବା।

ଏହି ମକ୍ ଡ୍ରିଲ୍ ରେ ଲାଇନଚ୍ୟୁତ, ଯାତ୍ରୀ ଉଦ୍ଧାର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଭିଡ଼ ପରିଚାଳନା, ଡାକ୍ତରୀ ଦଳ ନିୟୋଜିତ, ପୁନରୁଦ୍ଧାର ପାଇଁ ଭାରୀ ଯନ୍ତ୍ରପାତି ଚଳାଚଳ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା ମାନଙ୍କ ମଧ୍ୟରେ ସମନ୍ୱୟ ସହିତ ଏକ ବାସ୍ତବବାଦୀ ରେଳ ଦୁର୍ଘଟଣା ପରିସ୍ଥିତି ଗୁଡ଼ିକର ଅବସ୍ଥା ଇତ୍ୟାଦିର ଛଳନା କରାଯାଇଥିଲା। ଏହି ଅଭ୍ୟାସର ଲକ୍ଷ୍ୟ ଥିଲା ଟ୍ରେନ ଟ୍ରାଫିକକୁ ଦକ୍ଷତାର ସହିତ ପୁନଃସ୍ଥାପିତ କରିବା ପାଇଁ ଏକ ସଂରଚିତ ଏବଂ ସମୟସୀମାବଦ୍ଧ ପ୍ରତିକ୍ରିୟା ଯୋଜନା ସୁନିଶ୍ଚିତ କରିବା ଓ ଯାତ୍ରୀମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ଏହି ମକଡ୍ରିଲ ଅଭ୍ୟାସର ନେତୃତ୍ୱ ନେଇ ଭୂମିଗତ କାର୍ଯ୍ୟ ବା ତଳସ୍ତରର କାର୍ଯ୍ୟ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ତଦାରଖ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ମଧ୍ୟ ସାମଗ୍ରିକ ଯୋଜନା, ଲଜିଷ୍ଟିକ୍ସ ଏବଂ କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ ଯାହା ସୁନିଶ୍ଚିତ କରିଥିଲା ଯେ ସମସ୍ତ ୟୁନିଟ୍ ଅଭ୍ୟାସ ସମୟରେ ସମ୍ପୂର୍ଣ୍ଣ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି।

ରେଳ ସୁରକ୍ଷା ବଳ, ସିଭିଲ୍ ଡିଫେନ୍ସ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ଏନଡିଆରଏଫ, ଓଡ୍ରାଫ, ସ୍ଥାନୀୟ ପୋଲିସ, ଜିଲ୍ଲା ପ୍ରଶାସନ, ବେସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରଙ୍କ ସହିତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସିଭିଲ ଇଞ୍ଜିନିୟରିଂ, ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ସିଗନାଲ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ, ନିରାପତ୍ତା ଓ ସୁରକ୍ଷା ବିଭାଗ କର୍ମଚାରୀ, ଅପରେଟିଙ୍ଗ, କମରସିଆଲ ଏବଂ ଚିକିତ୍ସା ବିଭାଗ ସମେତ ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ। ଅଭ୍ୟାସକୁ ସର୍ବାଧିକ ବାସ୍ତବବାଦ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଉଦ୍ଧାର ଉପକରଣ, ଦୁର୍ଘଟଣା ସହାୟତା ଉପକରଣ ଏବଂ ପୁନରୁଦ୍ଧାର ଯନ୍ତ୍ରପାତି ନିୟୋଜିତ କରାଯାଇଥିଲା।

ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା ଏହି କାର୍ଯ୍ୟକ୍ରମକୁ ସକ୍ରିୟ ଭାବରେ ସମନ୍ୱୟ କରି ମକ୍ ଡ୍ରିଲର ପ୍ରତ୍ୟେକ ପର୍ଯ୍ୟାୟକୁ ସୁଗମ ଭାବରେ ସମ୍ପାଦନ କରିବା ସୁନିଶ୍ଚିତ କରିଥିଲେ। ତାଙ୍କର ନିଖୁଣ ତଦାରଖ, ସମୟୋଚିତ ମାର୍ଗଦର୍ଶନ ଏବଂ ସମସ୍ତ ଅଂଶଗ୍ରହଣକାରୀ ଦଳଗୁଡ଼ିକର ନିରନ୍ତର ତଦାରଖ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା।

ଯାତ୍ରୀ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ସ୍ଥିରତାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତା ବୃଦ୍ଧି କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଠନ ହେବ...

ନିଯୁକ୍ତି ନିଶ୍ଚିତ କରିବା । ସୂଚନା ଅନୁସାରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୪ (୨୦୨୪ ର ୫ ନମ୍ବର) ଗ୍ରହଣ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ଏହି ସଂଶୋଧନ ଆଇନ, ପରିବେଶଗତ ଶାସନକୁ ଉନ୍ନତ କରିବା ଏବଂ ନିୟାମକ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ପ୍ରମୁଖ ପରିବର୍ତ୍ତନ ଆଣିବ । ଏହା ଛୋଟ ଛୋଟ ଅପରାଧଗୁଡ଼ିକୁ ଅପରାଧମୁକ୍ତ କରିଥାଏ, ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରିଥାଏ ଏବଂ ଦଣ୍ଡ ବଦଳରେ ଅନୁପାଳନ ଉପରେ ଧ୍ୟାନ ଦେଇଥାଏ । ଏହା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନିର୍ଦ୍ଧାରିତ କରିଥାଏ। ପୁନଶ୍ଚ, ରାଜ୍ୟଗୁଡ଼ିକରେ ପରିବେଶଗତ ଆଇନ ଗୁଡ଼ିକୁ ସମାନ ଭାବେ ପ୍ରୟୋଗ କରିବାକୁ ସୁନିଶ୍ଚିତ କରିବ ତଥା ଚିରନ୍ତନ ଶିଳ୍ପ ବିକାଶ ପାଇଁ ଜାତୀୟ ମାନଦଣ୍ଡ ସହିତ ଓଡ଼ିଶା ସରକାରଙ୍କ ସମନ୍ୱୟ ରକ୍ଷା କରିବ । ଓଡ଼ିଶା ପାଇଁ, ଏହି ଆଇନ ଅନେକ ଲାଭ ପ୍ରଦାନ କରିବ, ଯେଉଁଥିରେ ଏହି ଆଇନର ବିକେନ୍ଦ୍ରୀକରଣ ମାଧ୍ୟମରେ ବ୍ୟବସାୟ କରିବାର ସୁଗମତା ଏବଂ ଉତ୍ତମ ଅନୁପାଳନକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ । ଏହା ପ୍ରଭାବଶାଳୀ ପ୍ରଦୂଷଣ ତଦାରଖ ଏବଂ ଜଳ ସମ୍ପଦର ସୁରକ୍ଷା ଉପରେ ଧ୍ୟାନ ଦେଇ ପରିବେଶଗତ ଶାସନକୁ ମଧ୍ୟ ସୁଦୃଢ଼ କରିବ । ମୁଖ୍ୟ ସଚିବ କହିଥିଲେ ୧୯-୦୪-୧୯୯୩ ରୁ ୩୧-୦୩-୧୯୯୬ ମଧ୍ୟରେ ବିଭିନ୍ନ ପୋଲିସ୍ ପ୍ରତିଷ୍ଠାନ ଯଥା :- (କ) ପ୍ରଥମ ଓଡିଶା ରାଜ୍ୟ ସଶସ୍ତ୍ର ଆରକ୍ଷୀ ବାଟାଲିୟନ, ଢେଙ୍କାନାଳ ;(ଖ) ଷଷ୍ଠ ଓଡିଶା ରାଜ୍ୟ ସଶସ୍ତ୍ର ଆରକ୍ଷୀ ବାଟାଲିୟନ, କଟକ ଓ (ଗ) ସପ୍ତମ ଓଡିଶା ରାଜ୍ୟ ସଶସ୍ତ୍ର ବାଟାଲିୟନ, ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ୨୪୯୫ ପୋଲିସ୍ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ପେଶାଲ ଡାଏଟ୍ ଭତ୍ତା ବାବଦକୁ ଦିଆଯାଇଥିବା ୬୪.୯୪ ଲକ୍ଷ ଟଙ୍କାକୁ ହିସାବରୁ ବାଦ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ପୋଲିସ୍ କର୍ମଚାରୀଙ୍କ ମଧ୍ୟରୁ ସମସ୍ତେ ମୃତ କିମ୍ବା ଅବସରପ୍ରାପ୍ତ ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ କହିଥିଲେ ରାଜ୍ୟ ସରକାର, ସଇରାତ ଉତ୍ସ ଯୋଗାଣ, ଚାହିଦା ଶୃଙ୍ଖଳ ଏବଂ ଲଘୁ ଖଣିଜ ପଦାର୍ଥର ମୂଲ୍ୟ ବର୍ତ୍ତମାନର ପରିସ୍ଥିତିକୁ ସମୀକ୍ଷା କରି, ରାଜ୍ୟରେ ଖଣି ଲିଜ୍ ଆବଣ୍ଟନ ପାଇଁ ଇ-ଲଟେରୀ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଲଘୁ ଖଣିଜ ଉତ୍ସଗୁଡ଼ିକର ଆବଣ୍ଟନ ଏବଂ କାର୍ଯ୍ୟକ୍ଷମତାକୁ ତ୍ୱରାନ୍ୱିତ କରିବା ସହ ଯୋଗାଣ ଚାହିଦା ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବ ଏବଂ ସୁଲଭ ମୂଲ୍ୟରେ ଲଘୁ ଖଣିଜ ଯୋଗାଣ ସୁନିଶ୍ଚିତ କରିବ । ଏତଦ ବ୍ୟତୀତ, ଘରୋଇ ଜମି ଏବଂ ଇଡକୋ ଲିଜ୍ ପ୍ରାପ୍ତ ଜମିରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ସମୟରେ ଉତ୍ତୋଳିତ ଲଘୁ ଖଣିଜର ବିନିଯୋଗ ପାଇଁ ନୂତନ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ସଂଶୋଧନରେ ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣକୁ ପ୍ରତିରୋଧ କରିବା ସହ ଏହାର ସର୍ବାଧିକ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣର ବ୍ୟବସ୍ଥା ରହିଛି । ଉପରୋକ୍ତ ଆଧାରରେ, କ୍ୟାବିନେଟର ଅନୁମୋଦନ ପରେ ଓଡିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ରେ ସଂଶୋଧନ କରାଯାଇଛି। ସରକାର ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତଥା ବିଦ୍ୟାଳୟ ଏବଂ ଗଣଶିକ୍ଷା ନିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି/ଜାତି ବର୍ଗର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ପ୍ରାକ୍-ମାଟ୍ରିକ ଛାତ୍ରବତ୍ତିର ହାର ବୃଦ୍ଧି କରିବା ନିମନ୍ତେ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛନ୍ତି । ରାଜ୍ୟରେ ଖାଦ୍ୟ ସାମଗ୍ରୀ ଏବଂ ଦୈନିକ ବ୍ୟବହାର କରାଯାଉଥିବା ଅନ୍ୟାନ୍ୟ ଅତିଆବଶ୍ୟକ ସାମଗ୍ରୀ/ ବସ୍ତୁର ଦରଦାମ ବୃଦ୍ଧିକୁ ଲକ୍ଷ୍ୟକରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଛାତ୍ରମାନଙ୍କ ପାଇଁ ଏହି ରାଶି ବାର୍ଷିକ ୧୦୫୦୦ଟଙ୍କାରୁ ୧୬୦୦୦ ଟଙ୍କା ଏବଂ ଛାତ୍ରୀମାନଙ୍କ ପାଇଁ ୧୧,୦୦୦ ଟଙ୍କା ରୁ୧୭,୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ଛାତ୍ରବୃତ୍ତି, ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯିବ। ଅନ୍ୱେଶା ଛାତ୍ରାବାସରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ବାର୍ଷିକ ୧୧,୦୦୦ ରୁ ୧୭,୦୦୦ କୁ ବୃଦ୍ଧି କରିଛନ୍ତି । ସେହିପରି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ମେସ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରକୁ ମଧ୍ୟ ବୃଦ୍ଧି କରିଛନ୍ତି। ଏହି ଯୋଜନା ମାଧ୍ୟମରେ ପ୍ରତି ଛାତ୍ରଛାତ୍ରୀ ପିଛା ବାର୍ଷିକ ଟ.୧୧,୦୦୦ ରୁ ୧୬,୦୦୦ ଛାତ୍ରମାନଙ୍କ ପାଇଁ ଏବଂ ୧୭,୦୦୦ ଛାତ୍ରୀମାନଙ୍କ ପାଇଁ ବୃଦ୍ଧି କରାଯାଇଛି। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ଉନ୍ନତମାନର ଓ ପରିମାଣର ପୁଷ୍ଟିକର ଖାଦ୍ୟ ପାଇପାରିବେ । ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲା ଠାରୁ ଲାଗୁ କରାଯିବ। ମୁଖ୍ୟ ଶାସନ ସଚିବ କହିଥିଲେ ଓଡ଼ିଶା ଅର୍ଥ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ, ୨୦୧୧ର ନିୟମ ୧୭ କୁ ସଂଶୋଧନ କରାଯାଇଛି। ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ ଆବଶ୍ୟକତା ଆଧାରରେ ଓଡ଼ିଶା ଅର୍ଥ ସେବା ଅଧିକାରୀମାନଙ୍କ ପାଇଁ ସମୟ ସମୟରେ ସଂସ୍ଥାଗତ ଏବଂ ନିଯୁକ୍ତି ପ୍ରଶିକ୍ଷଣର ଅବଧି ନିର୍ଦ୍ଧାରଣ କିମ୍ବା ସଂଶୋଧନ କରିବା ପାଇଁ ସରକାରଙ୍କୁ କ୍ଷମତା ପ୍ରଦାନ କରିବା । ବର୍ତ୍ତମାନ ଏହି ନିୟମ ଅନୁଯାୟୀ ସିଧାସଳଖ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ପାଇଁ ଇଣ୍ଡକସନ୍ ତାଲିମ ପାଇଁ ଥିବା ଏକ ବର୍ଷ ଏବଂ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ପାଇଁ ସଂସ୍ଥାଗତ ପ୍ରଶିକ୍ଷଣ ଥିବା ଚାରି ମାସ କୁ ପରିବର୍ତ୍ତନ କରି ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷଣ ଅବଧି ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ସକ୍ଷମ କରିବ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରାସଙ୍ଗିକ, ପ୍ରଭାବଶାଳୀ ଏବଂ ବିକଶିତ ସେବା ଆବଶ୍ୟକତା ସହିତ ସମନ୍ୱିତ ରହିବା ସୁନିଶ୍ଚିତ କରି ଅଧିକ ନମନୀୟତା ପ୍ରଦାନ କରିବ।

## ନୂଆ ଲେବର ...

ସାମାଜିକ ସୁରକ୍ଷା । ଅଧାରୁ ଅଧିକ ଶ୍ରମବଳ ପ୍ରଥମ ଥର ପାଇଁ ଏତେ ବଡ଼ ସୁରକ୍ଷା ପାଇଛନ୍ତି । ସ୍ଥାୟୀ କର୍ମଚାରୀମାନଙ୍କୁ କେବଳ ୧ ବର୍ଷ ପରେ ଗ୍ରାଚ୍ୟୁଇଟି, ଏବେ ଅସ୍ଥାୟୀ କର୍ମଚାରୀମାନେ ମଧ୍ୟ ସ୍ଥାୟୀ କର୍ମଚାରୀମାନଙ୍କ ଭଳି ସୁରକ୍ଷା ପାଇବେ। ୪୦ରୁ ଅଧିକ ବୟସର କର୍ମଚାରୀମାନଙ୍କ ପାଇଁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଓଭରଟାଇମ୍ ଉପରେ ଦୁଇଗୁଣ ଦରମା ଗ୍ୟାରେଣ୍ଟି ଏବେ ଅତିରିକ୍ତ କାମର ପୂର୍ଣ୍ଣ ଏବଂ ଉଚିତ ମୂଲ୍ୟ ମିଳିବ। ବିପଦପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ଶତପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଖଣି, କେମିକାଲ, କନଷ୍ଟ୍ରକସନ୍ ଭଳି ଅତି ବିପଦପୂର୍ଣ୍ଣ ଚାକିରି କରୁଥିବା ଲୋକମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ। ଏହା ଶ୍ରମିକ ଏବଂ କର୍ମଚାରୀଙ୍କୁ ନ୍ୟାୟ ଏବଂ ସୁରକ୍ଷା ଦେବ ବୋଲି କେନ୍ଦ୍ର ସରକାର ପକ୍ଷରୁ ସୁନିଶ୍ଚିତ କରାଯାଇଛି ।

## ଅକ୍ଷୟ ତୃତୀୟା...

ପୁରୀବାସୀଙ୍କ ସୁବିଧା ଦର୍ଶନ ଓ ପ୍ରବେଶ ପାଇଁ 'ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ'ର ବିଭିନ୍ନ ପ୍ରସ୍ତାବ ଉପରେ ଗୁରୁବାର କମିଟି ଆଲୋଚନା କରିଛି। ଅନ୍ୟ ଭକ୍ତମାନେ ଯେଭଳି ପ୍ରଭାବିତ ହେବେନି, କି ପ୍ରକାରର ପରିଚୟ ପତ୍ର ବ୍ୟବସ୍ଥା କଲେ ପରିଚୟପତ୍ରର ଦୁରୁପଯୋଗ ହେବ ନାହିଁ, ବିଭିନ୍ନ ଦିଗରୁ ସେବାୟତଙ୍କ ସହ ଆଲୋଚନା କରି ଏସପି ଓ ଜିଲ୍ଲାପାଳ ଏକ ଏସଓପି ପ୍ରସ୍ତୁତ କରିବେ। ଏହା ପରେ ଠୋସ୍ ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆଇନ୍‌ରେ ସଂଶୋଧନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସରକାରଙ୍କୁ ଚିଠି ଲେଖିଛନ୍ତି।

## ଦୁବାଇ ଏୟାର...

ଚାଲିଛି । ଏହା ୧୯୮୬ ମସିହାରେ ଆରମ୍ଭ ହୋଇଥିଲା । ଏହା ନାଗରିକ ବିମାନର ଏକ ଛୋଟ ମେଳା ପରି ଆୟୋଜନ କରାଯାଉଥିଲା । ପ୍ରଥମଥର ଆୟୋଜନରେ କେବଳ ୨୫ଟି ବିମାନ ପହଞ୍ଚିଥିଲେ । ଏବେ ଏହା ବିଶ୍ୱର ସବୁଠାରୁ ବଡ ଏୟାର ସୋ ବନି ସାରିଛି । ଏଥିରେ ୧୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୨୦୦ରୁ ଅଧିକ ଉନ୍ନତ ବିମାନ ପହଞ୍ଚିଛି ।

## ଉତ୍କଳର ମହତାବଙ୍କ...

ଯେତେବେଳେ ହୀରାକୁଦ ନଦୀବନ୍ଧ, ରାଜଧାନୀ ଭୁବନେଶ୍ୱର, ରାଉରକେଲା ଇସ୍ପାତ କାରଖାନା, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ହାଇକୋର୍ଟ, ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର, କଟକ ରେଡିଓ ଷ୍ଟେସନ୍ ଇତ୍ୟାଦିକୁ ନେଇଁ ଗର୍ବ କରୁଛେ, ଏହିସବୁ ଗୌରବମୟ କୀର୍ତ୍ତି ପଛରେ ଉତ୍କଳର ମହତାବଙ୍କ ସ୍ପର୍ଶ ଲୁଚି ରହିଛି। ଉତ୍କଳର ମହତାବ କେବଳ ସ୍ୱପ୍ନ ଦେଖୁନଥିଲେ। ସେ ଜଣେ କର୍ତ୍ତା ଥିଲେ। ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ, ତାଙ୍କ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିଥିଲେ। ସେ ଜାଣିଥିଲେ ଯେ କେବଳ ରାଜନୈତିକ ସ୍ୱାଧୀନତା ଯଥେଷ୍ଟ ନୁହେଁ; ପ୍ରକୃତ ସ୍ୱାଧୀନତାର ଅର୍ଥ ହେଉଛି କ୍ଷୁଧା, ଦାରିଦ୍ର୍ୟ, ରୋଗ ଏବଂ ଅଜ୍ଞତାରୁ ମୁକ୍ତି। ସେ ରାଜ୍ୟରେ ଯୋଜନାବଦ୍ଧ ବିକାଶର ମୂଳଦୁଆ ପକାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମ ସରକାରଙ୍କ ଯାତ୍ରାରେ ଆମେ ନିରନ୍ତର ଏପରି ନେତାମାନଙ୍କଠାରୁ ଶକ୍ତି ପାଇଥାଉ। ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼ିବା, ଆୟୁଷ୍ମାନ ଭାରତ - ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା,ନ୍ୟାସନାଲ ଏଜୁକେସନ ପଲିସି - ୨୦୨୦ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ଆଣିବା, ଶିଳ୍ପ କ୍ଷେତ୍ରରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତୁତି ମାଧ୍ୟମରେ ଭିତ୍ତିଭୂମି ସୁଦୃଢ଼ କରିବା ଓ ଜଳସେଚନ ଏବଂ ଜୀବିକା ସୁରକ୍ଷା ଆଣିବା । ଏହା ସହିତ ସମୃଦ୍ଧ କୃଷକ ଯୋଜନା, ପିଏମ କିଷାନ ଓ ସିଏମ୍ -କିଷାନ ମାଧ୍ୟମରେ କୃଷକ ମାନଙ୍କ ଆୟକୁ ବହୁଗୁଣିତ କରିବା ଏବଂ ସରକାରୀ କ୍ଷେତ୍ରରେ ପ୍ରାୟ ୩୦ ହଜାର ନିଯୁକ୍ତି ଏବଂ ବେସରକାରୀ କ୍ଷେତ୍ରରେ ପ୍ରାୟ ୭୦ ହଜାର ନିଯୁକ୍ତି ପ୍ରଦାନ କରି ଆମ ସରକାର ସଂକଳ୍ପରୁ ସିଦ୍ଧିର ମାର୍ଗରେ ଗତି କରୁଛି । ଏହା ସବୁ ଉତ୍କଳର ମହତାବଙ୍କ ଆଦର୍ଶ ସହିତ ଜଡ଼ିତ । ସେ ଆହୁରି କହିଥିଲେ ଯେ, ଆଧୁନିକ ଟେକ୍‌ନୋଲୋଜିରେ ଭାରତକୁ ଆତ୍ମନିର୍ଭର କରିବାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଲକ୍ଷ୍ୟ ରହିଛି, ସେଥିରେ ଭୁବନେଶ୍ୱରର ଏକ ପ୍ରମୁଖ ଭୂମିକା ରହିବ। ପୂର୍ବ ଭାରତର ଟେକ୍‌ନୋଲୋଜି ହବ୍ ହେବ ଭୁବନେଶ୍ୱର। ପ୍ରଧାନମନ୍ତ୍ରୀ ନିକଟରେ କଟକର ଟାଙ୍ଗୀ ଠାରୁ ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ପର୍ଯ୍ୟନ୍ତ ୮ ହଜାର ୩୦୦ କୋଟି ଟଙ୍କା ବିନିଯୋଗରେ ୧୧୧ କିଲୋମିଟରର ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍ ପାଇଁ ମଞ୍ଜୁରି ଦେଇଛନ୍ତି। ୬ ଲେନ୍ ବିଶିଷ୍ଟ ଏହି ପ୍ରକଳ୍ପ ଯୋଗୁ କଟକ ଓ ଭୁବନେଶ୍ୱର ସହରର ବ୍ୟାପକ ସଂପ୍ରସାରଣ ହେବ, ଅର୍ଥନୈତିକ ଅଭିବୃଦ୍ଧି ଘଟିବ, ଏକ ଆଧୁନିକ ସହର ଭାବେ ଯୁବବର୍ଗଙ୍କ ପାଇଁ ଆକର୍ଷଣର ଏକ ପ୍ରମୁଖ କେନ୍ଦ୍ର ଭାବେ ଏହା ଗଢ଼ି ଉଠିବ। ଭୁବନେଶ୍ୱରର ଏହି ଅଭିବୃଦ୍ଧି ଉତ୍କଳର ମହତାବଙ୍କ ସ୍ୱପ୍ନକୁ ନିଶ୍ଚୟ ସାକାର କରିବ। ଆମ ସରକାରଙ୍କର ଯେଉଁ ସ୍ୱପ୍ନ ଅଛି- ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଢ଼ିବା, ଏହାହିଁ ଡଃ ମହତାବଙ୍କ ଅମର ସ୍ମୃତିକୁ ଆମର ବଡ଼ ଭେଟି ହୋଇ ପାରିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ। ବିକଶିତ ଭାରତର ପ୍ରଥମ ସ୍ପର୍ଶ ଦେଇଥିଲେ ଡଃ ହରେକୃଷ୍ଣ ମହତାବ ଏବଂ ଓଡ଼ିଆ ସାହିତ୍ୟକୁ ଯୁବବର୍ଗଙ୍କ କହିଥିଲେ। ଭାରତ ବର୍ଷରେ ମହତାବଙ୍କ ଭଳି ବ୍ୟକ୍ତି ବିଶେଷ କେହି ନାହାନ୍ତି, ଯିଏ ୫ ଜଣ ମୁଖ୍ୟମନ୍ତ୍ରୀ ତିଆରି କରିଛନ୍ତି ଓ କେବଳ ପ୍ରଜାତନ୍ତ୍ର କି ମୀନାବଜାର ନୁହେଁ ଅନେକ ଲେଖା ତାଙ୍କର ଆଜି ଓଡ଼ିଆ ସାହିତ୍ୟକୁ ଜୀବନ୍ତ କରି ରଖିଛି। ରାଜନୀତି ଓ ସାହିତ୍ୟର ଏକ ଅପୂର୍ବ ଜ୍ଞାନ ଥିଲେ ଡ଼. ମହତାବ, ବୋଲି ପ୍ରସିଦ୍ଧ ସାହିତ୍ୟିକ ଦାଶ ବେନହୁର କହିଥିଲେ।କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ସୁନ୍ଦରୀ ...

୭୪ ତମ ବିଜୟିନୀ । ଥାଇଲାଣ୍ଡରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୨୦ଟି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଥାଇଲାଣ୍ଡର ପ୍ରବୀଣା ସିଂ ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ଭେନେଜୁଆଲାର ଷ୍ଟେଫିନ୍ ଆବୋସିଲ୍ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି । ଭାରତରୁ ମନିକା ବିଶ୍ୱକର୍ମା ଏହି ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତା ଭାବରେ ଫାତିମାଙ୍କ ନାମ ଘୋଷଣା ହେବା ମାତ୍ରେ ଏହି ମେକ୍ସିକାନ୍ ସୁନ୍ଦରୀ କାନ୍ଦି ପକାଇଥିଲେ।

## ୨୪ ଘଣ୍ଟାରେ...

କେତେକ ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ଏହାର ଗତିବିଧି ଏବଂ ଓଡ଼ିଶା ଉପରେ କ'ଣ ପ୍ରଭାବ ପଡ଼ିବ ସେନେଇ କୌଣସି ସ୍ପଷ୍ଟ କରିନାହାନ୍ତି। ଲଘୁଚାପ ସୃଷ୍ଟି ହେଲା ପରେ ସ୍ୱଚ୍ଛଚିତ୍ର ଆସିବ ବୋଲି ପାଣିପାଗ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ; କିନ୍ତୁ ସମ୍ଭାବ୍ୟ ଲଘୁଚାପ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ଘଣ୍ଟାରେ ଆହୁରି ଘନୀଭୂତ ହେବ। ଏହାର ପ୍ରଭାବରେ ସର୍ବନିମ୍ନ ତାପମାତ୍ରା ୧ରୁ ୨ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି।

## ବିଷ ବଳୟରେ...

ଡିସେମ୍ବରରେ ହେବାକୁ ଥିବା କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଦିଲ୍ଲୀ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଜାରି କରିବା ବିଷୟରେ ବିଚାର କରିବାକୁ କହିଥିଲେ। ଆଉ ଗୋଟିଏ ଦିନ ପରେ ଏହି ନିର୍ଦ୍ଦେଶ ଆସିଛି । ଦିଲ୍ଲୀରେ ବର୍ତ୍ତମାନର ବାୟୁ ଗୁଣବତ୍ତା ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ।

# ଅଶ୍ଳୀଳ ଫଟୋ ଭାଇରାଲ୍ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ବେଲାପଡ଼ା ବ୍ଲକ ଗମ୍ଭାରୀ ଗ୍ରାମର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଜଣେ ଯୁବକ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ମତେ ଖପ୍ରାଖୋଲ ଥାନା ଓଡ଼ିଆପାଲି ଗ୍ରାମର ସୁରଥ ନାଗ (୨୬) ଗମ୍ଭାରୀ ଗ୍ରାମର ଜଣେ ଯୁବତୀ ଙ୍କୁ ପ୍ରେମ କରୁଥିଲେ। ତାଙ୍କ ସହ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖି ଫଟୋ ଉତ୍ତୋଳନ କରି ମୋବାଇଲ ରେ ରଖିଥିଲେ। ହେଲେ ବିବାହ କରିବାକୁ ବାରଣ କରିଥିଲେ। ଏହା ପରେ ଯୁବତୀଙ୍କ ବିବାହ ଅନ୍ୟତ୍ର ଏକ ସ୍ଥାନରେ ଠିକ୍ ହୋଇଥିଲା। ବିବାହ ଠିକ୍ ହୋଇଥିବା ଖବର ପ୍ରେମିକ ପାଇ ପୂର୍ବରୁ ପ୍ରେମିକଙ୍କ ସହ ରଖିଥିବା ଅନୈତିକ ସମ୍ପର୍କ ଫଟୋକୁ ବିବାହ ଠିକ୍ ହୋଇଥିବା ଯୁବକଙ୍କ ପାଖକୁ ପଠାଇଥିଲେ। ଫଟୋ ପାଇଁ ବିବାହ ଠିକ୍ ହୋଇଥିବା ଯୁବକ ବିବାହ ଭାଙ୍ଗି ଦେଇଥିଲେ। ଉକ୍ତ ଅଭିଯୋଗରେ ଖପ୍ରାଖୋଲ ଥାନାରେ ଏକ ମାମଲା ୨୬୫/୨୫ରେ ରୁଜୁ କରି ଆସାମୀ ସୁରଥଙ୍କୁ ପୋଲିସ ବାଙ୍ଗାଲୋରରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି।

# ରତ୍ନ ଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ସରକାର ମିଛ କହୁଛନ୍ତି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ରଖିଛି। ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରତ୍ନ ଭଣ୍ଡାରର ଗଣତି ମଣତିକୁ ନେଇ ସରକାର କେବଳ ରାଜନୀତି କରୁଛନ୍ତି, ଗଣତି ମଣତି କରିବା ପାଇଁ ରାଜ୍ୟ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତରଫରୁ ରତ୍ନ ଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାର କରି ଏହାର ଗଣତି ମଣତି ପାଇଁ ସ୍ୱର ଉଠାଇଥିଲା। ବିଜେପି ତାର ସଙ୍କଳ୍ପ ପତ୍ରରେ କ୍ଷମତାକୁ ଆସିଲେ ଗଣତି ମଣତିର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗଣତି ମଣତି ଉପରେ, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି। ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ। ନିର୍ବାଚନ ସମୟରେ ରତ୍ନ ଭଣ୍ଡାରକୁ ନେଇ ବିଜେପି ଦ୍ୱାରା କରାଯାଇଥିବା ମିଛ ପ୍ରଚାର ସବୁ ଧରାପଡିଯିବା ଭୟରେ ବିଜେପି ସରକାର ଗଣତି ମଣତିକୁ ଜାଣି ଶୁଣି ଘୁଞ୍ଚାଉଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି। ଡ. ମହାନ୍ତି ଆହୁରି କହିଛନ୍ତି, ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ ଓ ପରିକ୍ରମା ପ୍ରକଳ୍ପକୁ ନେଇ ନିର୍ବାଚନ ବେଳେ ବିଜେପି ଅନେକ ପ୍ରଶ୍ନ ଉଠାଇଥିଲା ବେଳେ ଏବେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପୂର୍ବରୁ କରାଯାଇଥିବା ଏସି ଟନେଲଟିକୁ ଉଠାଇ ଦିଆଯାଇଛି, ଯେଉଁଥି ପାଇଁ ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ମନ୍ଦିର ଭିତରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି। ଧାଡ଼ି ଦର୍ଶନ ପାଇଁ ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ସଦୃଶ୍ୟ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୫ର ସେକ୍ସନ ୬ ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବା କଥା। କିନ୍ତୁ, ସରକାର କେବଳ ଦଶ ଜଣଙ୍କୁ କମିଟିକୁ ମନୋନୀତ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି, ଶ୍ରୀମନ୍ଦିରର ପରିଚାଳନାକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି। କେବଳ ଫୁଲା ଫାଙ୍କିଆ ଢଙ୍ଗରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ଚାଲିଛି।

# ସୋର କୋର୍ଟ ମାଲଖାନା ଲୁଟ୍ ଘଟଣା : ୩ ଗିରଫ

**ସୋର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲା ସୋର କୋର୍ଟ ମାଲଖାନା ଲୁଟ ଘଟଣାରେ ସୋର ପୁଲିସ ଆଜି ୫୦୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଯାହା ବଜାରରେ ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟାଙ୍କର ହେବ। ଏହା ସହିତ ୪ଟି ମୋବାଇଲ ପୁଲିସ ଜବତ କରିଛି। ବ୍ରାଉନସୁଗାର ରଖିବା ଅଭିଯୋଗରେ ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତିନି ଅଭିଯୁକ୍ତ ହେଲେ ମଙ୍ଗଳପୁର ରଘୁନାଥ ପୁର ଗ୍ରାମର ଲକ୍ଷ୍ମଣ ଦାସ, ଗଗନ ସାମଲ ଓ ଲକ୍ଷ୍ମୀଧର ଦାସ ଗିରଫ। ଲକ୍ଷ୍ମଣ ଘରୁ ପୁଲିସ ବ୍ରାଉନ ସୁଗାର ଜବତ କରିଛି। ଗତ ଦୁଇ ତାରିଖ ଦିନ ସୋର କୋର୍ଟ ମାଲଖାନାରୁ ଲୁଟ୍ ବ୍ରାଉନ ସୁଗାରକୁ ଅଭିଯୁକ୍ତମାନେ କିଣିଥିଲେ। ପୋଲିସ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କାରିବା ସହିତ ଏକ ପିସ୍ତଲ, ୨୫ ରାଉଣ୍ଡ ଗୁଳି, ସୁନା ରୂପା ଗହଣା ଜବତ କରିଥିଲା। ଘଟଣାରେ ଜଣେ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଫେରାର ରହିଛି। ବ୍ରାଉନ ସୁଗାର ଜବତ ଘଟଣାରେ ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ଅଭିଯୋଗ କରିଥିବା ବେଳେ ତଦନ୍ତ କରି ଅଧିକରି ଏସଆଇ ସାଧୁସିଂ ଗାଗରାଇ ରହିଛନ୍ତି।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ଏନସିସି ବିଭାଗର ସଫଳତା

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଜାତୀୟ କ୍ୟାଡେଟ୍ କର୍ପ୍ସ (ଏନସିସି) କାର୍ଯ୍ୟକ୍ରମକୁ ସାମିଲ କରି ଯୁବକମାନଙ୍କୁ ସଶକ୍ତ କରିବାରେ ଏକ ଅଗ୍ରଣୀ ପଦକ୍ଷେପ ନେଇଛି। ଏହି ମାଇଲଖୁଣ୍ଟ ଉକ୍ତ ବିଦ୍ୟାଳୟକୁ ପ୍ରଥମ ଏବଂ ଏକମାତ୍ର ଅନୁଷ୍ଠାନରେ ପରିଣତ କରିଛି, ଯାହାକି ଲାଞ୍ଜିଗଡ଼, ମୁନିଗୁଡ଼ା ଏବଂ ଆମ୍ଭୋଦଳାର ତିନୋଟି ପ୍ରମୁଖ ବ୍ଲକରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ଶୃଙ୍ଖଳା ପାଇଁ ନୂତନ ରାସ୍ତା ଖୋଲି ସମ୍ମାନଜନକ ଏନସିସି କାର୍ଯ୍ୟକ୍ରମ ପ୍ରଦାନ କରୁଛି। ଏହି ପଦକ୍ଷେପ ଅଧୀନରେ ବିଦ୍ୟାଳୟକୁ ୫୦ଟି ଏନସିସି ଆସନ ଆବଣ୍ଟନ କରାଯାଇଛି, ଯେଉଁଥିରେ ୨୦୨୫ ମସିହାରେ ୨୫ ଜଣ କ୍ୟାଡେଟ୍ ଏବଂ ୨୦୨୬ ମସିହାରେ ଆଉ ୨୫ ଜଣ କ୍ୟାଡେଟ୍ ସାମିଲ ହେବେ। ୨୦୨୬ ମସିହାରୁ, ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ କ୍ୟାଡେଟ୍ ପ୍ରତିବର୍ଷ ଯୋଗଦେବେ, ଯାହା ନେତୃତ୍ୱ, ଦଳଗତ କାର୍ଯ୍ୟ ଏବଂ ନାଗରିକ ଦାୟିତ୍ୱର ଏକ ସ୍ଥାୟୀ ସଂସ୍କୃତିକୁ ବଜାୟ ରଖିବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶୃଙ୍ଖଳା, ଦେଶପ୍ରେମ ଏବଂ ଗୋଷ୍ଠୀ ସେବାର ମୂଲ୍ୟବୋଧ ସୃଷ୍ଟି କରିବା, ବିଦ୍ୟାଳୟର ଶୈଖକ ଉତ୍କର୍ଷକୁ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ସହିତ ପରିପୂରକ କରିବା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଯୁବ ମାନସିକତାକୁ ସଶକ୍ତ କରିବା ହେଉଛି ଏକ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତି ପାଇଁ ମୂଳଦୁଆ। ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲରେ ଏନସିସି କାର୍ଯ୍ୟକ୍ରମକୁ ସକ୍ଷମ କରି, ଆମେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା ଏବଂ ବ୍ୟାପକ ଏକାଡେମିକ୍ ତଥା କ୍ୟାରିଅର୍ ସୁଯୋଗ ଖୋଜିବା ପାଇଁ ନୂତନ ରାସ୍ତା ଖୋଲିଛୁ। କଳାହାଣ୍ଡିରେ ଏକ ଆତ୍ମବିଶ୍ୱାସୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ



ଏହି ସମାରୋହରେ ଭବାନୀପାଟଣାର ଓଡ଼ିଶା ନୌସେନା ଏନସିସି ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଦର୍ଶନ ଏବଂ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁମାନେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କୁ ଏନସିସିର ଶୃଙ୍ଖଳା ଏବଂ ସେବାର ମୂଲ୍ୟବୋଧକୁ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏନସିସିରେ ଅଂଶଗ୍ରହଣ ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଏକାଡେମିକ୍ ଏବଂ କ୍ୟାରିଅର ସୁବିଧା ପ୍ରଦାନ କରିଥାଏ, ଯେଉଁଥିରେ ବିଶ୍ୱବିଦ୍ୟାଳୟ ନାମଲେଖା, ଛାତ୍ରବୃତ୍ତି, ଏବଂ ପ୍ରତିରକ୍ଷା ଏବଂ ସିଭିଲ୍ ସର୍ଭିସ୍ ପାଇଁ ନିଯୁକ୍ତି ଅନ୍ତର୍ଭୁକ୍ତ, ଯାହା ଆଶାଜନକ ସୁଯୋଗ ଏବଂ ସାମଗ୍ରିକ ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ଏହି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଲାଞ୍ଜିଗଡ଼ ଗ୍ରାମୀଣ ଓଡ଼ିଶାରେ ସମାବେଶୀ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ବୃହତ ଦୃଷ୍ଟିକୋଣ ସହିତ ମେଳ ଖାଇ ସାମଗ୍ରିକ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସ୍ଥାପିତ, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଲାଞ୍ଜିଗଡ଼ର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଯାହା ଶିକ୍ଷାଗତ ଶୂନ୍ୟସ୍ଥାନ ପୂରଣ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଆକାଂକ୍ଷାକୁ ଜାଗ୍ରତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅତ୍ୟାଧୁନିକ ଭିତ୍ତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ଏବଂ କମ୍ପ୍ୟୁଟର ପରୀକ୍ଷାଗାର ଏବଂ ଏକ ଜୀବନ୍ତ ଶିକ୍ଷଣ ପରିବେଶ ସହିତ, ବିଦ୍ୟାଳୟ ଆଜି ପ୍ରାୟ ୧୪୦୦ ଛାତ୍ରଙ୍କୁ ଶିକ୍ଷାଦାନ କରୁଛି, ଯେଉଁଥିରେ ଅଧିକାଂଶ ସ୍ଥାନୀୟ ସମ୍ପ୍ରଦାୟର। ବର୍ଷ ବର୍ଷ ଧରି, ଏହି ବିଦ୍ୟାଳୟ ଏହି ଅଞ୍ଚଳରେ ଶିକ୍ଷାଗତ ପରିବର୍ତ୍ତନର ଏକ ଆଲୋକବର୍ତ୍ତିକା ହୋଇପାରିଛି, ଯାହା ସାକ୍ଷରତା ସ୍ତରରେ ଉଲ୍ଲେଖନୀୟ ବୃଦ୍ଧିରେ ଯୋଗଦାନ ଦେଇଛି- ୨୦୦୧ରେ ୩୮.୪%ରୁ ୨୦୧୧ରେ ୫୯.୨୨%କୁ ବୃଦ୍ଧି ପାଇଛି ଏବଂ ଗୋଟିଏ ପିଢ଼ିର ଛାତ୍ରମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରେରଣା ଦେଇଛି।

ଖବର ଓଡ଼ିଶା

ଭୁବନେଶ୍ୱର
୨୨ ନଭେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭିଜିଲାନ୍ସ ଜାଲରେ ପାକ୍ସ ସଚିବ, ୪୦.୭୧ଲକ୍ଷ ଠକେଇ ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ଜାଲରେ ପାକ୍ସ ସଚିବ। ଦେଓଗଡ଼ ଜିଲ୍ଲାର କାଦୋପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ୪୦,୭୧,୬୪୪ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଛନ୍ତି।



ସୂଚନା ଅନୁସାରେ, ସରକାରୀ ଆକାଉଣ୍ଟିଂ ରେକର୍ଡରେ ହେରଫେର କରି ଯୋଜନାବଦ୍ଧ ଭାବରେ ଟଙ୍କା ହଡ଼ପ କରିଥିବାର ଅଭିଯୋଗ ଆସିଥିଲା। ଯାହା ସମବାୟର ଆର୍ଥିକ ସ୍ୱାସ୍ଥ୍ୟ ଏବଂ ସ୍ଥାନୀୟ ଚାଷୀ ସମ୍ପ୍ରଦାୟକୁ ସିଧାସଳଖ ପ୍ରଭାବିତ କରିଥିଲା। ଶ୍ରୀ ସାହୁ ଚାଷୀମାନଙ୍କ ଦ୍ୱାରା ଫେରସ୍ତ ଋଣ ପରିମାଣର ବିବରଣୀ ସରକାରୀ ରେକର୍ଡରେ ପ୍ରବେଶ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଥିଲା। ବିଶ୍ୱସ୍ତସୂତ୍ରରୁ ଖବରପାଇ ଭିଜିଲାନ୍ସ ସୁରେଶ ଚନ୍ଦ୍ର ସାହୁଙ୍କୁ ଗିରଫ କରାଯାଇ ସମ୍ବଲପୁର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି।

# ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଜୀବନ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକ୍ତ କରି ଜନମାନସରେ ଏକ ନୂତନ କ୍ରାନ୍ତି ଆଣି ଦେଇଥିଲା। ଓଡ଼ିଶାର ମାଟି, ପାଣି, ପବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ମହତାବ ସାରା ରାଜ୍ୟରେ ଏକ ସଚେତନ ବାତାବରଣ ସୃଷ୍ଟି କରିଥିଲେ। ମହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଓଡ଼ିଶା ଓ ଭାରତବର୍ଷର ରାଜନୀତିକୁ ସେ ଆଚ୍ଛନ୍ନ କରି ରଖିଥିଲେ। ସ୍ୱାଧୀନତା ସଂଗ୍ରାମ



ବ୍ୟତୀତ ସାହିତ୍ୟ ଓ ସଂସ୍କୃତିର ଅଗ୍ରଗତି ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ। ଶୁକ୍ରବାର ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ ଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀ କାର୍ଯ୍ୟକର୍ତ୍ତା, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଧାନସଭା ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ପ୍ରକାଶିତ ଏକ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଥିଲେ।

## ବାଂଲାଦେଶରେ ଭୂକମ୍ପ : ୩ ମୃତ

ଢାକା, ୨୧।୧୧

ଶୁକ୍ରବାର ସକାଳ ୧୦ଟା୧୦ରେ ବାଂଲାଦେଶର ବିଭିନ୍ନ ଜିଲ୍ଲାରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୭ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ବାଂଲାଦେଶ ଥିଲା। ଯାହା ଫଳରେ ପ୍ରାୟ ୧୭ ସେକେଣ୍ଡ ପାଇଁ ଭୂମି ଥରି ଉଠିଥିଲା, ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ଭୂମିକମ୍ପ ଯୋଗୁଁ ବାଂଲାଦେଶରେ ୩ ଜଣଙ୍କର ମୃତ୍ୟୁ ହୋଇଥିବ ସୂଚନା ରହିଛି। ଭୂମିକମ୍ପ ସମୁଦ୍ରପତ୍ତନରୁ ୧୦ କିଲୋମିଟର ଗଭୀରରେ ସୃଷ୍ଟି ହୋଇ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ବାଂଲାଦେଶ ଥିଲେ ମଧ୍ୟ ପଶ୍ଚିମବଙ୍ଗର ଅନେକ ଜିଲ୍ଲାରେ ଭୂମିକମ୍ପ ଅନୁଭୂତ ହୋଇଥିଲା। କୋଲକାତା ଏବଂ ଏହାର ପାଖାପାଖି ଜିଲ୍ଲାରେ ଭୂକମ୍ପ ଫଳରେ ଲୋକମାନେ ଭୟଭୀତ ହୋଇ ଘର ବାହାରକୁ ଦୌଡ଼ି ପଳାଇଥିଲେ। ବାଂଲାଦେଶରେ ଅନେକ କୋଠା ଭୁଶୁଡ଼ି ପଡ଼ିଛି।

# ବିଶିଷ୍ଟ କୋଇଲା ବ୍ୟବସାୟୀ ଏଲବି ସିଂଙ୍କ ଘରେ ଇଡି ଟିମ୍‌ର ଚଢ଼ଉ : ୧୮ଟି ସ୍ଥାନରେ ରେଡ୍

ଧାନବାଦ, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

କୋଇଲାଞ୍ଚଳର ବଡ଼ ବ୍ୟବସାୟୀ ଏଲ୍‌ବି ସିଂହଙ୍କ ଘରେ ଶୁକ୍ରବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଟିମ୍ ପହଞ୍ଚିବା ମାତ୍ରେ ସେ ତାଙ୍କ ପୋଷା କୁକୁରମାନଙ୍କୁ ଖୋଲିଦେଇଥିଲେ। ଏହି କାରଣରୁ ଟିମ୍‌କୁ ଘରଭିତରକୁ ପ୍ରବେଶ କରିବାରେ ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଥିଲା। କୁକୁରମାନଙ୍କୁ ବାନ୍ଧିବା ପରେ ଟିମ୍ ଘର ଭିତରେ ପ୍ରବେଶ କରିଥିଲା। ଇ.ଡି. ଟିମ୍ ଶ୍ରୀ ସିଂହ ଏବଂ ଅନ୍ୟାନ୍ୟ ବ୍ୟବସାୟୀଙ୍କ ୧୮ଟି ଠିକଣାରେ ରେଡ୍ କରିଛନ୍ତି।

ଏଲ୍‌ବି ସିଂହ ଭାରତ କୋକିଙ୍ଗ କୋଲ ଲିମିଟେଡ୍ (ବିସିସିଏଲ୍)ର ବିଶିଷ୍ଟ ଠିକାଦାର। ଔପଚାରିକ ସୂତ୍ର ଅନୁସାରେ, ବିସିସିଏଲ୍‌ର ଟେଣ୍ଡରରେ ହୋଇଥିବା ଅନିୟମିତତା ଏବଂ ଦୁର୍ନୀତି ଜଣାପଡ଼ିବା ପରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି। ଇ.ଡି.ର ରାଡାରରେ ଆସିଥିବା ଏହି କୋଇଲା ବ୍ୟବସାୟୀମାନଙ୍କ ମଧ୍ୟରେ ଅନିଲ୍ ଗୋଏଲ୍ ଏବଂ ସଞ୍ଜୟ ଖେମକା ମଧ୍ୟ ଅଛନ୍ତି।

ସୂଚନା ମିଳୁଛି ଯେ, କୋଲକାତାର ଇ.ଡି. ଟିମ୍ ପଶ୍ଚିମବଙ୍ଗରେ କୋଇଲା ବ୍ୟବସାୟ ସହିତ ସଂପୃକ୍ତ ଠିକାଦାର, ପରିବହନକାରୀ ଏବଂ କିଛି ଅଧିକାରୀମାନଙ୍କ ଠିକଣାରେ ମଧ୍ୟ ରେଡ୍ କରୁଛନ୍ତି। ଏଲ୍‌ବି ସିଂହଙ୍କ ଠିକଣାରେ ଆୟକର ବିଭାଗ ପୂର୍ବରୁ ମଧ୍ୟ ରେଡ୍ କରିଥିଲା। ସେହି କାର୍ଯ୍ୟାନୁଷ୍ଠାନରେ ଶ୍ରୀ ସିଂହ ସମ୍ବନ୍ଧୀୟ ଖାତାର ତଦନ୍ତ ସମୟରେ ୧୦୦ କୋଟି ଟଙ୍କା ନଗଦ ଜବତ ହୋଇଥିଲା। ବିସିସିଏଲ୍‌ରେ ଏଲ୍‌ବି ଶ୍ରୀ ସିଂହଙ୍କୁ ଟେଣ୍ଡର ଦେବାରେ ହୋଇଥିବା ଅନିୟମିତତାକୁ ସିବିଆଇ ଦ୍ୱାରା ଇସିଆଇଆର ଭାବେ ରେକର୍ଡ କରିବା ପରେ ଇ.ଡି. ତଦନ୍ତ ଆରମ୍ଭ କରିଥିଲା।

# ସଶକ୍ତ ମତ୍ସ୍ୟଜୀବୀ, ବିକଶିତ ଓଡ଼ିଶା : ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ

ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ମତ୍ସ୍ୟଚାଷ କ୍ଷେତ୍ରରେ ଆମ ପାଖରେ ବିପୁଳ ସମ୍ଭାବନା ରହିଛି। ଓଡ଼ିଶାରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳକ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ମତ୍ସ୍ୟ ସମ୍ପଦ ପାଇଁ ଅମୂଲ୍ୟ ବରଦାନ। ଏହାର ସଦୁପଯୋଗ କରି ଆଗକୁ ବଢିବା ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ଏହା ସହ କହିଥିଲେ, ଶ୍ରେଷ୍ଠ ହେବାକୁ ହେଲେ ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ।

ଏହି ଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀର ତାଳବଣିଆ (ତଳ ମହଲା) ଠାରେ ସ୍ୱାସ୍ଥ୍ୟକର ମାଛ ବଜାର, ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ସ୍ୱାସ୍ଥ୍ୟକର ଶୁଖୁଆ ବଜାର (ଉଭୟ ଖୁଚୁରା ଏବଂ ହୋଲସେଲ ବଜାର), ଅନୁଗୁଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ବିଏଫଓ କାର୍ଯ୍ୟାଳୟ ଭଳି ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏହା ସହ କଟକର ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତତ୍‌ସହିତ ମନ୍ତ୍ରୀ 'ଓଡ଼ିଶା ମତ୍ସ୍ୟ ୱେବ୍ ପୋର୍ଟାଲ୍'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର 'ବାର୍ଷିକ କାର୍ଯ୍ୟାବଳୀ ବିବରଣୀ' ଏବଂ




'ମତ୍ସ୍ୟ କ୍ଷେତ୍ର ମାର୍ଗଦର୍ଶିକା'ର ଉନ୍ମୋଚନ ହୋଇଥିଲା।

ଓଡ଼ିଶାର ରାଜ୍ୟ ମାଛର ମାନ୍ୟତା ପାଇଥିବା 'ମହାନଦୀ ମହାସୀର' ମାଛର ସୁରକ୍ଷା, ସରଂକ୍ଷଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଗବେଷଣା କରିବାକୁ ରାଜ୍ୟ ସରକାର ଓ ସିଫା ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସଂପୂର୍ଣ୍ଣ କରିଥିବା ପ୍ରକଳ୍ପଗୁଡିକ ପାଇଁ ସବ୍‌ସିଡି ପ୍ରଦାନ କରଯାଇଥିଲା। କଇଁଛଙ୍କ ସୁରକ୍ଷା ପାଇଁ ଟେଡ୍ ବିତରଣ କରାଯାଇଥିବା ବେଳେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ, ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ସୁବ୍ରତ ଦାଶ, ସିଫାର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, ଏମପେଡାର ଉପ ନିର୍ଦ୍ଦେଶକ ଆଚମନ୍ ଲହରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଜୟଆଲୁକ୍କାସ୍ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ' ଆରମ୍ଭ



ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ବିଶ୍ୱର ପ୍ରିୟ ଜୁଏଲର, ଜୟଆଲୁକ୍କାସ୍, ଭୁବନେଶ୍ୱରରେ ତାଙ୍କର ପ୍ରତୀକାତ୍ମକ ଭୁବନେଶ୍ୱରର ଶୋ'ରୁମ୍‌ରେ ୨୧ ନଭେମ୍ବରରୁ 'ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ' ସହ ଓଡ଼ିଶାକୁ ଆକର୍ଷିତ କରିବାକୁ ପ୍ରସ୍ତୁତ। ଏହି ବହୁ ଅପେକ୍ଷିତ ପ୍ରଦର୍ଶନୀ ଡାୟମଣ୍ଡ ଅଳଙ୍କାରର କାରୁକଳା, ଶୈଳୀ ଏବଂ ନୂତନତାର ଅବିସ୍ମରଣୀୟ ଉତ୍ସବ ପାଳନ କରିବାକୁ ପ୍ରତିବଦ୍ଧ।

ବିବାହ ଶୃଙ୍ଗାର ସେଟ୍‌ରୁ ଆଧୁନିକ ଦୈନନ୍ଦିନ ଚମକ ପର୍ଯ୍ୟନ୍ତ, ଏହି ପ୍ରଦର୍ଶନୀରେ ସେହି ସମସ୍ତ ପିସ୍ ଦର୍ଶାଯାଉଛି ଯାହା ସମୟଅନୁସାରୀ ପାରମ୍ପରିକତାକୁ ଆଧୁନିକ ସୌନ୍ଦର୍ଯ୍ୟ ସହିତ ମିଶାଏ। ପ୍ରତ୍ୟେକ ଡିଜାଇନ୍ ଏକ କଳାକୃତି, ଯାହା କେବଳ ପ୍ରଦର୍ଶନୀ ସମୟରେ ସୀମିତ ସମୟ ପାଇଁ ଉପଲବ୍ଧ।

ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟରମ୍ୟାନ ଡଃ ଜୟ ଆଲୁକ୍କାସ କହିଛନ୍ତି: "ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ ହେଉଛି ଡାୟମଣ୍ଡର ଅତୁଟ ସୌନ୍ଦର୍ଯ୍ୟ ପ୍ରତି ଆମର ସମ୍ମାନ ଏବଂ ଜୁଏଲରୀ ଡିଜାଇନ୍‌ରେ ଆମର ସଂପୂର୍ଣ୍ଣତା ପ୍ରତି ଆଗ୍ରହ। ଭୁବନେଶ୍ୱର ଆମର ଯାତ୍ରାରେ ଏକ ବିଶେଷ ସ୍ଥାନ ଧାରଣ କରିଛି ଏବଂ ଉତ୍ସବ ଋତୁରେ ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କ ପାଇଁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ସର୍ବୋତ୍ତମ ପ୍ରତିବିମ୍ବ ଦେଖିବାକୁ ଏକ ବିଶେଷ ସୁଯୋଗ ଦେବ।"

ଏହି ଅବସରକୁ ଚିହ୍ନିତ କରିବା ପାଇଁ, ପ୍ରଦର୍ଶନୀ ସମୟରେ ୧ ଲକ୍ଷ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଡାୟମଣ୍ଡ ଅଳଙ୍କାର କ୍ରୟ କରିଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ସୁବର୍ଣ୍ଣ ମୁଦ୍ରା ଦିଆଯିବ, ଯାହା ଶପିଙ୍ଗ୍ ଅନୁଭବକୁ ଅଧିକ ଆଲୋକିତ କରିବ।

ବ୍ରିଲିଆନ୍ସ ଡାୟମଣ୍ଡ ଜୁଏଲରୀ ଶୋ ଜୟଆଲୁକ୍କାସ୍, ଭୁବନେଶ୍ୱର ଶୋ'ରୁମ୍‌ରେ ୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବ। ପରିଦର୍ଶନକାରୀମାନେ ଏକ ଅଦ୍ଭୁତ ଡାୟମଣ୍ଡ ଜଗତକୁ ଅନୁସନ୍ଧାନ କରିବାକୁ ଆମନ୍ତ୍ରିତ, ଯେଉଁଠାରେ ପ୍ରତ୍ୟେକ ପିସ୍ ଆଭିଜାତ୍ୟ, ପ୍ରେମ ଏବଂ କାଳଜୟୀ ଆକର୍ଷଣର କାହାଣୀ କହନ୍ତି।

# ଭେଣ୍ଟିଲେଟରରୁ ବାହାରିଲେ ଅଭିଜିତ : ପରିବାର ଲୋକେ କହିଲେ ମୃତ୍ୟୁକୁ ନେଇ ଗୁଜବ କରନ୍ତୁନି

ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ଓଲିଉଡ଼ର ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟରେ ସାମାନ୍ୟ ସୁଧାର ଆସିଛି। କେହି ଡାକିଲେ ସେ ଆଖି ଖୋଲୁଛନ୍ତି। ଜିଭ ବି ଦେଖାଉଛନ୍ତି। ପ୍ରାୟ ଅଢେଇମାସ ପରେ ସେ କୋମାରୁ ଧୀରେ ଧୀରେ ବାହାରିଥିବା ଜଣାପଡ଼ିଛି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ବାହାର କରାଯାଇ ମେଡ଼ିସିନ ୱାର୍ଡ଼କୁ ସ୍ଥାନାନ୍ତର କରାଯାଇଥିବା ଭୁବନେଶ୍ୱର ଏମ୍ସ ସ୍ୱାସ୍ଥ୍ୟ ବୁଲେଟିନରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ତାଙ୍କର ଭାଇଟାଲସ୍ଥିର ରହିଛି। ଅଭିଜିତ ସୁସ୍ଥ



ହେଉଥିବା ଖବରପାଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ଅନ୍ୟପଟେ ପରିବାର ଲୋକେ ଅଭିଜିତଙ୍କ ମୃତ୍ୟୁକୁ ନେଇ ଗୁଜବ ନ କରିବାକୁ ନିବେଦନ କରିଛନ୍ତି। ଅଭିଜିତ ମଜୁମଦାର ଏବେ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ହେଲେ ଗତ କିଛିଦିନ ହେବ ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରାଯାଇଥିବା ଗୁଜବ ହେଉଛି। ଯାହାକୁ ଖଣ୍ଡନ କରିଛନ୍ତି ଏମ୍ସ।




# ବଢ଼ିଲା ହ୍ୟୁମାନ ସାଗରଙ୍କ ମ୍ୟାନେଜରଙ୍କ ଅଡୁଆ

ଭୁବନେଶ୍ୱର, ୨୧।୧୧

ନ୍ୟୁଜ୍‌ବ୍ୟୁରୋ

ବଢିଲା ହ୍ୟୁମାନ ସାଗରଙ୍କ ମ୍ୟାନେଜରଙ୍କ ଅଡୁଆ। ଫସିବେ ୨ ମ୍ୟାନେଜର। ଥାନାରେ ପହଞ୍ଚିଲା କଥା। ଦିନେଶ ବେହେରା ଓ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ବଲାଙ୍ଗୀର ଟାଉନ ଥାନାରେ ଏତଲା। ହ୍ୟୁମାନ ସାଗରଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ଜୋର ଜବରଦସ୍ତି କାମ କରାଇ ତାଙ୍କୁ ପ୍ରାୟୋଜିତ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହା ସହ ହ୍ୟୁମାନ ସାଗରଙ୍କ ମା'ଙ୍କୁ ଦୁର୍ବ୍ୟବହାର କରି ଅପଶବ୍ଦ ବ୍ୟବହାର କରାଯାଇଥିବା ଏତଲାରେ ଦର୍ଶାଯାଇଛି। ବଲାଙ୍ଗୀର ସାମାଜିକ ଓ କୋଶଳ ସଂଗଠନ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି।

ସୂଚନାନୁଯାୟୀ, ଓଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ପରେ ତାଙ୍କ ମା' ଶେଫାଳି ସୁନା ସାଙ୍ଘାତିକ ଅଭିଯୋଗ ଆଣିଥିଲେ। ପୁଅ ମୃତ୍ୟୁ ପଛରେ ୩ ଜଣଙ୍କୁ ଦାୟୀ କରିଥିଲେ। ହ୍ୟୁମାନଙ୍କ ମରିବା ପଛରେ ତାଙ୍କର ଦୁଇ ମ୍ୟାନେଜର ଦିନେଶ ବେହେରା ଓ ପ୍ରଶାନ୍ତ ବେହେରା ଓ ଅନ୍ୟ ଜଣେ ଯୁବତୀଙ୍କ ହାତ ଥିବା କହିଥିଲେ। ହ୍ୟୁମାନଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ଷ୍ଟେଜ୍ ସୋ' କରାଉଥିବା କହିଥିଲେ। ଏହାକୁ ନେଇ ଏମ୍ସ ହସ୍ପିଟାଲ ବାହାରେ ତୁମୁଳ କାଣ୍ଡ ଦେଖିବାକୁ ମିଳିଥିଲା। ହ୍ୟୁମାନଙ୍କ ମା' ଓ ତାଙ୍କ ମ୍ୟାନେଜରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ହ୍ୟୁମାନଙ୍କ ଜଣେ ମ୍ୟାନେଜର ଶେଫାଳି ସୁନାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ ମଧ୍ୟ କରିଥିଲେ।

